

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୦୮ ଜୁଲାଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 08 JULY 2025

Vol.No. 36 ■ No.179 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଖୁବ୍ ଶୀଘ୍ର ପ୍ରକାଶ ପାଇବ
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net

# ସତ ମାନିଲା ତହବ୍ବୁର: ୨୬/୧୧ ଆକ୍ରମଣର ସ୍ୱୀକାର କଲା ଦୋଷ

## ଖୋଲିଲେ ପାକିସ୍ତାନ ସେନାର ପୋଲ୍



ନୂଆଦିଲ୍ଲୀ,୦୭/୭ : ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ତହୱୁର ରାଣା ପାକିସ୍ତାନକୁ ନେଇ ଏକ ବଡ଼ ଖୁଲାସା କରିଛନ୍ତି। ତହୱୁର କହିଛନ୍ତି ଯେ ସେ ପାକିସ୍ତାନୀ ସେନାର ସବୁଠାରୁ ବିଶ୍ୱସ୍ତ ଏଜେଣ୍ଟ ଥିଲେ। ସେ ମୁମ୍ବାଇରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଷଡ଼ଯନ୍ତ୍ରରେ ସାମିଲ ଥିବା ମଧ ସ୍ୱୀକାର କରିଛନ୍ତି। ତହୱୁର ବର୍ତ୍ତମାନ ଘଓଇ ର ହେପାଜତରେ ଅଛନ୍ତି ଏବଂ ଦିଲ୍ଲୀର ତିହାର ଜେଲରେ ଅଛନ୍ତି। ମୁମ୍ବାଇ ପୋଲିସ କ୍ରାଇମବ୍ରାଞ୍ଚ ତାଙ୍କୁ ପଚରାଉଚରା କରୁଛନ୍ତି। ସଦ୍ୟତମ ସୂଚନା ଅନୁଯାୟୀ, ମୁମ୍ବାଇ ପୋଲିସର କ୍ରାଇମବ୍ରାଞ୍ଚ ଦ୍ୱାରା ପଚରାଉଚରା ସମୟରେ, ତହୱୁର ୨୦୦୮ ମୁମ୍ବାଇ ଆକ୍ରମଣ, ପାକିସ୍ତାନ ଏବଂ ଓ୫ ବିଷୟରେ ଅନେକ ବଡ଼ ତଥ୍ୟ ଦେଇଛନ୍ତି। ତହୱୁର ଦାବି କରିଛନ୍ତି ଯେ ସେ ପାକିସ୍ତାନୀ ସେନାର ସବୁଠାରୁ ବିଶ୍ୱସ୍ତ ଏଜେଣ୍ଟ ଥିଲେ ଏବଂ ଉପସାଗର ଯୁଦ୍ଧ ସମୟରେ ସାଉଦି ଆରବରେ ନିଯୁକ୍ତ ଥିଲେ। ତହୱୁର ଏହା ମଧ କହିଛନ୍ତି ଯେ ସେ ଅନେକ ଥର ପାକିସ୍ତାନ ସ୍ଥିତ ଲସ୍କର-ଏ-ତୋଇବା ତାଲିମ କେନ୍ଦ୍ର ପରିଦର୍ଶନ କରିଥିଲେ। ସେ ଏଠାରେ ତାଲିମ ନେଇଥିଲେ। ପଚରାଉଚରା ସମୟରେ, ତହୱୁର କହିଛନ୍ତି ଯେ ମୁମ୍ବାଇରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ସମ୍ପୂର୍ଣ୍ଣ ଯୋଜନା ସହିତ କରାଯାଇଥିଲା। ଆକ୍ରମଣ ପୂର୍ବରୁ ସେ ଅନେକ ସ୍ଥାନରେ ଘୁରି ବୁଲୁଥିଲେ। ଏଥିରେ ଛତ୍ରପତି ଶିବାଜୀ ମହାରାଜ ଟର୍ମିନସ ଅନ୍ତର୍ଭୁକ୍ତ। ରାଣା କହିଛନ୍ତି ଯେ ୨୬/୧୧ ଆକ୍ରମଣ ପାକିସ୍ତାନର ଆଇଏସଆଇର ତତ୍ତ୍ୱାବଧାନରେ ହୋଇଥିଲା। ପାକ ସେନା ତାଙ୍କୁ ଅନେକ ସ୍ଥାନକୁ ପଠାଇଥିଲା। ସେ ଭାରତ ସହିତ ସାଉଦି ଆରବରେ ମଧ ରହୁଛନ୍ତି। ତହୱୁର ରାଣାଙ୍କ ନ୍ୟାୟିକ ହାଜତ ବୃଦ୍ଧି କରାଯାଇଥିଲା। ରାଣାଙ୍କ ପରବର୍ତ୍ତୀ କୋର୍ଟ ହାଜର ଜୁଲାଇ ୯ରେ। ସୁରକ୍ଷା କାରଣରୁ ତାଙ୍କର ପୂର୍ବ ଶୁଣାଣି ଭର୍ଚୁଆଲ ମୋଡ ମାଧମରେ କରାଯାଇଥିଲା। ରାଣାଙ୍କ ଓକିଲ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଚିନ୍ତା ପ୍ରକଟ କରିଥିଲେ। ଯୁକ୍ତିକୁ ବିଚାର କରି କୋର୍ଟ ତିହାର ଅଧିକାରୀଙ୍କୁ ଜୁନ ୯ ସୁଦ୍ଧା ମାମଲାର ସ୍ଥିତି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତହୱୁରଙ୍କ ପରବର୍ତ୍ତୀ ଶୁଣାଣି ଭର୍ଚୁଆଲ ମୋଡ ମାଧମରେ ମଧ କରାଯାଇପାରିବ। ତହୱୁର ଏବଂ ଆତଙ୍କବାଦୀ ଡେଭିଡ ହେଡଲିଙ୍କ ମଧରେ ବହୁତ ଭଲ ବନ୍ଧୁତା ଥିଲା। ହେଡଲି ପଚରାଉଚରା ସମୟରେ ତହୱୁରଙ୍କ କଥା ଉଲ୍ଲେଖ କରିଥିଲେ।

## ହସ୍ପିଟାଲରୁ ଡିସଚାର୍ଜ ହେଲେ ନବୀନ ପଟ୍ଟନାୟକ

ଭୁବନେଶ୍ୱର, ୦୭/୭ (ନି.ପ୍ର): ହସ୍ପିଟାଲରୁ ଡିସଚାର୍ଜ ହେଲେ ନବୀନ ପଟ୍ଟନାୟକ । ମୁମ୍ବାଇର କୋକିଳାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରୁ ଡିସଚାର୍ଜ । ସର୍ଭାଇକାଲ୍ ଆର୍ଥ୍ରାଇଟ୍ ସ ଅସ୍ତ୍ରୋପଚାର ପାଇଁ ଭର୍ତ୍ତି ହୋଇଥିଲେ । ଡାକ୍ତରଙ୍କ ପରାମର୍ଶରେ ଆଉ କିଛି ଦିନ ମୁମ୍ବାଇରେ ରହିବେ । ସୂଚନା ଦେଲେ ନବୀନଙ୍କ ରାଜନୈତିକ ସଚିବ ସନ୍ତୃପ୍ତ ମିଶ୍ର । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅସ୍ତ୍ରୋପଚାର ସଫଳତାର ସହ ସମ୍ପନ୍ନ ହୋଇଥିଲା । ସର୍ଭାଇକାଲ ଆର୍ଥ୍ରାଇଟସ୍‌ସର ଅସ୍ତ୍ରୋପଚାର ସଫଳ ହୋଇଥିଲା । ମୁମ୍ବାଇର କୋକିଳା ବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲ୍‌ରେ ଅସ୍ତ୍ରୋପଚାର ହୋଇଥିଲା । ନବୀନଙ୍କ ବ୍ୟକ୍ତିଗତ ଡାକ୍ତର ଡକ୍ଟର ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ଅସ୍ତ୍ରୋପଚାର ଚାଲିଥିଲା । ମୋଟ ୪ ଘଣ୍ଟାର ଅପରେସନରେ ୨ ଘଣ୍ଟାର ମେଜର ଅପରେସନ ରହିଥିଲା । ସୂଚନାଯୋଗ୍ୟ, ଗତ ଜୁନ୍ ୨୦ ତାରିଖରେ ନବୀନ ପଟ୍ଟନାୟକ ସର୍ଭିକାଲ ଆର୍ଥ୍ରାଇଟିସ୍ ସମସ୍ୟାର ଚିକିତ୍ସା ପାଇଁ ଭୁବନେଶ୍ୱରରୁ ମୁମ୍ବାଇ ଯାଇଥିଲେ ନବୀନ। ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ଭୁବନେଶ୍ୱର ରାମ ମନ୍ଦିରରେ ୨୦୧ ସମୂହ ଦୀପଦାନ କରିଥିଲା ବିଜେଡି। ଦଳୀୟ ବିଧାୟକ ଏବଂ ନେତା ଉପସ୍ଥିତ ରହି ଦୀପଦାନ ସହ ଆଶୁ ଆରୋଗ୍ୟ କାମନା କରିଥିଲେ। ସେହିପରି କଟକ ଗଡ଼ଗଡ଼ିଆ ମନ୍ଦିରରେ ମଧ ବିଜେଡି ପକ୍ଷରୁ ସମୂହ ଦୀପଦାନ କରାଯାଇଥିଲା।

## ରାଜ୍ୟରେ ଖୁବ୍‌ଶୀଘ୍ର ବାହାରିବ ନୂଆ ନିଯୁକ୍ତି: ପ୍ରକ୍ରିୟା ଆରମ୍ଭ କଲେ ସରକାର



ଭୁବନେଶ୍ୱର, ୦୭/୭ (ନି.ପ୍ର): ରାଜ୍ୟରେ ଖୁବଶୀଘ୍ର ବଡ଼ ନିଯକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ କରିବାକୁ ଯାଉଛନ୍ତି ସରକାର । କେଉଁ ବିଭାଗରେ କେତେ ପଦବୀ ଖାଲି ପଡ଼ିଛି ସେ ନେଇ ତଥ୍ୟ ମାଗିଛି ସାଧାରଣ ପ୍ରଶାସନ ବିଭାଗ । ଯଦି ସବୁ ଠିକଠାକ୍ ଚାଲେ ତାହାହେଲେ ପ୍ରାୟ ଲକ୍ଷେ ପଦ ନିଯୁକ୍ତି ପାଇଁ ବାଟ ଫିଟିବ । ରାଜ୍ୟର ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଅଣ୍ଟାଭିଡିଛନ୍ତି ସରକାର । ଖୁବଶୀଘ୍ର ବସିବ ସଚିବସ୍ତରୀୟ ବୈଠକ । ତା ପୂର୍ବରୁ ବିଭିନ୍ନ ବିଭାଗରେ ଖାଲିପଡ଼ିଥିବା ପଦବୀର ତାଲିକା ଦେବାକୁ ସବୁ ବିଭାଗକୁ କହିଛି ସାଧାରଣ ପ୍ରଶାସନ ବିଭାଗ । କେଉଁ ବିଭାଗରେ କେତେ ପଦବୀ ଖାଲି ପଡିଛି, କେତେ ପୂରଣ ହୋଇଛି, ତାହାକୁ ନିଯୁକ୍ତି ପୋର୍ଟାଲରେ ଦର୍ଶାଇବାକୁ ନିର୍ଦ୍ଦେଶ ଦିଆଯାଇଛି । କାରଣ ଭିଜନ-୨୦୩୬ କଥା କହୁଥିବା ସରକାର ନିଯକ୍ତିକୁ ଗୁରୁତ୍ୱ ଦେଇଛନ୍ତି । ବର୍ତ୍ତମାନ ସୁଦ୍ଧା ୪୧ଟି ବିଭାଗରେ ମଞ୍ଜୁରୀପ୍ରାପ୍ତ ପଦ ହେଉଛି ୩ ଲକ୍ଷ ୮୭ହଜାର ୭୦୬ । ଖାଲିପଡ଼ିଛି ୯୬ ହଜାର ୮୫୪ ପଦ । ୨୬ହଜାର ୫୮୨ ପଦ ପୂରଣ ପାଇଁ ମଞ୍ଜୁରୀ ମିଳିଛି । ବିଶେଷକରି ସ୍ୱାସ୍ଥ୍ୟ, ଗୃହ, ସ୍କୁଲ ଓ ଗଣଶିକ୍ଷା, କୃଷି ଓ ପଶୁସମ୍ପଦ ବିଭାଗ ଭଳି ପ୍ରମୁଖ ବିଭାଗରେ ଅନେକ ପଦ ଖାଲି ପଡ଼ିଛି । ବଡ଼ ବଡ଼ ବିଭାଗରେ କାମ କରିବାକୁ ଅଫିସର ଓ କର୍ମଚାରୀ ନାହାନ୍ତି, ଯାହା ବେଶ ଚିନ୍ତାଜନକ । ସେପଟେ ପଞ୍ଚାୟତରାଜମନ୍ତ୍ରୀ ରବିନାୟକ କହିଛନ୍ତି, ଖୁବଶୀଘ୍ର ନିଯୁକ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ । ଯେଉଁ ଯେଉଁ ବିଭାଗରେ ପଦ ଖାଲିପଡ଼ିଛି, ସେଠାରେ ନୋଡାଲ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛି । ଏମାନେ ସଂପୃକ୍ତ ବିଭାଗ ସହ ଆଲୋଚନା କରି ନିଯୁକ୍ତି ପ୍ରକ୍ରିୟାକୁ ଆଗକୁ ବଢାଇବେ ।

## ରଥାରୁଢ଼ ଶ୍ରୀଜିଉଙ୍କୁ ଲାଗିହେଲା ଅଧରପଣା: ଆଜି ନୀଳାଦ୍ରି ବିଜେ



ପୁରୀ, ୦୭/୭ (ନି.ପ୍ର): ରଥାରୁଢ଼ ଶ୍ରୀଜିଉମାନଙ୍କ ଠାରେ ଆଜି ଅଧରପଣା ଲାଗି ହୋଇଛି। ପ୍ରଥମେ ବଡ଼ଠାକୁରଙ୍କ ଠାରେ ଏହି ନୀତିର ଆୟୋଜନ କରାଯାଇଛି। ତାପରେ ଦେବୀ ସଭଦ୍ରାଙ୍କ ଠାରେ ଅଧରପଣା ଲାଗି ହୋଇଛି। ଶେଷରେ ମହାପ୍ରଭୁ ଜଗନ୍ନାଥଙ୍କୁ ଅଧରପଣା ନୀତିର ଆୟୋଜନ କରାଯାଇଛି। ଅଧରପଣା ଲାଗି ପରେ ତିନି ରଥ ଉପରେ ହାଣ୍ଡି ଭଙ୍ଗାଯାଇଛି।

▶▶ପୃଷ୍ଠା ୭

## ବିପଦ ସଙ୍କେତରେ ନାହିଁ କୌଣସି ନଦୀ: ଜିଲ୍ଲାପାଳଙ୍କୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୦୭/୭ (ନି.ପ୍ର): କୌଣସି ନଦୀରେ ବିପଦ ସଙ୍କେତ ସ୍ଥିତି ନାହିଁ । କିନ୍ତୁ ନଦୀ ଗୁଡିକରେ ଜଳସ୍ତର ବଢୁଛି । ସେପଟେ ଅତ୍ୟାଧିକ ବର୍ଷା ଯୋଗୁଁ ଭଦ୍ରକ, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ରେ କ୍ଷୟକ୍ଷତି ହୋଇଛି । ତଳି ଅଞ୍ଚଳରେ ବର୍ଷା ପାଣି ରହିଛି । କେଉଁଠି ବି ବନ୍ୟା ପାଣି ପଶି ନାହିଁ । ଜିଲ୍ଲାପାଳ ମାନଙ୍କୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି ଯେ, ରିଲିଫ ଏବଂ ବନ୍ୟା ଆଶ୍ରୟ ସ୍ଥଳୀ ପ୍ରସ୍ତୁତ ରହିଛି । ଓଡ୍ରାଫ ଏବଂ ଏନଡିଆରଏଫ ଟିମ୍ ମୁତୟନ ଅଛନ୍ତି । ଯଦି ବନ୍ୟା ସ୍ଥିତି ଉପୁଜେ ସରକାର ପ୍ରସ୍ତୁତ ଅଛନ୍ତି ।

## ପ୍ରକାଶ ପାଇଲା ଯୁକ୍ତ ଦୁଇ କଟ୍ ଅଫ୍ ମାର୍କ : ଆଗରେ ରେଭେନ୍ସା

ଭୁବନେଶ୍ୱର, ୦୭/୭ (ନି.ପ୍ର): ପ୍ରକାଶ ପାଇଲା ଯୁକ୍ତ ଦୁଇ ପ୍ରଥମ ମେଧା ତାଲିକା। କଟ୍ ଅଫ୍ ମାର୍କରେ ରେଭେନ୍ସା ଆଗରେ ରହିଛି। କଳା, ବିଜ୍ଞାନ ଓ ବାଣିଜ୍ୟରେ ରେଭେନ୍ସା ଆଗରେ ରହିଛି। କଳାରେ ୮୧.୩୩ ପ୍ରତିଶତ, ବିଜ୍ଞାନରେ ୯୧.୮୩ ପ୍ରତିଶତ କଟ୍ ଅଫ୍ ମାର୍କ ରହିଛି। ସେହିପରି ବାଣିଜ୍ୟରେ ୮୦.୨୦ ପ୍ରତିଶତ କଟ୍ ଅଫ୍ ମାର୍କ ରହିଛି। ଆସନ୍ତାକାଲିଠାରୁ ୧୪ ତାରିଖ ମଧରେ ନାମଲେଖା ହେବ।

▶▶ପୃଷ୍ଠା ୭

## ବଜ୍ରପାତରେ ଯୁବଚାଷୀଙ୍କ ମୃତ୍ୟୁ

ଖଇରା, ୦୭/୭ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁରୁଣ୍ଡା ଗ୍ରାମର ଯୁବ ଚାଷୀ ଚନ୍ଦ୍ରକାନ୍ତ ପଣ୍ଡା(୨୫)ଙ୍କର ବଜ୍ରପାତରେ ମୃତ୍ୟୁ ଘଟିଛି । ସୋମବାର ଅପରାହ୍ନରେ ଟ୍ରାକ୍ଟର ଡାକି ବିଲରେ ହଳ କରୁଥିବା ବେଳେ ବଜ୍ରପାତ ଯୋଗୁଁ ସଜ୍ଞାହୀନ ହୋଇ ପଡିଥିଲେ । ପରିବାର ଲୋକଙ୍କୁ ଖବର ଦିଆଯିବା ପରେ ଚିକିତ୍ସାପାଇଁ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଉଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ ।

## ପୁଣି ବିଜେପିର ମଙ୍ଗୁଆଳ ହେଲେ ମନମୋହନ ସାମଲ

### କେନ୍ଦ୍ରରୁ ଗ୍ରୀନ୍ ସିଗନାଲ ପରେ ଏକମାତ୍ର ପ୍ରାର୍ଥୀ ଭାବେ ଦାଖଲ କଲେ ନାମାଙ୍କନ



ଭୁବନେଶ୍ୱର, ୦୭/୭ (ନି.ପ୍ର): ଦୀର୍ଘ ଦିନର ଛକାପଞ୍ଝା ପରେ ପୁଣି ଥରେ ରାଜ୍ୟ ବିଜେପିକୁ ମିଳିଛି ମଙ୍ଗୁଆଳ । ମନମୋହନ ସାମଲଙ୍କୁ ପୁଣି ଥରେ ଦଳ ଭରସା କରିବ ନା ଆଉ କାହାକୁ ବାଛିବ ସେ ନେଇ ଚର୍ଚ୍ଚା ଭିତରେ ଆଜି ହୋଇଛି ନାମାଙ୍କନ ଦାଖଲ । ଆଉ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିବାରୁ ମନମୋହନ ହିଁ ପୁଣି ଥରେ ରାଜ୍ୟ ବିଜେପିର ମଙ୍ଗ ଧରିବେ ଏହା ସ୍ପଷ୍ଟ ହୋଇଛି । ବିଜେପିର ରାଜ୍ୟ ସଭାପତି ପଦକୁ ନେଇ ଲାଗି ରହିଥିବା କଳ୍ପନା ଜଳ୍ପନାର ଏକପ୍ରକାର ଅନ୍ତ ଘଟିଛି । ମନମୋହନ ସାମଲ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିବା ପରେ ସେ ହିଁ ପୁଣି ଥରେ ରାଜ୍ୟ ବିଜେପି ସଭାପତି ହେବା ନିଶ୍ଚିତ ହୋଇଛି । ସଭାପତି ନିର୍ବାଚନ ପାଇଁ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଦିନ ତମାମ ଲାଗି ରହିଥିଲା ଗହଳି ଚହଳି । ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଦଳୀୟ ବିଧାୟକ, ମନ୍ତ୍ରୀ, ସାଂସଦ ଓ ଅନ୍ୟ ନେତା ପହଞ୍ଚିଥିଲେ । କିଏ କିଏ ନାମାଙ୍କନ ଦାଖଲ କରିବେ ସେ ନେଇ ଭିନ୍ନ ଭିନ୍ନ ଚର୍ଚ୍ଚା ହେଉଥିଲା ।

▶▶ପୃଷ୍ଠା ୭

## ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଲେ ଚାରିଜଣ ସରକାରୀ ବାବୁ




ଜଗତସିଂହପୁର/ରେଢ଼ାଖୋଲ, ୦୭/୭ (ନି.ପ୍ର): ଟଙ୍କା ଲାଞ୍ଚ ନେବା ବେଳେ ଆଜି ଚାରିଜଣ ସରକାରୀ ବାବୁ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି)ର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶିବ ପ୍ରସାଦ ସେଠୀ, ତାଙ୍କ ସହଯୋଗୀ ସୂର୍ଯ୍ୟନାରାୟଣ ଚୌଧୁରୀ, ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ପଶୁଚିକିତ୍ସା ଅଧିକାରୀ ଶୁଭ ପ୍ରକାଶ ସୋରେନ ଓ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ମହେଶ୍ୱର ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ହାତରେ ଧଣାପଡ଼ିଛନ୍ତି। ଅଭିଯୋଗକାରୀଙ୍କ ସପକ୍ଷରେ ଏକ ପୋଷ୍ଟମର୍ଟମ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ଡାକ୍ତର ଶିବ ପ୍ରସାଦ ସେଠୀ ୧୦ ହଜାର ଟଙ୍କା ଦାବି କରିଥିଲେ। ଆଜି ଏହି ଟଙ୍କା ଲାଞ୍ଚ ନେବା ବେଳେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଭିଜିଲାନ୍ସ ଚଢ଼ାଉ କରିଥିଲା ଏବଂ ରଂଗବୋଳା ଟଙ୍କା ଘଟଣାସ୍ଥଳରୁ ଜବତ କରିଥିଲା। ଏହି ମାମଲାରେ ଶ୍ରୀ ସେଠୀଙ୍କ ସହଯୋଗୀ ମଧ ସଂପୃକ୍ତ ଥିଲେ। ରେଢ଼ାଖୋଲ ବ୍ଲକ ପଶୁ ଚିକିତ୍ସାଧୀକାରୀ ଡକ୍ଟର ଶୁଭ ପ୍ରକାଶ ସୋରେନ ଏବଂ ପିଏ ମହେଶ୍ୱର ସାହୁଙ୍କୁ ଜଣେ ହିତାଧିକାରୀଙ୍କ ଠାରୁ ୫,୦୦୦ ଟଙ୍କା ଲାଞ୍ଚ ଦାବି କରିବା ଏବଂ ନେବା ସମୟରେ ଓଡ଼ିଶା ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଅଭିଯୋଗକାରୀଙ୍କ ସପକ୍ଷରେ ବ୍ରଏଲର ଫାର୍ମ ସ୍ଥାପନ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ସବସିଡି ରାଶି ୫୪,୦୦୦ ଟଙ୍କା ପ୍ରଦାନ କରିବା ପାଇଁ ସେମାନେ ଲାଞ୍ଚ ନେଉଥିଲେ। ଅଭିଯୋଗକାରୀ ଓଡ଼ିଶା ସରକାରଙ୍କ ଗୋ-ସୁଗମ ଯୋଜନା ଅଧୀନରେ ହିତାଧିକାରୀ ହୋଇଥିବାରୁ ୨୦୨୫ ଅପ୍ରେଲରେ ବ୍ରଏଲର ଫାର୍ମ ନିର୍ମାଣ କରିସାରିଥିଲେ ଏବଂ ମୋଟ ସବସିଡି ରାଶି ୯୦,୦୦୦ ଟଙ୍କା ପାଇବାକୁ ଯୋଗ୍ୟ ଥିଲେ। ଡକ୍ଟର ସୋରେନଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ସବସିଡି ରାଶି

▶▶ପୃଷ୍ଠା ୭

## ସରିଲା ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାମ: ଗଣତିମଣତି ପରେ ମେଳ କରାଯିବ ତାଲିକା



ପୁରୀ, ୦୭/୭ (ନି.ପ୍ର): ରତ୍ନଭଣ୍ଡାର ଖୋଲାଯିବାକୁ ପ୍ରାୟ ୧ ବର୍ଷ ପୂରିବାକୁ ଯାଉଥିବାବେଳେ, ଏହାର କିଛି ପୂର୍ବରୁ ଆସିଛି ଏକ ଭଲ ଖବର। ସୁରୁଖୁରୁରେ ସରିଛି ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାମ। ସୋମବାର ରତ୍ନଭଣ୍ଡାର ମରାମତି କାମ ଶେଷ ହୋଇଥିବା ନେଇ ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ। ଗଣମାଧମକୁ ସୂଚନା ଦେଇ ଶ୍ରୀମନ୍ଦର ମୁଖ୍ୟ ପ୍ରଶାସକ କହିଛନ୍ତି, ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ ୨୦୨୪ ଜୁଲାଇ ୧୪ରେ ରତ୍ନଭଣ୍ଡାର ଖୋଲାଯାଇଥିଲା, ଏହା ପରେ ରତ୍ନଭଣ୍ଡାରେ ଥିବା ଅଳଙ୍କାର ଏବଂ ଅନ୍ୟାନ୍ୟ ସାମଗ୍ରୀକୁ ଅସ୍ଥାୟୀ ଭଣ୍ଡାର ଘରକୁ ସ୍ଥାନାନ୍ତର କରାଯିବା ପରେ ୨୦୨୪ ଡିସେମ୍ବର ୧୭ ମରାମତି କାମ ଆରମ୍ଭ ହୋଇଥିଲା। ଶେଷରେ ପ୍ରାୟ ୬ ମାସ ପରେ ସୋମବାର ମରାମତି କାମ ସରିଛି।

▶▶ପୃଷ୍ଠା ୭

# ଜୁଲାଇ ୯ ତାରିଖ ସର୍ବଭାରତୀୟ ଧର୍ମଘଟକୁ ସଫଳତା ପାଇଁ ପ୍ରସ୍ତୁତି ବୈଠକ

ଜୟପୁର, ୦୭/୦୭ (ନି.ପ୍ର): ସମସ୍ତ କେନ୍ଦ୍ରୀୟ ଟ୍ରେଡ ୟୁନିଅନ ମାନଙ୍କ ଆହ୍ୱାନ ରେ ଆସନ୍ତା ଜୁଲାଇ ୯ ତାରିଖ ସର୍ବଭାରତୀୟ ଧର୍ମଘଟକୁ ସଫଳ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଶ୍ରମିକ କର୍ମଚାରୀ ଭବନ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଚାରୋଟି ଶ୍ରମ କୋଡ଼ ବାତିଲ୍ କରିବା , ସର୍ବନିମ୍ନ ମଜୁରୀ ୨୬୦୦/ ଟଙ୍କା ଘୋଷଣା କରିବା, ଆଶା, ଅଙ୍ଗନବାଡ଼ି, ପାଚିକା ସହାୟିକା ସମସ୍ତ ଙ୍କୁ ଶ୍ରମିକ ମାନ୍ୟତା ଦେବା, ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରିବା ସହ ସର୍ବନିମ୍ନ ପେନସନ ୯୦୦୦/ ଟଙ୍କା ଘୋଷଣା କରିବା , ଦରଦାମ୍ ବୃଦ୍ଧି ରୋକିବା , ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେବା, ସମସ୍ତ ସରକାରୀ ପଦପଦବୀ କୁ ପୁରଣ କରିବା ଆଦି ଦାବିରେ ଏହି ସାଧାରଣ ଧର୍ମଘଟକୁ ସଫଳ କରିବା ପାଇଁ ଏଆଇଟିୟୁସି, ସିଆଇଟିୟୁ,ଏଆଇୟୁଟିୟୁସି, ଆଇଏନଟିୟୁସି, ଇପିଏଫ ପେନସନର୍ସ ଆସୋସିଏସନ୍ ଓ ସିଟି କୋଅର୍ଡିନେସନ୍ କମିଟିର ପ୍ରତିନିଧି ମାନେ ଏହି ବୈଠକରେ ଯୋଗ ଦେଇ ଧର୍ମଘଟ କୁ ସଫଳ କରିବା ପାଇଁ ଆହ୍ୱାନ ଦେଇଛନ୍ତି । ବୈଠକରେ ସର୍ବଶ୍ରୀ ସୁବାଷ ଭଟ୍ଟାଚାର୍ଯ୍ୟ, ପ୍ରମୋଦ କୁମାର ମହାନ୍ତି,ରଞ୍ଜନ ମହାପାତ୍ର,କେ ଭଗବାନ ରେଡ୍ଡୀ, ଉତମ ମଲ୍ଲିକ, ଯୁଧିଷ୍ଠିର ରାଉଳ ପ୍ରମୁଖ ଯୋଗଦାନ କରି ମତ ରଖିଥିଲେ । ସେଦିନ ଧର୍ମଘଟକୁ ସଫଳ କରିବା ପାଇଁ ଜନସାଧାରଣଙ୍କୁ ନିବେଦନ କରାଯାଇଛି ।

## ନିରାପଦ ପ୍ରତିଷ୍ଠାନ ଟ୍ରଷ୍ଟ ପକ୍ଷରୁ ବନ ମହୋତ୍ସବ

ଭଦ୍ରକ, ୦୭/୦୭ (ନି.ପ୍ର): ନିରାପଦ ପ୍ରତିଷ୍ଠାନ ଟ୍ରଷ୍ଟ ପକ୍ଷରୁ ଆଜି ରବିବାର ୩ଘଟିକା ସମୟରେ ଟାଉନ ଥାନା ନିକଟରେ ବନମହୋତ୍ସବ ପାଳିତ ହୋଇଯାଇଛି । ନିରାପଦ ପ୍ରତିଷ୍ଠାନ ର ସଭାପତି ମିତସ୍ମିତା ଜେନା ବଳଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ମାଇନସିସ ଟେକ୍ନୋଲୋଜି ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ତୁଷାରକାନ୍ତ ବଳ, ସମ୍ମାନୀତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାର, ଆଇନଜୀବୀ ସଞ୍ଜୟ କୁମାର ନାୟକ, ପ୍ରଧାନ ଶିକ୍ଷୟତ୍ରୀ ଟିଭି ରାଜ ଲକ୍ଷ୍ମୀ, ମିଳନ କୁମାର ଜେନା, ସମାଜସେବୀ ମାନଗୋବିନ୍ଦ ନାୟକ, ମନୋଜା ମଞ୍ଜରୀ ଜେନା ପ୍ରମୁଖ ଯୋଗ ଦେଇ ଭଦ୍ରକ ର ଟାଉନ ଥାନା ନିକଟରେ ବୃକ୍ଷ ରୋପଣ କରିଥିଲେ।

# ରାସ୍ତାରେ ମାଟି ପଡିବା ଯୋଗୁଁ ଯାତାୟତ ବାଧାପ୍ରାପ୍ତ

ଧର୍ମଶାଳା, ୦୭/୦୭ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ କୁମାରୀ ପଂଚାୟତ ଅନ୍ତର୍ଗତ ୧୪ ନଂ ୱାର୍ଡକୁ ସଂଯୋଗ କରୁଥିବା ରାସ୍ତାରେ ମାଟି ପଡିଥିବାରୁ ଯାତାୟତ ବାଧାପ୍ରାପ୍ତ ହେଉଛି । ସୂଚନା ମୁତାବକ, ପଣ୍ଡୁଆ ଗ୍ରାମର ୧୪ ନଂ ୱାର୍ଡକୁ ସଂଯୋଗ କରୁଥିବା କଂକ୍ରିଟ ରାସ୍ତା କିଛି ଅଂଶ ଦୀର୍ଘ ଦିନ ହେଲା ଭାଙ୍ଗି ଯାଇଛି । ଫଳରେ ବର୍ଷା ଦିନରେ ରାସ୍ତାରେ ଆଣ୍ଠୁଏ ଲେଖାଏଁ ପାଣି ଜମି ରହୁଥିବାରୁ ଯାତାୟତ ସୁବିଧା ପାଇଁ ସ୍ଥାନୀୟ ୱାର୍ଡର ମୁଷ୍ଟିମେୟ ବ୍ୟକ୍ତି ବେଆଇନ ଭାବେ ସେଠାରେ ମାଟି ଆଣି ପକାଇ ଦେବା ଫଳରେ ଉକ୍ତ ରାସ୍ତାରେ ଯିବା ଆସିବା କରିବା ଅସମ୍ଭବ ହୋଇପଡିଛି । ରାସ୍ତାରେ ମାଟି ପଡିବା ଫଳରେ ରାସ୍ତାଟି କାଦୁଅ ପଚପଚ ହେବା ସହ ବର୍ଷା ଜଳ ନିଷ୍କାସିତ ନ ହୋଇ ରାସ୍ତା ଉପରେ ଜମି ରହୁଛି । ଫଳରେ ପୂର୍ବାପେକ୍ଷା ଏହି ରାସ୍ତାଦେଇ ଯାତାୟତ କରିବା ଅସମ୍ଭବ ହୋଇପଡିଛି । ଅନ୍ୟ ଉପାୟ ନଥିବାରୁ ଲୋକେ ଏହି ରାସ୍ତା ଦେଇ ଯିବାକୁ ବାଧ ହେଉଛନ୍ତି । ଫଳରେ ଅନେକ ସମୟରେ ଲୋକେ ରାସ୍ତାରେ ଖସି ପଡି କ୍ଷତବିକ୍ଷତ ହେବା ସହ ଛୋଟ ବଡ ଦୁର୍ଘଟଣାର ଶିକାର ହେଉଛନ୍ତି । ଏନେଇ ୱାର୍ଡବାସୀ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିଲେ ହେଁ କିଛି ସୁଫଳ ମିଳୁ ନଥିବା ଅଭିଯୋଗ କରିଛନ୍ତି । ତେବେ ରାସ୍ତାରେ ବେଆଇନ ଭାବେ ପଡିଥିବା ମାଟିକୁ ହଟାଯାଇ ପୁନର୍ବାର ଏହି ରାସ୍ତାକୁ କଂକ୍ରିଟ ଦ୍ୱାରା ମରାମତି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

# ମିନାକ୍ଷୀ ବାହିନୀପତି ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ନିଯୁକ୍ତ

ଭୁବନେଶ୍ୱର, ୦୭/୦୭ (ନି.ପ୍ର): ଅଖିଳ ଭାରତ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ମଲ୍ଲିକାର୍ଜ୍ଜୁନ ଖଡ଼ଗେ ଆଜି ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସର ସଭାନେତ୍ରୀ ଭାବେ ଶ୍ରୀମତୀ ମିନାକ୍ଷୀ ବାହିନୀପତିଙ୍କୁ ନିଯୁକ୍ତି ଦେଇଛନ୍ତି ବୋଲି ଅଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ କେସି ଭେଣୁ ଗୋପାଳ ଘୋଷଣା କରିଛନ୍ତି । ଶ୍ରୀମତୀ ବାହିନୀପତି ପୂର୍ବରୁ ପ୍ରଦେଶ ମହିଳା କଂଗ୍ରେସର ସଭାନେତ୍ରୀ ଭାବରେ କାର୍ଯ୍ୟକରିଥିଲେ । ଏତଦଭିନ୍ନ ସେ କୋରାପୁଟ ଜିଲ୍ଲା କଂଗ୍ରେସ କମିଟିର ସଭାପତି ଭାବରେ ୧୦ ବର୍ଷ ଦାୟିତ୍ୱ ନିର୍ବାହ କରିଥିଲେ ଏବଂ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଭାବରେ ମଧ୍ୟ କାର୍ଯ୍ୟକରିଥିଲେ । କୋରାପୁଟ ପୌରାଂଚଳର ଅଧ୍ୟକ୍ଷା ଭାବରେ ସେ ଦୁଇଥର ନିର୍ବାଚିତ ହୋଇଥିଲେ । ଏହି ନିଯୁକ୍ତି ପାଇଁ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀ ଭକ୍ତ ଚରଣ ଦାସ, ଓଡ଼ିଶା ପ୍ରଭାରୀ ଶ୍ରୀ ଅଜୟ କୁମାର ଲଲ୍ଲୁ ଏବଂ ଅଖିଳ ଭାରତ ମହିଳା କଂଗ୍ରେସର ସଭାନେତ୍ରୀ ଶ୍ରୀମତୀ ଅଲକା ଲାମ୍ବାଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ବୌଦ୍ଧଠାରେ ରେଳ ଧାରଣାରେ ଷ୍ଟଂଟ ଦେଖାଇଲେ ନାବାଳକ

ବୌଦ୍ଧ, ୦୭/୦୭ (ନି.ପ୍ର): ରେଳ ଧାରଣାରେ ଷ୍ଟଂଟ ଦେଖାଇଲେ ନାବାଳକ । ଜୀବନକୁ ବାଜି ଲଗାଇଲେ ନାବାଳକ । ମୁର୍ଖାମୀର ପରିଚୟ ଦେଲେ ନାବାଳକ , ସହଯୋଗ ଓ ଉତ୍ସାହିତ କରିଥିଲେ ଦୁଇ ସାଙ୍ଗ । ଭାଇରାଲ ହେଲା ଷ୍ଟଂଟ ଭିଡିଓ । ଖବର ପାଇ ସକ୍ରିୟ ହେଲା ଆରପିଏଫ , ତିନି ନାବାଳକଙ୍କ ଉଠାଇନେଲା ଆରପିଏଫ । ଚଳନ୍ତା ରେଳ ତଳେ ଧାରଣା ଉପରେ ଶୋଇ ରହି ରିଲ କରିବା ମହଙ୍ଗା ପଡ଼ିଲା । ଘଟଣାଟି ଘଟିଛି ବୌଦ୍ଧ ଜିଲ୍ଲା ବାଉଁସୁଁନି ଥାନା ଅନ୍ତର୍ଗତ ଟାଲୁପାଲି ଗ୍ରାମ ନିକଟରେ । ଖୋର୍ଦ୍ଧା ବଲାଂଗୀର ରେଳପଥ ଟାଲୁପାଲି ରେଳ ଧାରଣାରେ ଗତ ରବିବାର ଦିନ କରାଯାଇଥିଲା ଏହି ଦୁଃସାହସିକ ଷ୍ଟଂଟ । ରେଳ ଧାରଣା ରେ ରିଲ୍ କରିଥିବା ନାବାଳକ ଜଣକ ହେଲେ ବାଉଁଶୁଣି ଥାନା ଟାଲୁପାଲି ଗ୍ରାମର ସଞ୍ଜୟ ମହାନନ୍ଦଙ୍କ ୧୨ ବର୍ଷର ପୁତ୍ର । ଏହାକୁ ଭିଡ ବନାଇଥିଲେ ସେହି ଗ୍ରାମର ଅନ୍ୟଜଣେ ନାବାଳକ ଓ ଏହାସହ ଡାଇରେକ୍ଟର ସାଜିଥିଲେ ଛେଲିବହାଲି ଗ୍ରାମର ଆଉ ଜଣେ ନାବାଳକ । ସମସ୍ତ ଙ୍କୁ ବଲାଙ୍ଗୀର ରେଲୱେ ପୋଲିସ ବାଉଁଶୁଣି ପୋଲିସ ସହାୟତାରେ ଥାନାକୁ ଆଣି ଥାନାରେ ପଚରାଉଚରା କରିଥିବା ବେଳେ ସମସ୍ତଙ୍କୁ ବଲାଙ୍ଗୀର ରେଲୱେ ପୋଲିସ ନିଜ ହେପାଜତକୁ ନେଇଥିବା ଜଣାପଡିଛି । ତେବେ ଦୀର୍ଘ ଦିନ ପରେ ବୌଦ୍ଧ ଜିଲ୍ଲାକୁ ଗଡିଛି ରେଲ ଏହାକୁ ନେଇ ଜିଲ୍ଲା ବାସୀ ଖୁସି ଥିବା ବେଳେ ବର୍ତ୍ତମାନ୍ ଭାଇରାଲ ହେଉଥିବା ଭିଡ଼ିଓକୁ ଦେଖିଲେ ଉଦ୍ବେଗ ପ୍ରକାଶ ପାଇଛି । ରବିବାର ଦିନ ତିନି ଜଣ ନାବାଳକ ରେଳ ଧାରଣାରେ ରୀଲ୍ କରିଥିବା ଭିଡିଓ ଏବେ ସାମାଜିକ ଗଣ ମାଧ୍ୟମରେ ଭାଇରଲ ହେଉଛି । ଜଣେ ଚଳନ୍ତା ରେଳ ଧାରଣାରେ ସୋଇପଡିଥିବା ବେଳେ ଜଣେ ଭିଡିଓ ଉତ୍ତୋଳନ କରୁଛି ସ ଆଉ ଜଣେ ଡାଇରେକ୍ଟର ସାଜି ରେଳ ଚାଲିଥିବା ବେଳେ ଆଉ ଅଳ୍ପ ସମୟ ମୁଣ୍ଡ ବାହାର୍ କରନାହିଁ ବୋଲି କହୁଛି ପାଖାପାଖି ଗୋଟେ ମିନିଟ୍ର ଭିଡିଓ । କିଛିଦିନ ତଳେ ରେଳ ଧାରଣା ନେଇ ଜଣେ ଗ୍ରାମବାସୀ ନିଜର ଛେଳି ମାନଙ୍କୁ ଧରି ଯାଉଥିବା ବେଳେ ରେଳ ଧକ୍କା ରେ ଅନେକ ଛେଳି ମରିଯାଇଥିଲେ । ବୌଦ୍ଧ ଜିଲ୍ଲାବାସୀଙ୍କ ସାମାଜିକ ଜୀବନ ଓ ଦୈନନ୍ଦିନ ଚଳଣି ରେ ରେଳପଥ ଓ ରେଳ ନୂତନ ଭାବେ ସାମିଲ ହୋଇଥିବାରୁ ରେଳ ବିଭାଗ ଓ ପ୍ରଶାସନ ପକ୍ଷରୁ ବିଶେଷ କରି ରେଳ ଲାଇନ ପାର୍ଶ୍ୱବର୍ତ୍ତୀ ଗ୍ରାମ ଗୁଡିକରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯିବାର ଆବଶ୍ୟକତା ରହିଛି ।

# ଡଃ ଶ୍ୟାମପ୍ରସାଦ ମୁଖାର୍ଜୀଙ୍କ ୧୨୫ ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ପାଳିତ

ଭୁବନେଶ୍ୱର, ୦୭/୦୭ (ନି.ପ୍ର): ସ୍ଥାନୀୟ ଜୟଦେବ ଭବନ ଠାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଡଃ ଶ୍ୟାମପ୍ରସାଦ ମୁଖାର୍ଜୀଙ୍କ ୧୨୫ ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ଆଜିର ଦିନକୁ ସଂକଳ୍ପ, ଏକ ପ୍ରେରଣା ଏବଂ ଏକ ଜାଗୃତିର ଦିବସ ବୋଲି କହିଥିଲେ । ନିଜ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀ କହିଥିଲେଯେ, ଡଃ ମୁଖାର୍ଜୀଙ୍କ ଜୀବନ ଏହି ଦେଶ ପାଇଁ ଏମିତି ଏକ ଉପହାର ଯାହା ପ୍ରତିଟି ଭାରତବାସୀଙ୍କୁ ଆଦର୍ଶ ଓ ପ୍ରେରଣା ଦେଇଥାଏ । ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଯେଉଁ କେତେଜଣ ମହାମନୀଷୀ ଭାରତୀୟ ଶିକ୍ଷା, ସଂସ୍କୃତି, ପରମ୍ପରା ଓ ରାଷ୍ଟ୍ରବାଦର ଉତ୍ଥାନ କରି ଦେଶ ମାତୃକାର ସେବା ପାଇଁ ଆଗେଇ ଆସିଥିଲେ, ସେମାନଙ୍କ ମଧ୍ୟରେ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ ଥିଲେ ଅଗ୍ରଗଣ୍ୟ । ସେ କେବଳ ଜଣେ ଶିକ୍ଷାବିତ୍ ନ ଥିଲେ ବରଂ ଏକ ସମର୍ପିତ ରାଷ୍ଟ୍ର ନେତା, ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତକ ଓ ଦେଶପ୍ରେମୀ ଥିଲେ ।

ଡଃ ମୁଖାର୍ଜୀଙ୍କ ଦ୍ୱାରା ଗଠିତ ଜନସଂଘ ବିଜେପିରେ ପରିଣତ ହେଲା ଏବଂ ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀ, ବିଜେପିର ପ୍ରତିଷ୍ଠାତା ରୂପେ ନାମିତ ହେଲେ । ତାଙ୍କ ବିଚାରଧାରା ଏବଂ ସାଂସ୍କୃତିକ ରାଷ୍ଟ୍ରବାଦ ହିଁ ହୋଇଥିଲା ଆଜିର ଭାରତୀୟ ଜନତା ପାର୍ଟିର ମୂଳମନ୍ତ୍ର । ତାଙ୍କର ଦୃଢମତ ଥିଲା, କଶ୍ମୀର ଭାରତର ଅଭିନ୍ନ ଅଂଶ ଓ ଏଥିପାଇଁ କୌଣସି ବିଶେଷ ଧାରା ଦରକାର ନାହିଁ । " ଦୋ ବିଧାନ, ଦୋ ପ୍ରଧାନ, ଦୋ ନିଶାନ, ନେହିଁ ଚଲେଗା" ସ୍ଲୋଗାନ୍ଆଜି ମଧ୍ୟ ପ୍ରତ୍ୟେକ ଭାରତୀୟଙ୍କ ମନରେ ଗୁଞ୍ଜରିତ ହେଉଛି ବୋଲି ସେ କହିଥିଲେ । ସେ ପୁଣି କହିଥିଲେଯେ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀ, ପ୍ରଧାନମନ୍ତ୍ରୀ ଭାବେ ତାଙ୍କର ଦ୍ୱିତୀୟ କାର୍ଯ୍ୟକାଳର ପ୍ରଥମ ବର୍ଷରେ ସମ୍ବିଧାନର ୩୭୦ ଧାରା ଓ ୩୫(କ)ର ଉଚ୍ଛେଦ କରିଛନ୍ତି । ମୋଦୀଜୀଙ୍କ ଏହି ସାହସିକ ପଦକ୍ଷେପ କେବଳ ଯେ ଦେଶପାଇଁ ମଙ୍ଗଳମୟ ତାହା ନୁହେଁ, ଏହା ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ପାଇଁ ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି । ଡଃ ମୁଖାର୍ଜୀଙ୍କ ସ୍ୱପ୍ନ ଓ ସଂଘର୍ଷକୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଜୀ ପୂରଣ କରିଛନ୍ତି । ଡଃ ମୁଖାର୍ଜୀଙ୍କ ପରି ଜଣେ ମହାନ ଜନନାୟକଙ୍କ ପାଇଁ ଏ ଦେଶ ସର୍ବଦା ଗର୍ବିତ । ରାଜ୍ୟରେ ଓ ଦେଶରେ ବିକାଶ ହେଉଛି ଏବଂ ଏହି ବିକାଶରେ ପ୍ରତ୍ୟେକ ବର୍ଗଙ୍କୁ ସାମିଲ କରାଯାଇ, ଗ୍ରୋଥ ଇଂଜିନକୁ ଆହୁରି ସଶକ୍ତ କରାଯାଉଛି । ରାଜ୍ୟରେ ମଧ୍ୟ ପୂର୍ବ ସରକାର ଡଃ ମୁଖାର୍ଜୀଙ୍କର ସ୍ମୃତି ଦିବସକୁ କେବେ ପାଳନ କରୁନଥିଲେ । ଆମ ସରକାର ଏହାକୁ ଜାତୀୟ କର୍ତ୍ତବ୍ୟ ବୋଲି ସ୍ୱୀକାର କରି ପାଳନ କରୁଛି ଏବଂ ଆଗକୁ ମଧ୍ୟ କରିବ ।

ପରିଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେଯେ, ଆମର ଯୁବ ଶକ୍ତି ହିଁ ଦେଶର ଭବିଷ୍ୟତ । ଆଜି ରାଜ୍ୟସରକାର ଏକ ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ସାରା ଓଡିଶାରେ ଯୁବ ଶକ୍ତି ବିକାଶ କାର୍ଯ୍ୟକ୍ରମ କରୁଛନ୍ତି । ଏଣୁ ନୈତିକତା ବିନା ରାଜନୀତି, ଆଦର୍ଶ ବିନା ଶାସନ, ଓ ଦେଶପ୍ରେମ ବିନା ସ୍ୱାଧୀନତା କେବଳ ଏକ ଭ୍ରମ । ତ୍ୟାଗ ଓ ସେବା ଦ୍ୱାରା ଆମେ ଆମ ଭବିଷ୍ୟ ଗଢିବା ।

# ଲଗାଣ ବର୍ଷା ପରେ ମଶାମାଛିଙ୍କ ବଂଶ ବୃଦ୍ଧି

ଧର୍ମଶାଳା, ୦୭/୦୭ (ନି.ପ୍ର): ଏବେ ଲଗାଣ ବର୍ଷା ଜାରି ରହିଛି । ଅନେକ ଉଚ୍ଚ ସ୍ଥାନରୁ ବର୍ଷା ଜଳ ଆସି ଖାଲୁଆ ସ୍ଥାନରେ ଜମି ରହୁଛି । ଫଳରେ ଦଳ ଭର୍ତି ସହ ପଲିଥିନ ଆସି ପଡି ଦୀର୍ଘ ଦିନ ଧରି ଜମି ରହୁଛି । ଯାହାକୁ ନେଇ ପରିବେଶ ଦୂଷିତ ହେବା ସହିତ ସ୍ଥାନୀୟ ଅଂଚଳରେ ମାଶା ମାଛିଙ୍କ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି । ଏପରିକି ଏହାର ଦୁର୍ଗନ୍ଧରେ ସ୍ଥାନୀୟ ଲୋକେ ଶାନ୍ତିରେ ନିଶ୍ୱାସ ନେଇ ପାରୁ ନାହାନ୍ତି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀରେ । ବରୀ ଅଂଚଳ ଜିଲାର ତଳିଆ ଓ ବନ୍ୟା ଅଂଚଳ ଭାବେ ବେଶ୍ ପରିଚିତ । ବିଭିନ୍ନ ସ୍ଥାନରେ ଗଡିଆ ପୋଖରୀ ରହିଛି । ଏବେ ବ୍ୟକ୍ତିଗତ ଜମିରେ ହେଉ ଅବା ସରକାରୀ ଜମିରେ ଅନେକ ଖାଲୁଆ ସ୍ଥାନରେ ଏଭଳି ସମସ୍ୟା ଦେଖା ଦେଇଛି । ଏନେଇ ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲା ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ କିଛି ସୁଫଳ ମିଳୁ ନାହିଁ । କୌଣସି ସନ୍ତୋଷ ଜନକ ଉତର ନ ମିଳିବା ଫଳରେ ପ୍ରଶାସନ ଉପରୁ ଭରସା ତୁଟି ଯାଇଛି । ଯାଜପୁର ଜିଲାପାଳ ଏ ଦିଗରେ ତୁରନ୍ତ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦୃଢ ଦାବି ହେଉଛି ।

# ୧୦ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଓ ସ୍ୱାଧୀନ ଫେଡେରେସନର ଆହ୍ୱାନରେ ୦୯ ଜୁଲାଇ ଦେଶବ୍ୟାପି ସାଧାରଣ ହରତାଳକୁ ସଫଳ କର

ଭୁବନେଶ୍ୱର , ୦୭/୦୭ (ନି.ପ୍ର): ମୋଦୀ ଶାସନର ୧୧ବର୍ଷ ମଧ୍ୟରେ ଶ୍ରମଜୀବୀ ମାନଙ୍କର ଦୁର୍ଦ୍ଦଶା ଏହାର ଚରମ ସୋପାନରେ ପହଂଚିଛି । ବେକାରୀ, ଦୁରାବସ୍ଥା ଏବଂ ଅସମାନତା ଏବେ ଆକାଶଛୁଆଁ ହେବାରେ ଲାଗିଛି । ମଜୁରିର ପରିମାଣ କମିବାରେ ଲାଗିଛି । ଶ୍ରମିକଙ୍କର ଅଧିକାର ତଥା ସାମାଜିକ ସୁରକ୍ଷା ନଷ୍ଟ ବିନଷ୍ଟ ହେବାରେ ଲାଗିଛି ।

ଶ୍ରମିକମାନଙ୍କୁ ସପ୍ତାହକୁ ୭୦ ରୁ ୯୦ ଘଣ୍ଟା କାମ କରାଇବା ପାଇଁ କର୍ପୋରେଟ ଜଗତ ପକ୍ଷରୁ ଚିତ୍କାର କରାଯାଉଛି । ଅନ୍ୟ ପକ୍ଷରେ 'ବ୍ୟବସାୟ କରିବାକୁ ସହଜ' ହେବା ନାମରେ ଉଦ୍ୟୋଗ ଜଗତକୁ ଦେଶର ସମ୍ପତ୍ତିକୁ ଲୁଟିବା ପାଇଁ ଖୋଲା ଛୁଟ ଦେଇ ଦିଆଯାଉଛି । ଜନସଂଖ୍ୟାର ୫ % ଉଚ୍ଚବର୍ଗଙ୍କ ନିକଟରେ ୭୦% ସମ୍ପତ୍ତି ରହିଛି । ଅଥଚ ତଳସ୍ତରରେ ଥିବା ୫୦% ଲୋକଙ୍କ ପାଖରେ ଦେଶର ମୋଟ ସମ୍ପତ୍ତିର ମାତ୍ର ୩% ରହିଛି । ମୋଦୀ ଶାସନର ତୃତୀୟ କାର୍ଯ୍ୟକାଳରେ ଏହା ଲୋକଙ୍କ ଜୀବନ ଓ ଜୀବିକା ଉପରେ ଏହାର ଆକ୍ରମଣକୁ ଆହୁରି ତୀବ୍ର କରିଛି ଓ କର୍ପୋରେଟ୍ର ଗୋଲାମୀ ନୀତିକୁ ଆହୁରି ଆଗକୁ ବଢାଇବାର ଉଦ୍ୟମ କରିଛି, ଯେଉଁଥିରେ ସଂବିଧାନ, ନାଗରିକ ଅଧିକାରଠୁ ନେଇ ଜନକଲ୍ୟାଣକାରୀ ରାଷ୍ଟ୍ର, ସାର୍ବଜନୀନ ସରକାରୀ କ୍ଷେତ୍ର, ସୁରକ୍ଷିତ ତଥା ସ୍ଥାୟୀ ନିଯୁକ୍ତି ପର୍ଯ୍ୟନ୍ତ ସବୁକିଛି ସାମିଲ ଅଛି ।

କଠିନ ପରିଶ୍ରମ ଓ ଅନେକ ତ୍ୟାଗ ଫଳରେ ହାସଲ କରାଯାଇଥିବା ଶ୍ରମ ଆଇନ୍ ଗୁଡିକୁ ରଦ୍ଦ କରି ତା' ସ୍ଥାନରେ ୪ଟି ଶ୍ରମକୋର୍ଡ ପ୍ରସ୍ତୁତ କରିବା ପରେ ମୋଦି ସରକାର ଏହାକୁ ଲାଗୁ କରିବା ପାଇଁ ଜୋରଦାର ପ୍ରସ୍ତୁତି ଚଳାଇଛି । ଶ୍ରମକୋର୍ଡ ଲାଗୁ ହୋଇଗଲେ ଶ୍ରମିକଶ୍ରେଣୀ କର୍ପୋରେଟ ବା ମାଲିକ ଶ୍ରେଣୀଙ୍କର ଗୋଲାମ ହୋଇ ରହିବେ । ଏହି କୋର୍ଡ ଶ୍ରମିକମାନେ କେତେ ଘଣ୍ଟା କାମ କରିବେ,ସର୍ବନିମ୍ନ ମଜୁରି, ସାମାଜିକ ସୁରକ୍ଷା ଆଦି ସମସ୍ତ ଅଧିକାରକୁ ଛଡ଼ାଇ ନେବ । ଶ୍ରମିକକୁ ନିଜ ଉଚ୍ଛା ଅନୁସାରେ କାମରେ ରଖି ନିଜ ଇଚ୍ଛା ଅନୁସାରେ ଛଟେଇ କରିବା (ହାୟାର ଆଣ୍ଡ ଫାୟାର) ଆଇନ ହୋଇଯିବ । ସଂଗଠନ ଗଢ଼ିବା, ମାନ୍ୟତା,ସାମୂହିକ ମୂଲଚାଲ, ହରତାଳର ଅଧିକାର ସହିତ ବିରୋଧର ସବୁ ପ୍ରକାରର ସାମୂହିକ ଅଭିବ୍ୟକ୍ତିର ଅଧିକାରକୁ ଶେଷ କରି ଦିଆଯିବ ।

# ଯାଜପୁର ଜିଲା ସ୍ୱଚ୍ଛ ଭାରତ ଅଭିଯାନ ପକ୍ଷରୁ ଚାରାରୋପଣ

ଧର୍ମଶାଳା, ୦୭/୦୭ (ନି.ପ୍ର): ବନମହୋତ୍ସବ ସପ୍ତାହ ଅବସରରେ ଯାଜପୁର ଜିଲାର ରାଜନୈତିକ ଦଳ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ବିଭିନ୍ନ ସ୍ଥାନରେ ଚାରାରୋପଣ କରାଯାଉଛି । ଏହି କ୍ରମରେ ଜିଲା ସ୍ୱଚ୍ଛ ଭାରତ ଅଭିଯାନ ପକ୍ଷରୁ ବରୀ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକ ୩୬ ନଂ ଜୋନ ବ୍ରହ୍ମବରଦାଠାରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲା ସ୍ୱଚ୍ଛ ଭାରତ ଅଭିଯାନର ସଂଯୋଜକ ପ୍ରଫୁଲ୍ଲ ଗିରିଙ୍କ ତତ୍ତ୍ୱବଧାନରେ ଏହି କାର୍ଯ୍ୟକ୍ରମରେ ସ୍ୱଚ୍ଛ ଭାରତ ସହ-ସଂଯୋଜକ କାଳନ୍ଦୀ କଣ୍ଡ,ସହ-ସଂଯୋଜିକା ସୁଜାତା ମହାନ୍ତି, ୩୬ ନଂ ଜୋନ ସଂଯୋଜକ ଅଚ୍ୟୁତ ମହାଲିକ, ବ୍ରହ୍ମବରଦା ମଣ୍ଡଳ ସଭାପତି ମିଥୁନ କୁଣ୍ଡୁ, ଜିଲା କୃଷକ ମୋର୍ଚ୍ଚା ଉପସଭାପତି ସୌଭାଗ୍ୟ ମିଶ୍ର,ଓ ରାଜ୍ୟ କୃଷକ ମୋର୍ଚ୍ଚା କାର୍ଯ୍ୟକରିଣୀ ସଦସ୍ୟ ଅନିଲ ରାଉତ, ଆଶୁତୋଷ ବାରିକ, ମମତା ସାହୁ, ସୁମିତ୍ରା ବେହେରା, ରଂଜନ ପତି, ଗୌରାଙ୍ଗ ସାମଲ, ନଟବର ସାହୁ, ରମେଶ ଚନ୍ଦ୍ର ଜେନା, ନବଘନ ପାଣ୍ଡେ, ସଂଜୟ ପଣ୍ଡା, ମାନସ ଦାସ, ଅମିତ୍ ନାୟକ, ସଂଜୟ ବେହେରା, ସୁରେନ୍ଦ୍ର ବେହେରା ଓ ଚିତ ରଂଜନ ଦାସ ପ୍ରମୁଖ ଯୋଗଦେଇ ବିଭିନ୍ନ ସ୍ଥାନରେ ଚାରାରୋପଣ କରିବା ସହିତ ଏହାର ରକ୍ଷଣାବେକ୍ଷଣ ସମ୍ପର୍କରେ ଆଲୋଚନା କରିଥିଲେ ।

# ବାଲେଶ୍ୱର କେବେ ହେବ ମହାନଗର ନିଗମ ?: କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ

ଭୁବନେଶ୍ୱର , ୦୭/୦୭ (ନି.ପ୍ର): ଓଡିଶା ସରକାର ପୁରୀ ସହରକୁ ମହାନଗର ନିଗମ କରିବାକୁ ଘୋଷଣା କରିଛନ୍ତି । ରାଜ୍ୟ ସରକାର ପୂର୍ବରୁ ଉପକୂଳ ଓଡିଶାର ଭୁବନେଶ୍ୱର, କଟକ ଓ ପଶ୍ଚିମ ଓଡିଶାର ସମ୍ବଲପୁର ଓ ରାଉରକେଲା ସମେତ ଦକ୍ଷିଣ ଓଡ଼ିଶାର ବ୍ରହ୍ମପୁର ସହରକୁ ମହାନଗର ନିଗମର ମାନ୍ୟତା ଦେଇଛନ୍ତି । ହେଲେ ଉତ୍ତର ଓଡିଶାର ପ୍ରମୁଖ ସାଂସ୍କୃତିକ ତଥା ବାଣିଜ୍ୟକ କେନ୍ଦ୍ର ଭାବେ ପରିଚିତ ବାଲେଶ୍ୱର ସହର ପ୍ରତି ବିଜେପିର ଡବଲ ଇଞ୍ଜିନ ସରକାରଙ୍କ ବୈମାତୃକ ମନୋଭାବ କଣ ପାଇଁ ବୋଲି କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ ପ୍ରଶ୍ନ କରିଛନ୍ତି । ଏହା ପୂର୍ବରୁ ବାଲେଶ୍ୱରକୁ ମହାନଗର ନିଗମ ଭାବେ ଘୋଷଣା ପାଇଁ ନବୀନ ପଟ୍ଟନାୟକ ସରକାର ଅମଳରେ ବାରମ୍ବାର ଦାବି ହୋଇଥିଲେ ମଧ ବିଜେଡି ସରକାର ଏଥିପ୍ରତି ଅବହେଳା କରିଥିଲା କ୍ଷ ଏବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝଙ୍କୁ ବାଲେଶ୍ୱରକୁ ମହାନଗର ନିଗମ ଭାବେ ଘୋଷଣା କରିବା ପାଇଁ ଶ୍ରୀ ପଟ୍ଟନାୟକ ଅନୁରୋଧ କରିଥିଲେ ଓ ପୁରୀକୁ ମହାନଗର ନିଗମ ଘୋଷଣା କରି ଥିବାରୁ ସେ ଏହାକୁ ସ୍ୱାଗତ କରିଛନ୍ତି, କିନ୍ତୁ ବାଲେଶ୍ୱର ପ୍ରତି ଅବହେଳା ନ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି କ୍ଷ ପୁରୀ ଦଳାଚକକଟା ଘଟଣାରେ ରାଜ୍ୟ ସରକାର ନିଜର ଅପରାଗତକୁ ଲୁଚେଇବାକୁ ଯାଇ ଏଭଳି ତରବରିଆ ନିଷ୍ପତି ନେଇଛନ୍ତି ବୋଲି ଶ୍ରୀ ପଟ୍ଟନାୟକ ଆଜି ମତବ୍ୟକ୍ତ କରିଛନ୍ତି । ରାଜ୍ୟର ଷଷ୍ଠ ମହାନଗର ନିଗମ ହେବ ପୁରୀ । କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ସହିତ ବର୍ଷ ସାରା ସହରକୁ ଆସୁଥିବା ଭକ୍ତ ଏବଂ ପର୍ଯ୍ୟଟକଙ୍କୁ ଗୁଣାତ୍ମକ ସୁବିଧା ଯୋଗାଇବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି । ପୁରୀ ସହର ଏବଂ ଆଖପାଖ ଗ୍ରାମପଂଚାୟତ ଗୁଡ଼ିକୁ ସାମିଲ କରି ପୁରୀ ମହାନଗର ନିଗମ ଗଠିତ ହେବ । ଏହାଦ୍ୱାରା ପୁରୀ ସଦର ଏବଂ ବ୍ରହ୍ମଗିରି ବ୍ଲକର ପ୍ରାୟ ୭ରୁ ୮ଗୋଟି ଗ୍ରାମପଂଚାୟତକୁ ସାମିଲ କରାଯିବ, ଯାହା ଫଳରେ ଏହି ପଂଚାୟତବାସୀ ସହର ପରି ସୁବିଧା ପାଇ ପାରିବେ । ଆସନ୍ତାକାଲିଠାରୁ ଏ ସମ୍ବନ୍ଧୀୟ ସମସ୍ତ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସେହିଭଳି ବାଲେଶ୍ୱର ସହର ଏବଂ ଏହାର ଆଖପାଖ ଅଂଚଳକୁ ନେଇ ମହାନଗର ନିଗମ ଗଠନ ହେଲେ ସହରର ଉନ୍ନତି ହେବା ସଙ୍ଗେ ସଙ୍ଗେ ସାଧାରଣ ଲୋକ ଉପକୃତ ହେବେ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି ।

# ଯକ୍ଷ୍ମା ଜୀବାଣୁ ଚିହ୍ନଟ ଅଭିଯାନ: ସମ୍ ହସ୍ପିଟାଲ୍‌ରେ ମାଗଣାରେ ସିୱାଇ ଟିବି ପରୀକ୍ଷଣ ଉପଲବ୍ଧ

ଭୁବନେଶ୍ୱର, ୦୭/୦୭ (ନି.ପ୍ର): ଯକ୍ଷ୍ମା ରୋଗର ସମ୍ପୂର୍ଣ୍ଣ ମୂଳୋତ୍ପାଟନ ଅଭିଯାନ ପରିପ୍ରେକ୍ଷୀରେ ମଣିଷ ଶରୀରରେ ଯକ୍ଷ୍ମା ଜୀବାଣୁ ଚିହ୍ନଟ କରିବା ନିମନ୍ତେ ସ୍ଥାନୀୟ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ ହସ୍ପିଟାଲ୍‌ରେ ବିନା ମୂଲ୍ୟରେ ସିୱାଇ ଟିବି ଇନ୍ଟ୍ରାଡର୍ମାଲ ସ୍କିନ୍ ପରୀକ୍ଷଣ ଉପଲବ୍ଧ ହୋଇଛି । ସମ୍ ହସ୍ପିଟାଲ୍‌ରେ ଶୁକ୍ରବାର ଏ ସମ୍ପର୍କିତ ଏକ ସିଏମ୍ଇ ଆୟୋଜନ କରାଯାଇଥିବା ବେଳେ ଏ ବିଷୟରେ ସୂଚନା ଦେଇଛନ୍ତି ହସ୍ପିଟାଲ୍‌ର ରେସ୍ପିରେଟୋରୀ ମେଡିସିନ୍ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ବନାନୀ ଜେନା । ଏହି ସିୱାଇ ଟିବି ଇନ୍ଟ୍ରାଡର୍ମାଲ ସ୍କିନ୍ ପରୀକ୍ଷଣ ଏକ ସ୍ୱଦେଶୀ କିଟ୍‌ରେ ଉପଲବ୍ଧ ଯାହାକି ସେରମ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ଦ୍ୱାରା ପ୍ରସ୍ତୁତ ହୋଇଛି । ଏହି କିଟ୍ ସାହାଯ୍ୟରେ କରାଯାଉଥିବା ପରୀକ୍ଷଣରେ ମଣିଷ ଶରୀରରେ କେତେ ପ୍ରତିଶତ ଯକ୍ଷ୍ମା ଜୀବାଣୁ ରହିଛି ତାହା ଜଣାପଡ଼ିବ ବୋଲି ପ୍ରଫେସର ଜେନା କହିଛନ୍ତି । ସମ୍ ହସ୍ପିଟାଲ୍‌ର ସେଂଟ୍ରାଲ ଲାବୋରେଟୋରୀରେ ଏହି ପରୀକ୍ଷା ଉପଲବ୍ଧ ଥିବା ବେଳେ ଜନସାଧାରଣ ମାଗଣାରେ ଏହି ପରୀକ୍ଷା କରାଇପାରିବେ ବୋଲି ପ୍ରଫେସର ଜେନା କହିଛନ୍ତି । ଏହି ପରୀକ୍ଷଣ ସମ୍ପର୍କରେ ଆୟୋଜିତ ସିଏମଇରେ ପଲମୋନାରୀ ମେଡିସିନ୍ ବିଭାଗର ଆସିଷ୍ଟାଂଟ ପ୍ରଫେସର (ଡାକ୍ତର) କ୍ଷୀରୋଦ ଚନ୍ଦ୍ର ସାହୁ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ । ଯକ୍ଷ୍ମା ନିରାକରଣ ଚିକିତ୍ସା ନିମନ୍ତେ ଏହି ସିୱାଇ ଟିବି ପରୀକ୍ଷା ନିତାନ୍ତ ଆବଶ୍ୟକ ବୋଲି କହିଛନ୍ତି ସମ୍ ହସ୍ପିଟାଲ୍‌ର ମେଡିସିନ୍ ବିଭାଗର ପ୍ରଫେସର (ଡାକ୍ତର) ଲଳିତ କୁମାର ମେହେର । ଯେକୌଣସି ସୁସ୍ଥ ଲୋକ ମଧ୍ୟ ଏହି ପରୀକ୍ଷା କରାଇପାରିବା ସହ ୫ ବର୍ଷରୁ ଉର୍ଦ୍ଧ୍ୱ ଶିଶୁଙ୍କର ମଧ୍ୟ ଏହି ପରୀକ୍ଷା କରାଯାଇପାରିବ ବୋଲି ପ୍ରଫେସର ମେହେର କହିଛନ୍ତି । ବିଶେଷ କରି ଏଚ୍ଆଇଭି, ଯକୃତ, ବୃକକ୍ ଓ ଫୁସଫୁସ୍‌ରେ ସମସ୍ୟା ଥିବା ବ୍ୟକ୍ତିଙ୍କ ସମେତ କୌଣସି ପରିବାରର ସଦସ୍ୟ ଶ୍ୱାସ କିମ୍ବା ଯକ୍ଷ୍ମା ରୋଗୀ ହୋଇଥିଲେ ସେହି ପରିବାରର ଅନ୍ୟ ସଦସ୍ୟ ତଥା ତମାଖୁ ସେବନ ଓ ମଦ୍ୟପାନ କରୁଥିବା ବ୍ୟକ୍ତି ଏବଂ ମଧୁମେହ ରୋଗୀଙ୍କ ସମେତ ଜେଲ୍‌ର ଅନ୍ତେବାସୀ ଏବଂ ସ୍ୱାସ୍ଥ୍ୟସେବା କର୍ମୀମାନେ ଏହି ଟେଷ୍ଟ କରାଇ ନେବା ଉଚିତ୍ ବୋଲି ପ୍ରଫେସର ଜେନା କହିଛନ୍ତି । ଆୟୋଜିତ ସିଏମ୍ଇରେ ସମ୍ ହସ୍ପିଟାଲ୍‌ର ବିଭିନ୍ନ ବିଭାଗର ମୁଖ୍ୟ ଉପସ୍ଥିତ ଥିଲେ ।

# ଶିକ୍ଷାବିତ ସ୍ୱର୍ଗତ ନିତ୍ୟାନନ୍ଦ ବିଶ୍ୱାଳଙ୍କ ଶ୍ରାଦ୍ଧ ବାର୍ଷିକ ପାଳିତ

ଭଦ୍ରକ, ୦୭/୦୭ (ନି.ପ୍ର): ଭଦ୍ରକ ଜିଲା ଧାମନଗର ଠାରେ ଶିକ୍ଷାବିତ ସ୍ୱର୍ଗତ ନିତ୍ୟାନନ୍ଦ ବିଶ୍ୱାଳ ପାଠାଗାର କେନ୍ଦ୍ର ପରିସର ରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରସାନନ୍ଦ ମହାପାତ୍ରଙ୍କ ସଂଚାଳନା ରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ମହେଶ୍ୱର ସ୍ୱାଇଁ, ଅଭିମନ୍ୟୁ ମଲ୍ଲିକ,ହୃଦାନନ୍ଦ କର,ସିଦ୍ଧେଶ୍ୱର ସାମଲ,ପ୍ରମୋଦ ମହାକୁଡ଼, ହୃଷିକେଶ ବେହେରା, ଆଇନଜୀବୀ ରଣଜିତ ମହାନ୍ତି, ଅମରେନ୍ଦ୍ର ମହାନ୍ତି, ମନୋଜ ଗୁପ୍ତା, ସାମ୍ବାଦିକ ଅନିଲ କୁମାର ବାରିକ,ବିରେନ୍ଦ୍ର ଜେନା, ସୁଶାନ୍ତ କୁମାର ରାଉତ, ସେକ ଜାଫର ଅଲ୍ଲୀ,ଦୁର୍ଗାପ୍ରସାଦ ମହାପାତ୍ର, ରଜତ ପଣ୍ଡା, ସରୋଜ ସେଠୀ,ଏବିଇଓ ହେମେନ୍ଦ୍ର ମହାନ୍ତି,ଅଧାପିକା ହରପ୍ରିୟା ସେଠୀ,ପ୍ରଧାନ ଶିକ୍ଷକ ମନୋଜ କୁମାର ସିଂହ,ଶିକ୍ଷୟିତ୍ରୀ ସୁମତୀ ନାୟକ,ରାଧାଶ୍ୟାମ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ କିଶୋରୀ ମଣୀ ସେନାପତି,ଅନୁପମା ନାୟକ,ସୁଧିର ନାୟକ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ନିତ୍ୟାନନ୍ଦ ବିଶ୍ୱାଳ ଜଣେ ମିଷ୍ଟଭାଷି ମେଳାପୀ, ପରୋଉକାରୀ ସଂଗଠକ ଓ ଶିକ୍ଷାନୁଷ୍ଠାନ ପ୍ରେମୀ ଭାବେ ସୁପରିଚିତ ଥିଲେ ବୋଲି ଅତିଥି ମାନେ ବକ୍ତବ୍ୟ ରଖିଥିଲେ । ଶେଷରେ ପ୍ରଦୀପ କୁମାର ଲେଙ୍କା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କିମ୍ବଦନ୍ତୀ ନାଟ୍ୟ ମହର୍ଷି ଗୁରୁ ଭଗବାନ ସାହୁଙ୍କ ଜନ୍ମୋତ୍ସବ

ସମ୍ବଲପୁର, ୦୭/୦୭ (ନି.ପ୍ର): ସ୍ଥାନୀୟ ଡୁଙ୍ଗୁରିପାଲି ସାହିତ୍ୟ ସାଂସ୍କୃତିକ ସଂସଦ ଏବଂ କବି ଓ କଳାକାର ସଂଘ ମିଳିତ ଆନୁକୂଲ୍ୟରେ ପଶ୍ଚିମ ଓଡ଼ିଶା ଭାଷା କଳା ସଂସ୍କୃତିର ପ୍ରଚାରକ କିମ୍ବଦନ୍ତୀ ନାଟ୍ୟ ମହର୍ଷି ଗୁରୁ ଭଗବାନ ସାହୁଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି । ଆଶୁ କବି ବିପ୍ର ଚରଣ ସାହୁଙ୍କ ଆବାହକତ୍ୱରେ ଡ଼. ସୁବାସ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ସମ୍ପାଦକ ଅମୂଲ୍ୟ ବେହେରାଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଶିକ୍ଷାବିତ କବି ନିରଞ୍ଜନ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ 'ଗୁରୁଙ୍କ ସେବା ହିଁ, ଈଶ୍ୱରଙ୍କ ସେବା' ବୋଲି ତାଙ୍କ ବକ୍ତବ୍ୟରେ ପ୍ରକାଶ କହିଥିଲେ ।

# ମହାପ୍ରଭୁଙ୍କ ନୀଳାଦ୍ରି ବିଜେ

ଡକ୍ଟର ଲକ୍ଷ୍ମଣ ସାହୁ

ଶାସ୍ତ୍ରୀୟ ମତାନୁସାରେ ଶ୍ରୀଗୁଣ୍ଡିଚା ପରେ ମାଉସୀ ମନ୍ଦିରରୁ ତିନି ଦିଅଁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ବାହୁଡ଼ା ଯାତ୍ରା ସାରି ଜଗତି ଉପରେ ବିଜେ କରିବା ନୀଳାଦ୍ରୀ ବିଜେ କୁହାଯାଏ । ଗୁଣ୍ଡିଚା ଦିନ ତିନିଠାକୁର ଯେଭଳି ରଥରେ ଗୁଣ୍ଡିଚା ମନ୍ଦିର ଯାଏ ଯାଇଥିଲେ ଠିକ୍ ସେଭଳି ବାହୁଡ଼ା ଯାତ୍ରାରେ ବଡ଼ଦେଉଳକୁ ଲେଉଟନ୍ତି । ଏହି ଲେଉଟାଣି ପରେ ରଥରୁ ଠାକୁରମାନେ ରତ୍ନବେଦୀକୁ ବିଜେ କରିଥାନ୍ତି । ଏହା ହେଉଛି ନବଦିନ ବ୍ୟାପୀ ରଥଯାତ୍ରାର ଅନ୍ତିମ ପର୍ଯ୍ୟାୟ ।

ପରମ୍ପରା ଅନୁଯାୟୀ ଠାକୁରମାନଙ୍କ ସୁନାବେଶ ଓ ଅଧରପଣାର ପରଦିନ ଶ୍ରୀବିଗ୍ରହମାନେ ଗୋଟି ପହଣ୍ଡିରେ ଶ୍ରୀମନ୍ଦିରକୁ ବିଜେ କରି ରତ୍ନ ସିଂହାସନରେ ଅଧିଷ୍ଠିତ ହୋଇଥାନ୍ତି । ଶାସ୍ତ୍ରରେ ବର୍ଣ୍ଣିତ ହୋଇଅଛି ଦ୍ୱାଦଶୀ ଦିନ ମହାପ୍ରଭୁ ନୀଳାଦ୍ରି ବିଜେ କରନ୍ତି । କିନ୍ତୁ ବାସ୍ତବରେ ଏକାଦଶୀ ଦିନ ସୁନାବେଶ, ଦ୍ୱାଦଶୀରେ ଅଧରପଣା ଓ ତ୍ରୟୋଦଶୀ ତିଥିରେ ନୀଳାଦ୍ରି ବିଜେ ହୋଇଥାଏ ।

କୁହାଯାଏ ଆଷାଢ଼ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ଅଧରପଣା ଭୋଗ କରାଯାଏ । ମଧ୍ୟାହ୍ନ ଧୂପ ଶେଷ ହେବାପରେ ଓ ସନ୍ଧ୍ୟା ଆଳତି ପୂର୍ବରୁ ଏହି ନୀତି ଅନୁଷ୍ଠିତ ହୋଇଥାଏ । ଶ୍ରୀବିଗ୍ରହମାନଙ୍କର ଶ୍ରୀଅଧର ଉଚ୍ଚତା ବିଶିଷ୍ଟ ଲାଉତୁମ୍ବ ଭଳି ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ମାଟିହାଣ୍ଡିରେ ପଣା ସବୁକୁ ରଥ ଉପରେ ରଖାଯାଇଥାଏ । ଏହି ଅଧରପଣା ସର, କଦଳୀ, ଛେନା, ଗୋଲମରିଚ ରେ ପ୍ରସ୍ତୁତି ହୋଇଥାଏ । ପ୍ରତି ରଥରେ ୩ଟି ହାଣ୍ଡି ହିସାବରେ ମୋଟ ୯ହାଣ୍ଡି ଅଧର ପଣା ଭୋଗ କରାଯାଇଥାଏ । ଏହି ୯ହାଣ୍ଡି ପଣାକୁ ପୂଜାପଣ୍ଡା ସେବକମାନେ ପଞ୍ଚୋପଚାର ପଦ୍ଧତିରେ ଶ୍ରୀବିଗ୍ରହମାନଙ୍କୁ ଅର୍ପଣ କରାଯାଇଥାଏ । ଭୋଗ ହେବା ପରେ ପଣା ଥିବା ହାଣ୍ଡିଗୁଡ଼ିକୁ ରଥ ଉପରେ ଭାଙ୍ଗି ଦିଆଯାଏ । ରଥଗୁଡ଼ିକରେ ଥିବା ପାର୍ଶ୍ୱଦେବଦେବୀ, ଚଣ୍ଡିଚାମୁଣ୍ଡା ତଥା ଅଶରୀରୀମାନଙ୍କ ଉଦ୍ଧାର ନିମନ୍ତେ ପଣା ହାଣ୍ଡି ସବୁକୁ ଭୋଗ ହେବା ପରେ ଭାଙ୍ଗି ଦିଆଯିବାର ବିଧି ରହିଆସିଛି ।

ସ୍ୱତଲିପି ଅନୁଯାୟୀ ବାହୁଡ଼ା ଦଶମୀ ଦିନ ରଥ ସିଂହଦ୍ୱାର ନିକଟରେ ପହଁଚିବା ପେର 'ଅଧର ପଣା' ଭୋଗ ହେବା କଥା । କିନ୍ତୁ ସମୟ ଅଭାବରୁ ଏହା ଏକାଦଶୀ ଦିନ ଅନୁଷ୍ଠିତ ହୋଇଥାଏ । ହେଲେ ଏକାଦଶୀ ଦିନ ମଧ୍ୟ ଏହି ନୀତି ହୋଇ ନପାରି ଅନେକ ବର୍ଷ ଧରି ଦ୍ୱାଦଶୀ ତିଥିରେ ଏହି 'ଅଧର ପଣା ଭୋଗ କରାଯାଉଛି । ଗବେଷକ ଡଃ ସୁରେନ୍ଦ୍ର କୁମାର ମିଶ୍ର ଓଡ଼ିଆ ମଠରୁ ପ୍ରାପ୍ତ ସନନ୍ଦକୁ ଆଧାର କରି ଉଲ୍ଲେଖ କରିଛନ୍ତି ଯେ, ପୂର୍ବେ ବାହୁଡ଼ା ଦଶମୀ ଦିନ ତିନି ହାଣ୍ଡି, ଏକାଦଶୀରେ ତିନି ହାଣ୍ଡି ଓ ଦ୍ୱାଦଶୀ ଦିନ ତିନି ହାଣ୍ଡି ଏହିପରି ନଅ ହାଣ୍ଡି ଅଧର ପଣା ଓ ବଳଭଦ୍ରଙ୍କ ରଥରେ ରାମ , କୃଷ୍ଣଙ୍କ ଉଦ୍ଦେଶ୍ୟରେ ୨ ହାଣ୍ଡି (ସାନ) ଓ ଜଗନ୍ନାଥଙ୍କ ରଥରେ ମଦନମୋହନ ଠାକୁରଙ୍କ ନିମିତ୍ତ ୧ ହାଣ୍ଡି (ସାନ) କ୍ରମରେ ମୋଟ ୧୨ଟି ହାଣ୍ଡି ଅଧର ପଣା ଭୋଗ ହେଉଥିଲା । ସମ୍ପ୍ରତି ତିନି ରଥ ପାଇଁ ଦ୍ୱାଦଶୀ ଦିନ ମୋଟ ୯ ହାଣ୍ଡି ଅଧର ପଣା ଭୋଗ ହେଉଅଛି ।

ତେବେ ଅନନ୍ୟ ଏ ଅଧରପଣା ନୀତି ପଛରେ ରହିଛି ଗୁଢ ତତ୍ତ୍ୱ । ପାପୀ, ତପି, ମ୍ଳେଚ୍ଛ, ଦୀନ, ଯବନ ଉଦ୍ଧାର ପାଇଁ ରଥଯାତ୍ରାର ଶେଷରେ ଜନ ସମାଜକୁ ଅମୃତର ପାନ ପାଇଁ ଅଧରପଣା ନୀତି ବୋଲି ଜଗନ୍ନାଥ ସଂସ୍କୃତି ଗବେଷକଙ୍କ ମତ । ପୌରାଣିକ ବର୍ଣ୍ଣନାନୁସାରେ ଶ୍ରୀଗୁଣ୍ଡିଚା ଯାତ୍ରା ସମୟରେ ମହାପ୍ରଭୁଙ୍କ ସହ ରଥରେ ଅନେକ ଦେବାଦେବୀ, ଦାନବ, ଗନ୍ଧର୍ଭ, ଯକ୍ଷ, ଚଣ୍ଡି, ଚାମୁଣ୍ଡା ତଥା ଅଶରିରୀମାନେ ଯାତ୍ରା କରିଥାନ୍ତି । ଏସବୁ ଆତ୍ମାର ଶାନ୍ତି ନିମନ୍ତେ ନୀଳାଦ୍ରି ବିଜେ ପୂର୍ବରୁ ମହାପ୍ରଭୁ ଅଧର ଅମୃତ ପାନ କରିଥାନ୍ତି । ଏହି ପଣା ପାନ କରି ଅତୃପ୍ତ ଆତ୍ମା ମୁକ୍ତି ଲାଭ କରିଥାଏ । ଏପରିକି ବର୍ଷକୁ ଥରେ ମଣିଷଙ୍କ ପରି ପ୍ରେତାତ୍ମାମାନେ ମଧ୍ୟ ଚାହିଁ ବସିଥା'ନ୍ତି ରଥଯାତ୍ରାକୁ । ଅତୃପ୍ତ ଆତ୍ମା ତୃପ୍ତ ହୁଅନ୍ତି, ଅଶରୀରୀମାନେ ମୁକ୍ତି ପାଆନ୍ତି ଏଭଳି ଅନେକ ଲୋକ ପ୍ରବାଦ ଅଧରପଣାକୁ ନେଇ ରହିଛି ।

ରଥ ଉପରେ ପ୍ରତ୍ୟେକ ଠାକୁରଙ୍କ ସମ୍ମୁଖରେ ରଥ ଉପରେ ଭୋଗ ହେଉଥିବା ସ୍ଥାନରେ ମହାପ୍ରଭୁଙ୍କର ଶ୍ରୀଅଧର ଉଚ୍ଚ ଥିବା ତୁମ୍ବ ଆକୃତି ଭଳି ମାଟିର ତିନୋଟି ହାଣ୍ଡି ରଖାଯାଏ । ପୂର୍ବରୁ ପାଣିଆ ଆପଟ ସେବକମାନେ ସିଂହଦ୍ୱାର ଛାଉଣୀ ମଠ ସମ୍ମୁଖସ୍ଥ କୂପରୁ ଗରାମାନଙ୍କରେ ଜଳ କାଢି ରଥ ଉପରକୁ ବୋହି ନେଇ ବଡ଼ ପିତଳ ହଣ୍ଡାମାନଙ୍କରେ ରଖିଥାନ୍ତି । ସିଂହଦ୍ୱାର ସମ୍ମୁଖ କୂପରୁ ଏହି ଜଳ ଅଣାଯାଏ । ଅଧରପଣା ଭୋଗ ପୂର୍ବରୁ ମହାସୁଆରମାନେ ଥାଇ ଭିତରଛ, ତଳୁଛ , ରଥରେ ପାଳିଆ ପୁଷ୍ପାଳକ ଅଧର ଆଗରେ ଖଣ୍ଡେ ନୂଆ ଗାମୁଛା ଟେରା ଧରିଥାନ୍ତି । ଅଧରପଣା ହାଣ୍ଡି ଉପରେ ଖଣ୍ଡେ ଲେଖାଏଁ ଧଳା ଜାଲିକନା ପକାଯାଏ । ବୋଧହୁଏ ଜଳ ଛଣା ଉଦ୍ଦେଶ୍ୟରେ ଏହା ପକାଯାଏ ବୋଲି କଥିତ ରହିଛି ।

ନଅ ହାଣ୍ଡି ଅଧର ପଣାର ବ୍ୟବସ୍ଥା ମଧ୍ୟ ରହସ୍ୟା ଘେରରେ ରହିଛି । ତାନ୍ତ୍ରିକ ଓ ଶକ୍ତି ଉପାସକମାନେ ବଳଭଦ୍ରଙ୍କୁ ତାରା, ସୁଭଦ୍ରାଙ୍କୁ ଭୁବନେଶ୍ୱରୀ ଓ ଜଗନ୍ନାଥଙ୍କୁ ମହାକାଳୀ ଭାବେ ପୂଜା କରିଥା'ନ୍ତି । ତେଣୁ ଏହି ନବଦିନାତ୍ମକ ରଥଯାତ୍ରାକୁ ତନ୍ତ୍ରର ପୂଜା ବୋଲି କୁହାଯାଇଥାଏ । କେବଳ ତାହା ନୁହେଁ, ତନ୍ତ୍ରର ପ୍ରଭାବ ଜଗନ୍ନାଥଙ୍କ ସଂସ୍କୃତିରେ ରହିଥିବାରୁ ପ୍ରତି ରଥରେ ୯ ଜଣ ଲେଖାଏଁ ପାର୍ଶ୍ୱ ଦେବାଦେବୀ ରହିଥା'ନ୍ତି । ଅଧର ପଣା ବେଳେ ପ୍ରତିରଥରେ ତିନି ତିନୋଟି କରି ମୋଟ ନଅଟି ହାଣ୍ଡି ପଣା ମହାପ୍ରଭୁଙ୍କୁ ମଣୋହି ହୋଇଥାଏ ବୋଲି କୁହାଯାଇଛି । ଦେବସ୍ନାନ ପୂର୍ଣ୍ଣିମାଠାରୁ ଶ୍ରୀଗୁଣ୍ଡିଚା ଉତ୍ସବ ଆରମ୍ଭ ହୋଇ ନୀଳାଦ୍ରି ବିଜେରେ ଶେଷ ହୋଇଥାଏ । ଦେବତାମାନଙ୍କଠାରୁ ଉତ୍ସବ ଆରମ୍ଭ ହୋଇ ଅଶରୀରୀମାନଙ୍କ ପାଖରେ ସରିଥାଏ । ତନ୍ତ୍ରଶାସ୍ତ୍ର ଅନୁଯାୟୀ ଦେବସ୍ନାନ ଉତ୍ସବରେ ମହାପ୍ରଭୁ ଦେବତା, ଯକ୍ଷ, ଗନ୍ଧର୍ବ ଆଦିଙ୍କୁ ଦର୍ଶନ ଦେଇ କୃତାର୍ଥ କରୁଥିବା ବେଳେ ଦ୍ୱିତୀୟ ଭାଗରେ ଶ୍ରୀଗୁଣ୍ଡିଚାରେ ରଥରେ ବସି ମନୁଷ୍ୟ, ପଶୁ ଯୋନିରେ ଜନ୍ମଗ୍ରହଣ କରିଥିବା ସମସ୍ତ ପ୍ରାଣୀଙ୍କୁ ଦର୍ଶନ ଦେଇ ପତିତ ଉଦ୍ଧାର କରିଥା'ନ୍ତି । ତେଣୁ ରଥଯାତ୍ରା ଶେଷଭାଗରେ ମହାପ୍ରଭୁ ମଧୁର ଅଧରରେ ପଣାହାଣ୍ଡି ସ୍ୱର୍ଶ କରି ଏହାକୁ ଶରୀରୀ ଓ ପ୍ରେତମାନଙ୍କ ଉଦ୍ଦେଶ୍ୟରେ ସମର୍ପଣ କରି ଉଦ୍ଧାର କରିଥା'ନ୍ତି ।

ପରମ୍ପରା ଅନୁଯାୟୀ ଠାକୁରମାନଙ୍କ ସୁନାବେଶ ଓ ଅଧରପଣାର ପରଦିନ ଶ୍ରୀବିଗ୍ରହମାନେ ଗୋଟି ପହଣ୍ଡିରେ ଶ୍ରୀମନ୍ଦିରକୁ ବିଜେ କରି ରତ୍ନ ସିଂହାସନରେ ଅଧିଷ୍ଠିତ ହୋଇଥାନ୍ତି । ନିଳାଦ୍ରୀ ବିଜେ ଦିନ ରଥ ଉପରେ ଠାକୁରମାଙ୍କର ସନ୍ଧ୍ୟାଧୂପ ନୀତି ସରିବା ପରେ ପ୍ରତି ରଥରେ ଚାରମାଳ ବନ୍ଧା ହୁଏ । ପୂର୍ବରୁ ନୀତି ଅନୁସାରେ ଯେତେବେଳେ ବିଜେ କାହାଳି ବାଜେ ସେତେବେଳେ ବନ୍ଦାପନା ଓ ଡୋରି ଲାଗି ନୀତି ହୋଇଥାଏ । ସର୍ବପ୍ରଥମେ ମଦନମୋହନ ଓ ରାମକୃଷ୍ଣ ବିଗ୍ରହଙ୍କୁ ହସ୍ତରେ ଧରି ଦକ୍ଷିଣ ଘରକୁ ବିଜେ କରାଯାଇଥାଏ । ଏହାପରେ ଗୋଟି ପହଣ୍ଡି କ୍ରମରେ ସୁଦର୍ଶନ, ବଳଭଦ୍ର, ସୁଭଦ୍ରାଙ୍କ ପହଣ୍ଡି ହୋଇ ଗମ୍ଭୀରାକୁ ବିଜେ କରାଯାଏ ।

ଜଗନ୍ନାଥ ମହାପ୍ରଭୁ ପହଣ୍ଡି ବିଜେ କରିବା ପରେ ଲକ୍ଷ୍ମୀ ଠାକୁରାଣୀ ଭେଟ ମଣ୍ଡପକୁ ଆସିଥାନ୍ତି । ଉଭୟ ଜଗନ୍ନାଥ ଓ ଲକ୍ଷ୍ମୀ ଠାକୁରାଣୀ ପରସ୍ପରକୁ ଭେଟ ହୋଇଥାନ୍ତି । ଏହାପରେ ଲକ୍ଷ୍ମୀଙ୍କ ତରଫରୁ ଭିତରଛ ବନ୍ଦାପନା ନୀତି ବଢାଇଥାନ୍ତି । ସେହି ସମୟରେ ପରମ୍ପରା ଅନୁଯାୟୀ ମହାପ୍ରଭୁ ସିଂହଦ୍ୱାର ନିକଟରେ ପହଞ୍ଚିବା ବେଳେ ସାମୟିକ ଭାବେ ଦ୍ୱାର ବନ୍ଦ ରହିଥାଏ ଓ କିଛି କ୍ଷଣ ପରେ ଦ୍ୱାର ଖୋଲିଯାଏ । ଏଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା ଲକ୍ଷ୍ମୀଙ୍କ ମଧ୍ୟରେ ବଚନିକା ହୋଇଥାଏ ।

ଏହି 'ବଚନିକା'ର ଅର୍ଥ- ଦୁଇଜଣଙ୍କ ଭିତରେ କଥୋପକଥନ । ଇଂରେଜୀରେ 'ଡାଏଲଗ୍ ?' ବା 'କନ୍ ?ଭରସେସନ୍ ?' ଓ ସଂସ୍କୃତରେ 'ସଂବାଦ' ବୁଝା ପଡ଼େ । ବୈଦିକ କାଳରୁ ଏହା ପ୍ରଚଳିତ ହୋଇ ଆସୁଛି । ଦୃଷ୍ଟାନ୍ତ ସ୍ୱରୂପ 'ପୁରୁରବା-ଉର୍ବଶୀ ସଂବାଦ', 'ଯମ-ଯମୀ ସଂବାଦ', 'ଯାଜ୍ଞବଲ୍କ୍ୟ-ମୈତ୍ରେୟୀ ସଂବାଦ' ଆଦି । ଏହାର ଅନ୍ୟ ଅର୍ଥ 'ବାକ୍ୟାଳାପ' ବା 'ବାର୍ତ୍ତାଳାପ' । 'ଉକ୍ତି-ପ୍ରତ୍ୟୁକ୍ତି' ଅର୍ଥରେ ମଧ୍ୟ ଏହା ପ୍ରଯୁକ୍ତ ହୋଇଥାଏ । ତେଣୁ ଓଡ଼ିଆରେ 'ବୋଲାବୋଲି', 'ବରାବରି', 'ବକାବକି' ଆଦି ଶବ୍ଦ ମଧ୍ୟ ଅଛି । 'ପ୍ରଶ୍ନୋତ୍ତର' ଓ 'ଜବାବ-ସୁଆଲ'କୁ ମଧ୍ୟ ଏହାର ପ୍ରତିଶବ୍ଦ ଭାବରେ ଗ୍ରହଣ କରାଯାଏ । ଏହା ମଧ୍ୟ ସୂଚାଏ- 'ଦ୍ୱନ୍ଦ୍ୱ' ବା 'କଳି'କୁ କୁହାଯାଏ ।

ମହାପ୍ରଭୁ ନିଜ ଜନ୍ମବେଦୀକୁ କ୍ୱେଳ ନିଜର ଭାଇ ଓ ଭଉଣୀଙ୍କୁ ନେଇ ରଥଯାତ୍ରାରେ ଯାଇଥିବା ହେତୁ ମା' ଲକ୍ଷ୍ମୀ ପ୍ରଭୁ ଜଗନ୍ନାଥଙ୍କ ଉପରେ ଅଭିମାନ କରିଥାନ୍ତି । ତେଣୁ ପତିପତ୍ନୀଙ୍କ ମଧ୍ୟରେ କଳି ରାଗିବା ବା ବଚନିକା ଘଟିବା ସ୍ୱାଭାବିକ । ଏହି ବଚନିକାର ବିଶଦ ସୂଚନା ଶ୍ରୀମନ୍ଦିରର ସ୍ୱତ୍ୱଲିପିରେ ନାହିଁ । କେବଳ ଏହା ସେବକଙ୍କ ସୂତ୍ରରୁ ଜଣାପଡ଼େ, ନୀତିଅନୁସାରେ ଶ୍ରୀଜଗନ୍ନାଥଙ୍କ ପକ୍ଷରୁ ଜୟବିଜୟ ଦ୍ୱାରର ବାହାରପଟେ ଦଇତା ସେବକ ସ୍ୱାଇଁ ମହାପାତ୍ର ଓ ଦେବୀ ଲକ୍ଷ୍ମୀଙ୍କ ପକ୍ଷରୁ ଦ୍ୱାରର ଭିତର ପଟେ ଭିତର ଗାଏଣୀ (ଦେବଦାସୀ) ରହୁଥିଲେ । ଶ୍ରୀମନ୍ଦିରରୁ ଦେବଦାସୀ ସେବା ବିଲୁପ୍ତ ହେବା ପରେ, ଭିତରପଟେ ଲକ୍ଷ୍ମୀଙ୍କ ପକ୍ଷରୁ ଆଉ କେହି ରହୁନାହାନ୍ତି । କେବଳ ସ୍ୱାଇଁ ମହାପାତ୍ର ସେବକ ଏପଟୁ ବଚନିକାର ପଦଟିଏ ଗୀତ ଗାଇବା ପରେ, ଦ୍ୱାର ଖୋଲିଦିଆଯାଇ, ରୁକ୍ମିଣୀ ବିବାହର ଗଇଣ୍ଠାଳ ଫିଟା ନୀତି ଓ ରସଗୋଲା ଭୋଗ ଆଦି ହେଉଛି । ଏବେ ଶ୍ରୀମନ୍ଦିରରୁ 'ଲକ୍ଷ୍ମୀ-ନାରାୟଣ ବଚନିକା'ର ଏହି କୌତୁହଳ ରସାଳ ଲୋକ-ପରମ୍ପରା ସଂପୂର୍ଣ୍ଣ ବିଲୁପ୍ତି ହୋଇପାରେ । ଯାହା ଦିନେ 'ଲକ୍ଷ୍ମୀ-ନାରାୟଣ ବଚନିକା' ବା 'ଲକ୍ଷ୍ମୀ-ନାରାୟଣ କଳି' ଏକ କୌତୁକାବହ ବ୍ୟାପାର ଥିଲା । ଏହାର ପ୍ରଚୁର ନିଦର୍ଶନ ରହିଛି 'ନିଳାଦ୍ରି ମହୋଦୟ' ଓ 'ବାମଦେବ ସଂହିତା' ଆଦି ଗ୍ରନ୍ଥରେ ରହିଛି ।

ଶ୍ରୀମନ୍ଦିରର ରୀତିନୀତି ସଂପର୍କିତ 'ନୀଳାଦ୍ରି ମହୋଦୟ' ଓ 'ବାମଦେବ ସଂହିତା' ହେଉଛି ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥ । 'ନୀଳାଦ୍ରି ମହୋଦୟ'ର ଷୋଡ଼ଶ ଅଧ୍ୟାୟରେ ଥିବା ବର୍ଣ୍ଣନା ଅନୁସାରେ- ଶ୍ରୀମନ୍ଦିରର ଜୟବିଜୟ ଦ୍ୱାରଠାରେ ଏହି ଲୀଳା କରାଯାଏ । କୌତୁକବଶତଃ ଦେବୀ ଲକ୍ଷ୍ମୀ ଏହି ଦ୍ୱାରକୁ ବନ୍ଦ କରିଦେଇ, ଦ୍ୱାରର ଆରପାର୍ଶ୍ୱରେ ନିଜେ ଅବସ୍ଥାନ କରନ୍ତି । ଏଥିରେ ଉଭୟ ପକ୍ଷରୁ ଗୋଟିଏ ଗୋଟିଏ ପଦର ବଚନିକା ହୋଇଥାଏ । କିନ୍ତୁ 'ବାମଦେବ ସଂହିତା'ରେ ଏ ପ୍ରସଙ୍ଗ କିଂଚିତ୍ ଭିନ୍ନ ଭାବରେ ବର୍ଣ୍ଣିତ ହୋଇଛି । ଏହାର ସପ୍ତଦଶ ଅଧ୍ୟାୟରେ ଏ ସଂପର୍କରେ ବିଶଦ ବର୍ଣ୍ଣନା ଅଛି । ଶ୍ରୀଜଗନ୍ନାଥଙ୍କ ପକ୍ଷରୁ ଦଇତାମାନେ ଏବଂ ଦେବୀ ଲକ୍ଷ୍ମୀଙ୍କ ପକ୍ଷରୁ ଦେବଦାସୀମାନେ ସେହି ବଚନିକାରେ ଅଂଶଗ୍ରହଣ କରୁଥିବା ବିଷୟ ସେଥିରେ ଅତ୍ୟନ୍ତ ରୋଚକ ଭାବରେ ବର୍ଣ୍ଣିତ ହୋଇଛି । ବର୍ଣ୍ଣନା ଅନୁଯାୟୀ ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ଯାଇସାରିବା ପରେ, ଦେବୀ ଲକ୍ଷ୍ମୀ କବାଟର ଅର୍ଗଳିକୁ ଦୃଢ଼ ଭାବରେ ବନ୍ଦ କରାଇ ନିଜେ ଦ୍ୱାରଦେଶର ପୁରୋଭାଗରେ ରହିଥାନ୍ତି । ସେତେବେଳେ ରାଜା ମହାଲକ୍ଷ୍ମୀ ଓ ଶ୍ରୀଜଗନ୍ନାଥଙ୍କର ସେବକମାନଙ୍କୁ କହିଲେ, ପ୍ରଭୁ ଯେପରି ମୋର ମାନ୍ୟ, ମାତା ଲକ୍ଷ୍ମୀ ମଧ୍ୟ ସେହିପରି ମାନ୍ୟା ଅଟନ୍ତି ।

ତେଣୁ ଲକ୍ଷ୍ମୀ ଓ ନାରାୟଣଙ୍କୁ ମାତା ଓ ପିତା ଭାବରେ ବନ୍ଦାପନା କରି, ରଥରୁ ପ୍ରଭୁ ଜଗନ୍ନାଥଙ୍କୁ ଅବତରଣ କରାଇ, ରାଜା କବାଟର ଅର୍ଗଳି ପାଖକୁ ଆଣିବାବେଳେ ତାହା ଜାଣି ମହାଲକ୍ଷ୍ମୀ ଦାସୀବର୍ଗଙ୍କୁ ଡାକି ଅଭିମାନ ଭରା ଆଦେଶ ଦେଇ କହିଲେ- ହେ ଦାସୀମାନେ, ତୁମ୍ଭେ ଯାଇ ଜଗନ୍ନାଥଙ୍କୁ କୁହ ଯେ ଏହି ସ୍ଥାନରେ ଚଣ୍ଡରୂପା ଦେବୀ ଅବସ୍ଥାନ କରୁଛନ୍ତି । ଆପଣଙ୍କୁ ସୁଖ ପ୍ରଦାନ କରିବା ପରି କେହି ପ୍ରିୟା ଏଠାରେ ସେପରି ନାହାନ୍ତି । ଏହା ହେଉଛି ଏକ ବିରହିଣୀପୁର । ଏଠାରେ ଚନ୍ଦନାଦି ସୁଗନ୍ଧ ପଦାର୍ଥ, ଆପଣଙ୍କ ମନଲାଖି ପାନ, ଭୋଜନ ପାଇଁ କିଛି ନାହିଁ । ତେଣୁ ହେ ବିଭୁ , ଯେଉଁଠାରେ ଏସବୁ ଆପଣଙ୍କୁ ମିଳିବ, ସେଠାକୁ ଆପଣ ଚାଲି ଯାଆନ୍ତୁ । 'ବାମଦେବ ସଂହିତା' ଅନୁସାରେ- "ଦେବୀ ମହାଲକ୍ଷ୍ମୀଙ୍କର ସେହି ବାକ୍ୟ ଶୁଣି, ରାଜା ଅନେକ ପ୍ରକାରରେ ଦେବୀଙ୍କୁ ସାନ୍ତ୍ୱନା ପ୍ରଦାନ କଲା ପରେ ଦେବୀ ଲଜ୍ଜାବନତ ମୁଖରେ ଦ୍ୱାର ଖୋଲି ଦିଅନ୍ତି ।"

ଦେଖିବାକୁ ଗଲେ ସେତେବେଳେ ଏସବୁ କେବଳ ଜନୈକ ଦେବଦାସୀ ଓ ମହାପ୍ରଭୁଙ୍କ ତରଫରୁ ଜଣେ ଦଇତାପତି ଦ୍ୱାରର ଅପରପାର୍ଶ୍ୱରେ ରହି ଉଭୟଙ୍କ ମଧ୍ୟରେ ଲୋକ ପରମ୍ପରାଗତ ବଚନିକା ଏକପ୍ରକାର ଅଭିନୟ ଢଙ୍ଗରେ ସମାହିତ ହୋଇଥାଏ । ଯାହା ଖୁବ୍ ହୃଦୟସ୍ପର୍ଶୀ ଓ ମନୋରଞ୍ଜନ ପୂର୍ଣ୍ଣ । ପରେ ଜୟ ବିଜୟ ଦ୍ୱାର ଫିଟିଥାଏ । ମହାପ୍ରଭୁ ଶ୍ରୀଜଗନ୍ନାଥ ରସଗୋଲା ଦେଇ ମା' ଲକ୍ଷ୍ମୀଙ୍କ ମାନଭଞ୍ଜନ କରିବା ସହ ମନାଇ ଥାନ୍ତି । ଯାହାକି ମହାପ୍ରଭୁଙ୍କ ମାନବୀୟ ଲୀଳା । ଏହାପରେ ଘସା, ବିଡିଆ ମଣୋହି ସରିଲେ ମହାପ୍ରଭୁ ରତ୍ନସିଂହାସନକୁ ବିଜେ କରିଥାନ୍ତି । ଭକ୍ତଙ୍କ ଘଣ୍ଟ ଘଣ୍ଟା ହରି ବୋଲ ହୁଳହୁଳି ଧ୍ୱନୀରେ ମହାପ୍ରଭୁ ହଲି ଝୁଲି ଧାଡ଼ି ପହଣ୍ଡିରେ ଯାଇ ବିଜେ ହୁଅନ୍ତି ନୀଳାଦ୍ରୀ ମଣ୍ଡପରେ । କବି ଗୌର ଚରଣ ଦାସ ରଥଯାତ୍ରାର ଏହି ଅନ୍ତିମ ପର୍ବକୁ ନୀଳାଦ୍ରୀ ବିଜେ ବର୍ଣ୍ଣନାରେ କହିଛନ୍ତି -

'ଲକ୍ଷ୍ମୀ ନାରାୟଣ ମିଳନ ହୋଇଲେ ସର୍ବଜନେ ବୋଲ ହରି /
ନାରାୟଣ ନାମ ସୁମରିଲେ ତୁମ୍ଭେ ଭବସିନ୍ଧୁଁ ଯିବ ତରି ।'

ଅଧକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪
ଦୂରଭାଷ : ୯୦୪୦ ୧୫୧୪ ୭୫

# କ୍ଷତିକାରକ ଧୂମପାନ



ପ୍ରଥମ ପ୍ରକାର ଧୂମ ହେଲା ଯାହା ଧୂମପାୟୀ ବ୍ୟକ୍ତିର ଶରୀରକୁ ଯାଏ । ଦ୍ୱିତୀୟ ପ୍ରକାର ଧୂମ ହେଲା ଯାହା ଧୂମପାୟୀ ବ୍ୟକ୍ତି ବାହାରକୁ ଛାଡ଼ିଥାଏ ଏବଂ ସେ ବ୍ୟବହାର କରୁଥିବା ଜଳନ୍ତା ସିଗାରେଟ୍ କିମ୍ବା ବିଡିର ଅଂଶରୁ ବାହାରୁଥିବା ଧୂଆଁ । ପରିସଂଖ୍ୟାନ ତଥ୍ୟାନୁଯାୟୀ ଗୋଟିଏ ମାତ୍ର ସିଗାରେଟ୍ ପାନ କଲେ ଆମ ଜୀବନରୁ ୧୧ ମିନିଟ୍ କ୍ଷୟ ହୋଇଥାଏ । ସମସ୍ତ ପ୍ରକାର ହୃଦ୍‌ରୋଗଜନିତ ରୋଗର ୨୦ ପ୍ରତିଶତ ଧୂମପାନ ଯୋଗୁ ହୋଇଥାଏ । ଆମ ଦେଶରେ ପ୍ରତିବର୍ଷ ହାରାହାରି ୧୦ ଲକ୍ଷରୁ ଅଧିକ ଲୋକ ଧୂମପାନଜନିତ ରୋଗରେ ମୃତ୍ୟୁବରଣ କରିଥାଆନ୍ତି । ନିୟମିତ ଧୂମପାନ କଲେ ହୃଦ୍‌ରୋଗ, ଫୁସ୍‌ଫୁସ୍‌ଜନିତ ରୋଗ ସହିତ ଅନ୍ଧତ୍ୱ, ଦ୍ୱିତୀୟ ପ୍ରକାର ମଧୁମେହ (ଟାଇପ-୨ ଡାଇବେଟିସ୍), ଉଚ୍ଚ ରକ୍ତଚାପ, ଯୌନ ଅକ୍ଷମତା, ହାଡର ଦୁର୍ବଳତା ଏପରି କି ଜନ୍ମିତ ଶିଶୁର ବିକଳାଙ୍ଗତା ଇତ୍ୟାଦି ହୋଇଥାଏ । ଧୂମପାନ ଫୁସ୍‌ଫୁସ୍‌କୁ କ୍ଷତି ପହଞ୍ଚାଇବା ସହିତ ସ୍ୱାସ୍ଥ୍ୟାବସ୍ଥାକୁ ଅଧିକ ମାତ୍ରାରେ କ୍ଷତି କରିଥାଏ । ତମାଖୁର ସୂକ୍ଷ୍ମ କଣିକା ଶରୀର ମଧ୍ୟକୁ ଯାଇ ନିମୋନିଆ,ଏମଫିସିମା, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ ଓ କ୍ୟାନ୍‌ସର ପରି ଜୀବନନାଶକ ରୋଗ ସୃଷ୍ଟି କରିଥାଏ । ପ୍ରକାର ଭେଦରେ ତମାଖୁ ଧୂମବିହୀନ ଏବଂ ଧୂମଯୁକ୍ତ-ଏହି ଦୁଇ ପ୍ରକାରର ଅଟେ । ଧୂମବିହୀନ ତମାଖୁ ମଧ୍ୟ ଅତ୍ୟନ୍ତ କ୍ଷତିକାରକ । ଧୂମପାନ ତ୍ୟାଗ ଅତ୍ୟନ୍ତ ଉପକାରୀ ହୋଇଥାଏ । ଧୂମପାନ ତ୍ୟାଗର ମାତ୍ର କେଇ ମାସ ମଧ୍ୟରେ ଅନେକ ଉନ୍ନତି ମିଳିଥାଏ । ଏହାଦ୍ୱାରା ଉଚ୍ଚ ରକ୍ତଚାପ ହ୍ରାସ, କଫ ଓ କାଶରେ କମ୍ ଏବଂ ନିଃଶ୍ୱାସ ନେବାରେ କ୍ଷମତା ବଢ଼ିଥାଏ । ତେଣୁ ଏଭଳି ଅଭ୍ୟାସଠାରୁ ନିଜକୁ ଯେତେ ଦୂରେଇ ରଖିବେ ତାହା ସେତେ ଭଲ ।

# ଅଧିକ ଫ୍ୟାଟ୍ ଯୁକ୍ତ ଖାଦ୍ୟ ଖାଉଛନ୍ତି କି ? ଦେଖାଦେଇପାରେ ଏସବୁ ସମସ୍ୟା



ଆମେ ସବୁବେଳେ ସୁଷମ ଖାଦ୍ୟ ଖାଇବା ଦରକାର । ଯଦି ଏଣୁତେଣୁ ଖାଦ୍ୟ ଖାଇବା ଅଭ୍ୟାସରେ ପଡ଼ିଥାଏ ତେବେ ଏହା କିଛି ରୋଗକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ । ବିଶେଷଭାବରେ ଜଣେ ବ୍ୟକ୍ତି ଫ୍ୟାଟ୍‌ଜାତୀୟ ଖାଦ୍ୟ ପ୍ରତି ଅଧିକ ସର୍ତକତା ଅବଲମ୍ବନ କରିବା ଦରକାର । କାରଣ ଏହାର ଖରାପ ପ୍ରଭାବ ଅଧିକ ପରିମାଣରେ ଶରୀର ଉପରେ ପଡ଼ିଥାଏ । ଏଭଳି ଖାଦ୍ୟ ସବୁବେଳେ ଖାଇଲେ ତାହାଦ୍ୱାରା ଷ୍ଟ୍ରୋକ୍ ଆଶଙ୍କା ରହିଛି ବୋଲି ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି । ଏଭଳି ବିଷୟକୁ ନେଇ ସେମାନେ ଏକ ସର୍ଭେ କରିଥିଲେ । ପ୍ରାୟ ନିୟମିତ ଫ୍ୟାଟ୍‌ଜାତୀୟ ଖାଦ୍ୟ ଖାଉଥିବା କେତେକ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରାଯାଇଥିଲା । ଅନ୍ୟପକ୍ଷରେ ଏହାର ପ୍ରଭାବ ସେମାନଙ୍କର ମସ୍ତିଷ୍କ ଉପରେ ପଡୁଛି ତାହାକୁ ସେମାନେ ତନ୍ନ ତନ୍ନ କରି ନିରୀକ୍ଷଣ କରିଥିଲେ । ପରିଶେଷରେ ଜଣାପଡିଥିଲା ଯେ, ଏଭଳି ଖାଦ୍ୟ ଖାଇବା ଦ୍ୱାରା ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତିଙ୍କଠାରେ ବ୍ରେନ୍ ଷ୍ଟ୍ରୋକ୍‌ର ପ୍ରାରମ୍ଭିକ ଲକ୍ଷଣ ଦେଖିବାକୁ ମିଳିଥିଲା । ତେଣୁ ଏଭଳି ଖାଦ୍ୟ ଖାଇବା ଅଭ୍ୟାସକୁ ଯେତେ ସୀମିତ ରଖିବେ ତାହା ସ୍ୱାସ୍ଥ୍ୟ ପାଇଁ ସେତେ ଭଲ ବୋଲି ସେମାନେ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ।

# ଏସବୁ ପରିବାକୁ ତେଲରେ ଭାଜି ଖାଇଲେ ହୁଏ ନାନା ସମସ୍ୟା

**ସାଧାରଣତଃ ନିତିଦିନ ଆମେ କିଛି ନା କିଛି ପରିବା ଖାଇଥାଉ । ହେଲେ ଆମ ଭିତରେ ଅନେକ ଅଛନ୍ତି ଯେଉଁମାନେ କେଉଁ କେଉଁ ପରିବାକୁ ତେଲରେ ଭାଜି ଖାଇଲେ ରୋଗ ସୃଷ୍ଟି ହୋଇଥାଏ ତାହା ହୁଏତ ଜାଣି ନ ଥିବେ । ଆମେ ଆପଣଙ୍କୁ କହିବୁ ସେମିତି କିଛି ପରିବା ବିଷୟରେ ।**

ବନ୍ଧାକୋବି : ଯଦି ଆପଣ କେବଳ ସ୍ୱାଦ ପାଇଁ ବନ୍ଧାକୋବି ଖାଉଛନ୍ତି, ତେବେ ଆପଣ ଏହାକୁ ତେଲରେ ଭାଜି ପାରିବେ । ତଥାପି, ଯଦି ଆପଣ ଓଜନ ହ୍ରାସ କିମ୍ବା ଦୈନନ୍ଦିନ ଅନ୍ତନଳୀ ସ୍ୱାସ୍ଥ୍ୟକୁ ଧ୍ୟାନରେ ରଖି ଏହାକୁ ଆପଣଙ୍କ ଖାଦ୍ୟର ଏକ ଅଂଶ କରୁଛନ୍ତି, ତେବେ ଭାଜିବା ଏକ ଭଲ ବିକଳ୍ପ ନୁହେଁ ।

ପାଳଙ୍ଗ : ପାଳଙ୍ଗ ଏକ ଅତ୍ୟନ୍ତ ସ୍ୱାସ୍ଥ୍ୟକର ପତ୍ର ବା ସାଗ, କିନ୍ତୁ ଯଦି ଏହାକୁ ତେଲରେ ଭାଜି ଖିଆଯାଏ, ତେବେ ଏହାର ଅନେକ ପୁଷ୍ଟିକର ପଦାର୍ଥ ନଷ୍ଟ ହୋଇପାରେ ।

ଆଳୁ : ଅଧିକାଂଶ ଲୋକ ଆଳୁକୁ ଭାଜିବା ପରେ ହିଁ ଖାଆନ୍ତି । ଆଳୁକୁ ଭାଜିବା ଦ୍ୱାରା ଏହାର ପୁଷ୍ଟିକର ତତ୍ତ୍ୱ ହ୍ରାସ ପାଏ । ଯଦି ଆପଣ ସିଝା ଆଳୁ ଖାଆନ୍ତି କିମ୍ବା ଏଥିରୁ ଏକ ଖାଦ୍ୟ ତିଆରି କରନ୍ତି, ତେବେ ଏହା ଅଧିକ ସ୍ୱାସ୍ଥ୍ୟକର ।

ବ୍ରୋକୋଲି : ସାଲାଡ, ତରକାରୀ, ସୁପ ଭଳି ଅନେକ ଖାଦ୍ୟ ଏଥିରୁ ପ୍ରସ୍ତୁତ କରାଯାଏ । କିନ୍ତୁ ଅନେକ ଲୋକ ସ୍ୱାଦ ଏବଂ କଞ୍ଚା ପାଇଁ ଏହାକୁ ତେଲରେ ଭାଜିଥାନ୍ତି, ଯାହା ଯୋଗୁ ବ୍ରୋକୋଲିର ପୁଷ୍ଟିକର ତତ୍ତ୍ୱ ନଷ୍ଟ ହୋଇଯାଏ ।

ଟମାଟୋ : ଟମାଟୋ ମଧ୍ୟ ଏକ ପରିବା ଯାହାକୁ ପ୍ରାୟ ସମସ୍ତେ ତେଲରେ ଭାଜିଥାନ୍ତି । କିନ୍ତୁ ଯଦି ଆପଣ ଟମାଟୋର ସମ୍ପୂର୍ଣ୍ଣ ଲାଭ ଚାହାଁନ୍ତି, ତେବେ ଏହାକୁ ଫୁଟାଇ ଖାଇବା ଭଲ ।











## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀଳାଦ୍ରି ବିଜେ

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ଅତି ଆନନ୍ଦ ଓ କୋଟି ଓଡିଆଙ୍କ ଉତ୍କଣ୍ଠାର ଦିନ ମହାପ୍ରଭୁଙ୍କର ନିଳାଦ୍ରି ବିଜେ। ରଥାରୂଢ଼ ଚତୁର୍ଦ୍ଧା ମୂର୍ତ୍ତିଙ୍କ ସନ୍ଧ୍ୟାଧୂପ ନୀତି ପରେ ଗୋଟି ପହଣ୍ଡିରେ ନୀଳାଦ୍ରି ବିଜେ କରନ୍ତି ତିନି ଠାକୁର। ବର୍ଷକୁ ଗୋଟିଏ ଦିନ ନୀଳାଦ୍ରି ବିଜେ ସମୟରେ ମହାପ୍ରଭୁଙ୍କୁ ରସଗୋଲା ଭୋଗ କରାଯାଏ। ପରମ୍ପରା ଅନୁଯାୟୀ ଶ୍ରୀଜୀଉ ମାନଙ୍କ ସୁନାବେଶ ଓ ଅଧରପଣାର ପରଦିନ ଶ୍ରୀବିଗ୍ରହ ମାନେ ଗୋଟି ପହଣ୍ଡିରେ ଶ୍ରୀମନ୍ଦିରକୁ ବିଜେ କରି ରତ୍ନ ସିଂହାସନାଧିଷ୍ଠିତ ହୋଇଥାନ୍ତି। ପ୍ରଥମେ କୃଷ୍ଣବଳରାମ, ମଦନ ମୋହନଙ୍କୁ ଦକ୍ଷିଣ ଘରକୁ ବିଜେ କରାଯିବା ପରେ ଶ୍ରୀସୁଦର୍ଶନ ଓ ପରେ ବଡଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ଶେଷରେ କାଳିଆ ଠାକୁରଙ୍କୁ ରତ୍ନ ସିଂହାସନକୁ ବିଜେ କରାଯାଏ । ଚାରମାଳ ଆସିବା ପରେ ଭେଟ ମଣ୍ଡପରେ ମହାଲକ୍ଷ୍ମୀ ଓ ଜଗନ୍ନାଥଙ୍କ ଭେଟ ନୀତି କରାଯାଇଥାଏ। ଶାସ୍ତ୍ରରେ ଯଦି ଓ ଉଲ୍ଲେଖ ରହିଛି ଦ୍ୱାଦଶୀ ଦିନ ମହାପ୍ରଭୁ ନୀଳାଦ୍ରି ବିଜେ କରନ୍ତି, କିନ୍ତୁ ପ୍ରକୃତ ପକ୍ଷେ ଏକାଦଶୀ ଦିନ ସୁନାବେଶ, ଦ୍ୱାଦଶୀରେ ଅଧରପଣା ଓ ତ୍ରୋୟଦଶୀ ତିଥିରେ ନୀଳାଦ୍ରି ବିଜେ ହୋଇଥାଏ। ଏହି ପରମ୍ପରା ଦୀର୍ଘ ଅନେକ ବର୍ଷ ଧରି ଅନୁସୃତ ହୋଇ ଆସୁଅଛି। ଶ୍ରୀଜଗନ୍ନାଥ ଚେତନାରେ ଶ୍ରୀଜୀଉଙ୍କ ର ଅନେକ ଅନ୍ତରଙ୍ଗ ନୀତି ଗୋପନୀୟ ଓ ଅବର୍ଣ୍ଣନୀୟ ।

ବର୍ଷକୁ ଗୋଟିଏ ଦିନ ଶ୍ରୀମନ୍ଦିର ଭିତରେ ନୀଳାଦ୍ରିବିଜେ ସମୟରେ ଜଗନ୍ନାଥ ମହାପ୍ରଭୁଙ୍କୁ ରସଗୋଲା ଭୋଗ କରାଯାଏ। ଓଡ଼ିଶାର ଶ୍ରୀଜଗନ୍ନାଥ ମନ୍ଦିର ପରଂପରାର ଗୋଟିଏ ବିଶେଷତ୍ୱ ହେଉଛି ' ରଥଯାତ୍ରା'ର ଅନ୍ତିମ ଉତ୍ସବ ' ନୀଳାଦ୍ରି ବିଜେ' ରେ ରସଗୋଲା ଭୋଗର ପାରମ୍ପରିକ ପ୍ରଚଳନ ଅଛି । ଭିତରଛ ମହାପାତ୍ରଙ୍କ ନିଜସ୍ୱ ଗୃହରେ ଅତ୍ୟନ୍ତ ଶୁଦ୍ଧ ପୂତ ଭାବରେ ଏହି ରସଗୋଲା ତିଆରି ହୋଇଥାଏ।ପରମ୍ପରା ଅନୁସାରେ ବିଭିନ୍ନ ମଠ ଏବଂ ସେବକ ନିଯୋଗ ପକ୍ଷରୁ ପ୍ରଭୁଙ୍କୁ ପଂକ୍ତିଭୋଗ କରାଯାଏ। ନୀଳାଦ୍ରି ବିଜେ ଦିନ ରଥ ଉପରେ ଠାକୁରମାଙ୍କର ସନ୍ଧ୍ୟା ଧୂପ ନୀତି ସରିବା ପରେ ପ୍ରତି ରଥରେ ଚାରମାଳ ବନ୍ଧା ଯାଇଥାଏ। ଏହାପରେ ଦର୍ଶନ ନିମିତ୍ତ କିଛି ସମୟ ଭକ୍ତମାନଙ୍କୁ ରଥ ଉପରୁ ଛଡା ଯାଇଥାଏ। ପ୍ରଥମେ ବିଜେ କାହାଳି ବାଜିବା ପରେ ବନ୍ଦାପନା ଓ ଡୋରି ଲାଗି ନୀତି ହୋଇଥାଏ। ପୁଷ୍ପାଳକ ମହାଜନମାନେ ସର୍ବପ୍ରଥମେ ମଦନମୋହନ ଓ ରାମକୃଷ୍ଣ ବିଗ୍ରହଙ୍କୁ ହସ୍ତରେ ଧରି ଦକ୍ଷିଣ ଘରକୁ ବିଜେ କରାଇଥାନ୍ତି। ତତ୍ପରେ ଗୋଟି ପହଣ୍ଡି କ୍ରମରେ ସୁଦର୍ଶନ , ବଳଭଦ୍ର, ସୁଭଦ୍ରାଙ୍କ ପହଣ୍ଡି ହୋଇ ଗମ୍ଭୀରାକୁ ବିଜେ କରାଯାଏ। ପହଣ୍ଡି ବିଜେ ପୂର୍ବରୁ ରତ୍ନସିଂହାସନ ତ୍ରିମୁଣ୍ଡିରେ ଚାନ୍ଦୁଆ ବନ୍ଧାଯାଏ ଓ ଅଖଣ୍ଡ ବଇଠା ବସେ। ଠାକୁରମାନେ ପହଣ୍ଡିରେ ଆସିବାବେଳେ ମନ୍ଦିର ପରିସରସ୍ଥ ଶୁଆଶାରୀ ଦେଉଳଠାରେ ପ୍ରସାଦ ଲାଗି, ଘସା, ବିଡିଆ ମଣୋହି ଓ ବନ୍ଦାପନା ନୀତି ବଢିଥାଏ। ଜଗମୋହନଠାରେ ମଧ ଏହି ନୀତି ପାଳିତ ହୋଇଥାଏ।

ସୂଚନାଯୋଗ୍ୟ ଯେ, ଗୁଣ୍ଡିଚା ମନ୍ଦିରଠାରେ ରଥ ଉପରୁ ଠାକୁରମାନେ ଗୁଣ୍ଡିଚା ଘର ରତ୍ନସିଂହାସନକୁ ପହଣ୍ଡି ବିଜେ କରିବା ସମୟରେ ରଥ ଉପରେ ଯେଉଁ ପ୍ରକାର ନୀତି ଅନୁସୃତ ହୋଇଥାଏ, ଠିକ୍ ସେହିପରି ସିଂହଦ୍ୱାରଠାରେ ନୀଳାଦ୍ରି ବିଜେ ପହଣ୍ଡିରେ ସମ ନୀତି ପାଳିତ ହୁଏ।

ଶ୍ରୀମନ୍ଦିରର ପାରମ୍ପରିକ ପ୍ରଥା ଅନୁସାରେ ନୀଳାଦ୍ରି ବିଜେରେ ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ଶ୍ରୀମନ୍ଦିରରେ ପ୍ରବେଶ କରିବା ପରେ ଦେବୀ ଲକ୍ଷ୍ମୀଙ୍କ ଆଦେଶରେ ଦାସୀମାନେ ଶ୍ରୀମନ୍ଦିର ଦ୍ୱାର ରୁଦ୍ଧ କରି ଦିଅନ୍ତି । ଶ୍ରୀଜଗନ୍ନାଥ ଶ୍ରୀମନ୍ଦିରରେ ପ୍ରବେଶ କରି ନପାରି ଶ୍ରୀଜଗନ୍ନାଥ ଦାସୀଙ୍କ ମାଧ୍ୟମରେ ଦେବୀ ଲକ୍ଷ୍ମୀଙ୍କୁ ବିନୟ ବଚନ ସମ୍ବଳିତ ଅନୁରୋଧ କରିବା ପରେ ଦେବୀ ଲକ୍ଷ୍ମୀ ଦ୍ୱାର ଖୋଲନ୍ତି । ସହଚରୀମାନେ ଯାଇ ଦେବୀ ଲକ୍ଷ୍ମୀଙ୍କୁ ବିନୟ ବଚନ ସମ୍ବଳିତ ଶ୍ରୀଜଗନ୍ନାଥଙ୍କ ଅନୁରୋଧ ଜଣାଇବା ପରେ, ଲକ୍ଷ୍ମୀଦେବୀ ତାଙ୍କର ଛଦ୍ମ କଠୋରତା ପରିହାର କରି , ଆନନ୍ଦ ବିହ୍ୱଳ ଚିତ୍ତରେ ଶ୍ରୀମନ୍ଦିରର ଦ୍ୱାର ଖୋଲି ଦେବାପାଇଁ ସେମାନଙ୍କୁ ଆଦେଶ ଦେଇଛନ୍ତି । ଶ୍ରୀମନ୍ଦିରରେ ନୀଳାଦ୍ରି ବିଜେ ନୀତିର ପାରମ୍ପରିକ ପ୍ରଥା ଅନୁଯାୟୀ। ଏହା ପରେ ଦାସୀ ବା ସହଚରୀ ଭୂମିକାରେ ଥିବା ସେବକମାନେ ଶ୍ରୀମନ୍ଦିରର କବାଟ ଖୋଲି ଦିଅନ୍ତି ଏବଂ ପ୍ରଭୁ ଭିତରକୁ ବିଜେ କରନ୍ତି । ଭଣ୍ଡାର ଦ୍ୱାର ସମ୍ମୁଖରେ ଲକ୍ଷ୍ମୀ ନାରାୟଣ ଭେଟ ସହିତ ବିବାହ ଗଇଣ୍ଠାଳ ଫିଟା ହୁଏ ଏବଂ ସେହି ଅପୂର୍ବ ମିଳନ ମୁହୂର୍ତ୍ତରେ ଶ୍ରୀଜଗନ୍ନାଥଙ୍କ ପକ୍ଷରୁ ଲକ୍ଷ୍ମୀଦେବୀଙ୍କ ମାନଭଞ୍ଜନ ଜନିତ ମଧୁର ନିଦର୍ଶନ ସ୍ୱରୂପ ରସଗୋଲା ଭୋଗ ଅର୍ପିତ ହୁଏ। ଏହା ପରେ ଘସା, ବିଡିଆ ମଣୋହି ସରିଲେ ମହାପ୍ରଭୁ ରତ୍ନସିଂହାସନକୁ ବିଜେ କରିଥାନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ଗୋଟିଏ ଦିନ ଶ୍ରୀମନ୍ଦିର ଭିତରେ ଜଗନ୍ନାଥ ମହାପ୍ରଭୁଙ୍କ ରସଗୋଲା ଭୋଗ ହୋଇଥାଏ। ଗଇଣ୍ଠାଳର ଏକ ଗୁରୁତ୍ୱପୂର୍ଣ୍ଣ ବିଶେଷତ୍ୱ ହେଉଛି , ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ଦିନ ରୁକ୍ମିଣୀ ହରଣ ପରେ ଶ୍ରୀଜଗନ୍ନାଥଙ୍କର ଯେଉଁ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥାଏ , ତାହା ପରେ ପରେ ପ୍ରଭୁ ସ୍ନାନଯାତ୍ରାକୁ ଆସି ସ୍ନାନନୀତି ପରେ ଜ୍ୱରରେ ପଡ଼ି ଅଣସର ରେ ରୁହନ୍ତି ଏବଂ ସେବକଙ୍କ ଦ୍ୱାରା ଗୁପ୍ତ ନୀତି ତଥା ଚିକିତ୍ସା ପରେ ମହାପ୍ରଭୁ ଜ୍ୱରରୁ ଉଠିବା ପରେ ନବଯୌବନ ଦର୍ଶନ ଦେଇ ମାଆ ଲକ୍ଷ୍ମୀ ଙ୍କୁ ମନ୍ଦିରରେ ଏକାକୀ ଛାଡି ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ନେଇ ଗୁଣ୍ଡିଚାଘରକୁ ଘୋଷଯାତ୍ରାରେ ବାହାରି ଯାଆନ୍ତି । ତେଣୁ ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ଦିନ ପଡ଼ିଥିବା ବିବାହ ଗଇଣ୍ଠାଳ ଫିଟିପାରି ନଥାଏ । ସେହି ଗଇଁଠାଳ ଫିଟେ ରଥଯାତ୍ରାର ଶେଷ ପର୍ବ ' ନୀଳାଦ୍ରି ବିଜେ ' ଦିନ ।

ପୁରୀର ଶ୍ରୀଜଗନ୍ନାଥ ମନ୍ଦିରରେ ବହୁ ଶତାବ୍ଦୀ ଧରି ନୀଳାଦ୍ରି ବିଜେ ଦିନ ମହାଲକ୍ଷ୍ମୀଙ୍କ ମାନଭଞ୍ଜନର ମଧୁର ନୈବେଦ୍ୟ ଭାବରେ ରସଗୋଲା ଭୋଗ ଅର୍ପିତ ହୋଇ ଆସୁଅଛି। କେବଳ ସେତିକି ନୁହେଁ, ଶ୍ରୀଜଗନ୍ନାଥଙ୍କ ସେବା ପୂଜା ସହିତ ଜଡ଼ିତ ବଡ଼ ଓଡ଼ିଆ ମଠ, ଉତ୍ତର ପାର୍ଶ୍ୱ ମଠ, ରାଧାବଲ୍ଲଭ ମଠ , କଟକୀ ମଠ , ନେବଳ ଦାସ ମଠ ଓ ରାଧାଶ୍ୟାମ ମଠ ଆଦିରେ ମଧ ରସଗୋଲା ଭୋଗ ୩୦୦ ବର୍ଷ ହେଲା ପ୍ରଚଳିତ ଥିବା ଜଣାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଶ୍ରୀକ୍ଷେତ୍ରର ଏହି ମଠ , ଯାହାର କି ରସଗୋଲା ଭୋଗ ଜଗମୋହନକୁ ଆସି ଶ୍ରୀଜଗନ୍ନାର୍ଥ ଓ ଶ୍ରୀଦେବୀ ( ମହାଲକ୍ଷ୍ମୀ ) ଙ୍କର ବିବାହ ଗଇଣ୍ଠାଳ ଫିଟିବା ସମୟରେ ଜନୈକ ପୂଜାପଣ୍ଡା ସେବକଙ୍କ ଦ୍ୱାରା ସର୍ପମଣୋହି ବିଧିରେ ଶ୍ରୀଜଗନ୍ନାଥଙ୍କୁ ନିବେଦିତ ହୋଇଥାଏ । ଏହାର ପରଂପରା ପ୍ରାୟ ୩୦୦ ବର୍ଷର କୁହଯାଏ । ତେବେ ଦାଣ୍ଡି ରାମାୟଣ ରସଗୋଲା ଉକ୍ତି ଅନୁସାରେ ଓଡ଼ିଶା ରସଗୋଲାର ୫୦୦ ବର୍ଷର ପ୍ରମାଣ। ଏହା ସହିତ ନୀନାଦ୍ରି ବିଜେ ଦିନ ଏହା ପରଂପରା କ୍ରମେ ଶ୍ରୀଜଗନ୍ନାଥ ଓ ମାଆ ମହାଲକ୍ଷ୍ମୀଙ୍କୁ ଭୋଗ ରୂପେ ଅର୍ପିତ ହେବା ମଧ ସ୍ପଷ୍ଟ ଓ ଦୃଢ ଭାବରେ ପ୍ରମାଣ କରେ ଯେ ଓଡ଼ିଶା ହିଁ ରସଗୋଲାର ଆଦିଭୂମି। ଧନ୍ୟ ସେ ମହାପ୍ରଭୁ ଧନ୍ୟ ତାଙ୍କର ଲୀଳା !


+ଅରଙ୍ଗାବାଦ, ବରୀ, ଯାଜପୁର

ମୋ: ୮୨୪୯୫୦୨୭୭୬


# ବ୍ରିକ୍ସ: ଏକ ବହୁଧ୍ରୁବୀୟ ବିଶ୍ୱର ପ୍ରତିଧ୍ୱନି

ବ୍ରାଜିଲରେ ସମ୍ପ୍ରତି ଅନୁଷ୍ଠିତ ବ୍ରିକ୍ସ ଶିଖର ସମ୍ମିଳନୀ ବିଶ୍ୱ ରାଜନୀତି ଓ ଅର୍ଥନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଭାବରେ ଉଭା ହୋଇଛି । ରିଓ ଡି ଜାନେରୋରେ ଅନୁଷ୍ଠିତ ଏହି ସତରତମ ବ୍ରିକ୍ସ ସମ୍ମିଳନୀରେ ବିଶ୍ୱର ପାଞ୍ଚଟି ପ୍ରମୁଖ ଉଦୀୟମାନ ଅର୍ଥନୀତି – ବ୍ରାଜିଲ, ରୁଷିଆ, ଭାରତ, ଚୀନ ଏବଂ ଦକ୍ଷିଣ ଆଫ୍ରିକା – ଏକାଠି ହୋଇ ବିଶ୍ୱ ବ୍ୟବସ୍ଥାରେ ସେମାନଙ୍କର ଭୂମିକାକୁ ପୁନଃ ନିର୍ଦ୍ଧାରଣ କରିବାକୁ ପ୍ରୟାସ କରିଛନ୍ତି । ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଏକ ଅଧିକ ସମାବେଶୀ ଏବଂ ସ୍ଥାୟୀ ବିଶ୍ୱ ଶାସନ ପାଇଁ ପ୍ରତିବଦ୍ଧତା ପ୍ରକାଶ କରିବା, ଯାହା ସମ୍ମିଳନୀର ମିଳିତ ଘୋଷଣାନାମାରେ ସ୍ପଷ୍ଟ ପ୍ରତିଫଳିତ ହୋଇଛି । ଏହି ଘୋଷଣାନାମା ବିଶ୍ୱ ବାଣିଜ୍ୟରେ ସୁରକ୍ଷାବାଦୀ ନୀତିର ବିରୋଧ, ବହୁପକ୍ଷୀୟ ସହଯୋଗର ଆବଶ୍ୟକତା ଏବଂ ବିକାଶଶୀଳ ରାଷ୍ଟ୍ରମାନଙ୍କର ସ୍ୱରକୁ ଅଧିକ ଶକ୍ତିଶାଳୀ କରିବା ଉପରେ ଗୁରୁତ୍ୱାରୋପ କରିଛି।

ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ବିଶ୍ୱ ଜିଡିପିର ଏକ ବଡ଼ ଅଂଶ ଏବଂ ବିଶ୍ୱ ଜନସଂଖ୍ୟାର ଏକ ବୃହତ ଭାଗକୁ ପ୍ରତିନିଧିତ୍ୱ କରନ୍ତି । ତେଣୁ, ସେମାନଙ୍କର ନିଷ୍ପତ୍ତି ଏବଂ ନୀତିଗତ ଆଭିମୁଖ୍ୟ ବିଶ୍ୱ ବ୍ୟବସ୍ଥା ଉପରେ ଗଭୀର ପ୍ରଭାବ ପକାଇବାର କ୍ଷମତା ରଖେ । ଏହି ସମ୍ମିଳନୀରେ ନୂତନ ବିକାଶ ବ୍ୟାଙ୍କ (**NDB**) ର ଭୂମିକା ଉପରେ ବିଶେଷ ଆଲୋଚନା କରାଯାଇଥିଲା, ଯାହା ବିକାଶଶୀଳ ଦେଶମାନଙ୍କ ପାଇଁ ଏକ 'ଅଧିକ ନ୍ୟାୟପୂର୍ଣ୍ଣ' ଆର୍ଥିକ ମଡେଲ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି । ଏହା ପାରମ୍ପରିକ ଆର୍ଥିକ ଅନୁଷ୍ଠାନଗୁଡ଼ିକର ଏକ ବିକଳ୍ପ ଭାବରେ ଉଭା ହୋଇଛି ଏବଂ ବିଶ୍ୱ ଅର୍ଥନୀତିରେ ଶକ୍ତି ସନ୍ତୁଳନକୁ ପରିବର୍ତ୍ତନ କରିବାରେ ସହାୟକ ହୋଇପାରେ । ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ବିଶ୍ୱ ବାଣିଜ୍ୟରେ ବୃଦ୍ଧି ପାଉଥିବା ଶୁଳ୍କ ଏବଂ ସୁରକ୍ଷାବାଦୀ ନୀତିଗୁଡିକୁ ଯାହା ବିଶ୍ୱ ଅର୍ଥନୀତି ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି, ସେଗୁଡିକୁ ଦୃଢ଼ ନିନ୍ଦା କରିଛନ୍ତି ।

ଏହି ସମ୍ମିଳନୀ ଏପରି ଏକ ସମୟରେ ଅନୁଷ୍ଠିତ ହୋଇଥିଲା ଯେତେବେଳେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ଉପରେ ଶୁଳ୍କ ଲଗାଇବାକୁ ଧମକ ଦେଇଥିଲେ, ଯାହା ସମ୍ମିଳନୀର ପରିବେଶକୁ ପ୍ରଭାବିତ କରିଥିଲା । ଏହି ଧମକ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକୁ ଏକଜୁଟ ହେବାକୁ ଏବଂ ବହୁପକ୍ଷୀୟ ବାଣିଜ୍ୟ ବ୍ୟବସ୍ଥାକୁ ସୁରକ୍ଷା ଦେବାକୁ ଅଧିକ ପ୍ରେରିତ କରିଥିଲା। ସମ୍ମିଳନୀରେ ଇରାନ ସଙ୍କଟ ଏବଂ ମଧ୍ୟପ୍ରାଚ୍ୟରେ ବଢୁଥିବା ଉତ୍ତେଜନା ଉପରେ ମଧ ଆଲୋଚନା କରାଯାଇଥିଲା, ଯାହା ବିଶ୍ୱ ଶାନ୍ତି ଏବଂ ସ୍ଥିରତା ପାଇଁ ବ୍ରିକ୍ସର ପ୍ରତିବଦ୍ଧତାକୁ ଦର୍ଶାଏ । ଯଦିଓ ରୁଷିଆର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଏବଂ ଚୀନର ରାଷ୍ଟ୍ରପତି ସି ଜିନପିଙ୍ଗ ଏହି ସମ୍ମିଳନୀରେ ଯୋଗ ଦେଇନଥିଲେ, ତଥାପି ଏହା ବ୍ରିକ୍ସର ପ୍ରଭାବକୁ କମାଇ ନାହିଁ । ବରଂ, ଏହା ଦର୍ଶାଏ ଯେ ବ୍ରିକ୍ସ ଏକ ସଂଗଠନ ଭାବରେ ନିଜର ସ୍ଥିତିକୁ ମଜବୁତ କରିଛି ଏବଂ ଏହାର ସଦସ୍ୟ ରାଷ୍ଟ୍ରମାନେ ବିଶ୍ୱ ସ୍ତରରେ ସହଯୋଗ ଏବଂ ସମନ୍ୱୟ ବଜାୟ ରଖିବାକୁ ପ୍ରତିବଦ୍ଧ ।

ଆଜିର ବିଶ୍ୱରେ ବ୍ରିକ୍ସର ପ୍ରାସଙ୍ଗିକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା କେବଳ ଏକ ଆର୍ଥିକ ମଞ୍ଚ ନୁହେଁ, ବରଂ ଏକ ଭୂ-ରାଜନୈତିକ ଶକ୍ତି ଭାବରେ ମଧ ଉଭା ହୋଇଛି ଯାହା ବିଶ୍ୱ ବ୍ୟବସ୍ଥାରେ ଏକ ଅଧିକ ସନ୍ତୁଳିତ ଏବଂ ବହୁଧ୍ରୁବୀୟ ଦୃଷ୍ଟିକୋଣକୁ ପ୍ରୋତ୍ସାହିତ କରୁଛି । ବିଶ୍ୱର ବିଭିନ୍ନ ଅଞ୍ଚଳରେ ଉତ୍ତେଜନା ବଢୁଥିବା ବେଳେ ଏବଂ ଆର୍ଥିକ ଅନିଶ୍ଚିତତା ଲାଗି ରହିଥିବା ବେଳେ, ବ୍ରିକ୍ସ ରାଷ୍ଟ୍ରଗୁଡ଼ିକର ସହଯୋଗ ବିଶ୍ୱ ନୀତିକୁ ଏକ ନୂତନ ଦିଗ ଦେବାରେ ସହାୟକ ହୋଇପାରେ । ସେମାନେ ବିଶ୍ୱ ବାଣିଜ୍ୟ, ଜଳବାୟୁ ପରିବର୍ତ୍ତନ, ସୁରକ୍ଷା ଏବଂ ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ପ୍ରତିବଦ୍ଧ । ଏହି ସମ୍ମିଳନୀ ଦର୍ଶାଇଛି ଯେ ବ୍ରିକ୍ସ କେବଳ ଏକ କ୍ଲବ ନୁହେଁ, ବରଂ ଏକ ଶକ୍ତିଶାଳୀ ମଞ୍ଚ ଯାହା ବିଶ୍ୱର ଭବିଷ୍ୟତକୁ ଆକାର ଦେବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ।

# ନୀଳାଦ୍ରି ବିଜେରେ ମହାଲକ୍ଷ୍ମୀ, ରସଗୋଲା ଭୋଗ ଓ ଭେଟ ମଣ୍ଡପ

**ଯଶସ୍ୱିନୀ ପଟ୍ଟନାୟକ**

ଆଷାଢ଼ ଶୁକ୍ଳ ଦ୍ୱାଦଶୀ ଦିନ ନୀଳାଦ୍ରି ବିଜେ ନୀତି ଶ୍ରୀମନ୍ଦିରରେ ଅନୁଷ୍ଠିତ ହୋଇଥାଏ। ସନ୍ଧ୍ୟାଧୂପ ସରିବା ପରେ ବିଜେ କାହାଳୀ ବାଜି ପହଣ୍ଡି ଆରମ୍ଭ ହୁଏ। ସିଂହଦ୍ୱାର ପାର୍ଶ୍ୱରେ ଥିବା ଭେଟ ମଣ୍ଡପକୁ ମା'ଲକ୍ଷ୍ମୀ ଠାକୁରାଣୀ ବିଜେ କରନ୍ତି। ଶ୍ରୀଜଗନ୍ନାଥ ମହାପ୍ରଭୁ ରଥ ସିଂହାସନରୁ ଓହ୍ଲାଇ ରଥ ଗୁମୁଟରୁ ବାହାରିଲା ବେଳକୁ ଭେଟ ମଣ୍ଡପରେ ମା'ବିରାଜମାନ କରିଥାନ୍ତି। ରଥ ଉପରେ ମହାପ୍ରଭୁଙ୍କୁ ଓ ଭେଟ ମଣ୍ଡପରେ ମା'ଲକ୍ଷ୍ମୀ ଠାକୁରାଣୀଙ୍କୁ ଏକା ସମୟରେ ବନ୍ଦାପନା କରାଯାଇ ଉଭୟଙ୍କୁ ଆଳତୀ କରାଯାଇଥାଏ। ଏହି ଦିନ ନାଟ ମଣ୍ଡପରେ ବିଭୀଷଣଙ୍କୁ ବନ୍ଦାପନ ମଧ କରାଯାଏ । ନୀଳାଦ୍ରି ବିଜେରେ ହଜାର ହଜାର ଭକ୍ତଙ୍କ ଉପସ୍ଥିତିରେ ଦେବ ଦମ୍ପତ୍ତିଙ୍କର ଏହି ମାନବୀୟ ଲୀଳା ଅନୁଷ୍ଠିତ ହେବ । ଗୋଟି ପହଣ୍ଡିରେ ଶ୍ରୀରାମକୃଷ୍ଣ, ଶ୍ରୀମଦନମୋହନ, ଶ୍ରୀସୁଦର୍ଶନ ଦେବ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ରତ୍ନ ସିଂହାସନରେ ବିଜେ କରାଯିବା ପରେ ମହାପ୍ରଭୁଙ୍କୁ ରଥରୁ ଶ୍ରୀମନ୍ଦିରକୁ ନେବା ପ୍ରସ୍ତୁତି ଆରମ୍ଭ ହୁଏ । ମହାପ୍ରଭୁ ଶ୍ରୀମନ୍ଦିରକୁ ଯିବାକୁ ପ୍ରସ୍ତୁତ ହେଉଥିବା ଖବର ପାଇବା କ୍ଷଣି ଧର୍ମପତ୍ନୀ ଲକ୍ଷ୍ମୀ ଠାକୁରାଣୀ ଭେଟ ମଣ୍ଡପକୁ ଆସି ସ୍ୱାମୀଙ୍କ ବାବଦରେ ଖବର ନିଅନ୍ତି । ଧର୍ମପତ୍ନୀଙ୍କୁ ସାଙ୍ଗରେ ନ ନେଇ ଘୋଷଯାତ୍ରାେ ଯାଇଥିବାରୁ ମହାପ୍ରଭୁଙ୍କୁ ମା'ଲକ୍ଷ୍ମୀ ଠାକୁରାଣୀଙ୍କ ରୋଷର ଶିକାର ହେବାକୁ ହୋଇଥାଏ।

ବାହୁଡ଼ା ଯାତ୍ରା ପରେ ତ୍ରୟୋଦଶୀ ତିଥିରେ ବଡ଼ଦିଅଁମାନେ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିବାକୁ ନୀଳାଦ୍ରି ବିଜେ କୁହାଯାଏ । ସେହି ସମୟରେ ମୁଖ୍ୟ ଦ୍ୱାର ବନ୍ଦ ରଖାଯାଏ। ଗଡ଼ିଆସିଥିବା ପରମ୍ପରା ଅନୁଯାୟୀ ସ୍ୱୟଂ ମହାଲକ୍ଷ୍ମୀ ଅଭିମାନରେ ମନ୍ଦିର ଦ୍ୱାର ବନ୍ଦ କରିବା ପାଇଁ ନିଜର ସେବକମାନଙ୍କୁ ନିର୍ଦ୍ଦେଶ ଦିଅନ୍ତି । କବାଟ ଫିଟାଇବା ପାଇଁ ମହାପ୍ରଭୁ ବାହାରେ ରହି ଡାକରା ଦିଅନ୍ତି । ଏହାପରେ ଦୁହିଁଙ୍କ ଭିତରେ କଳି ଆରମ୍ଭ ହୁଏ । ଏହି କଳି ହେଉଛି ଶ୍ରୀଜଗନ୍ନାଥ ଏବଂ ମହାଲକ୍ଷ୍ମୀଙ୍କ ମଧ୍ୟରେ ଦାମ୍ପତ୍ୟ କଳି । ଏହାକୁ ଲକ୍ଷ୍ମୀ ନାରାୟଣ କଳି କୁହାଯାଏ । ମହାଲକ୍ଷ୍ମୀଙ୍କୁ ସଙ୍ଗରେ ନ ନେଇ ଏବଂ ବଡ଼ଭାଇ ଓ ଭଉଣୀଙ୍କୁ ନେଇ ମହାପ୍ରଭୁଙ୍କ ଅନ୍ୟତ୍ର ଗମନ ଓ ରହଣି ତାଙ୍କ ପାଇଁ ଏକ ବଡ଼ ଅପମାନ । ପୁଣି ମହାଲକ୍ଷ୍ମୀଙ୍କ ଦୃଷ୍ଟିରେ ତାହା ମହାପ୍ରଭୁଙ୍କର ପର-ନାରୀ ପ୍ରତି ଆସକ୍ତି ଏବଂ ସାଂସାରିକ ବିଳାସ । ଏଣୁ ମହାଲକ୍ଷ୍ମୀ ସେବକମାନଙ୍କୁ ଦ୍ୱାରରେ ତାଲା ଝୁଲାଇ ଦେବା ଲାଗି ନିର୍ଦ୍ଦେଶ ଦିଅନ୍ତି । ବାହାରେ ଜଗା-କାଳିଆ ଯେତେ ସରାଗରେ ଗେହ୍ଲେଇ ହୋଇ ଡାକିଲେ ସୁଦ୍ଧା ମହାଲକ୍ଷ୍ମୀଙ୍କ ମନ ତରଳେ ନାହିଁ । ସମସ୍ତ କୋମଳ ଚାଟୁ-ବଚନ ନିଷ୍ଫଳ ହେଇଯାଏ । ଓଲଟି ମହାଲକ୍ଷ୍ମୀ ସୁଭଦ୍ରାଙ୍କ ପ୍ରତି କଟୁ ବାକ୍ୟ ପ୍ରୟୋଗ କରନ୍ତି । ବଡ଼ ଭାଇ ସଙ୍ଗରେ ଥିବାବେଳେ ଭାଇବୋହୂ ସହଯାତ୍ରିଣୀ ହେବା ସଂସ୍କୃତି ବିରୋଧୀ ଏବଂ ଅସୁନ୍ଦର ବୋଲି ମହାପ୍ରଭୁ ବୁଝାନ୍ତି । ପୁଣି ନାନା ଆଭୂଷଣ, ବସ୍ତ୍ର ଅଳଙ୍କାର ଓ ଉପଢ଼ୌକନ ଦେଇ ସେ ମହାଲକ୍ଷ୍ମୀଙ୍କ ମାନଭଂଜନ ପାଇଁ ଉଦ୍ୟମ କରନ୍ତି । ତଥାପି ମହାଲକ୍ଷ୍ମୀ ସନ୍ତୁଷ୍ଟ ହୁଅନ୍ତି ନାହିଁ । ଉପହାର ସାମଗ୍ରୀମାନ ଫେରାଇନେଇ ଯାହାଙ୍କ ପାଖରେ ସାତ ଦିନ ବିତାଇଥିଲେ, ତାଙ୍କୁ ଦେବାଲାଗି କହି ମହାପ୍ରଭୁଙ୍କର ଚରିତ୍ର ସଂହାର କରନ୍ତି । ଏଥରକ ପ୍ରଭୁଙ୍କ ମୁଣ୍ଡକୁ ପିତ୍ତି ଚଢ଼ିଯାଏ। ସେ କ୍ରୋଧ ସମ୍ବରଣ କରି ନପାରି ମହାଲକ୍ଷ୍ମୀଙ୍କୁ ନାନା ଭାବେ ଭର୍ତ୍ସନା କରନ୍ତି। ଏହାପରେ ଶ୍ରୀବଳଭଦ୍ର ହସ୍ତକ୍ଷେପ କରନ୍ତି । କୂଳବଧୂ ପ୍ରତି କଟୁକ୍ତି ଅବାଞ୍ଛନୀୟ ବୋଲି ମତଦେବା ସହ ମହାଲକ୍ଷ୍ମୀଙ୍କୁ ଶାନ୍ତ ହେବା ନିମନ୍ତେ ଉପଦେଶ ଦେବା ପରେ ବଡ଼ଦେଉଳର ଦ୍ୱାର ଖୋଲେ । ଉଲ୍ଲେଖନୀୟ ଯେ, ଲକ୍ଷ୍ମୀ ନାରାୟଣ କଳି ବେଳେ ଦେବଦାସୀମାନେ ଶ୍ରୀଜଗନ୍ନାଥଙ୍କୁ ପ୍ରତିନିଧିତ୍ୱ କରନ୍ତି ।

ଲକ୍ଷୟତି ବା ପଶ୍ୟତୀତି ଲକ୍ଷ୍ମୀ - ଯାହା ବିଭୂତି ବା ଐଶ୍ୱର୍ଯ୍ୟ ବାଚକ, ଯିଏ ଅର୍ଥ ଓ ଐଶ୍ୱର୍ଯ୍ୟର ଦେବୀ, ପଡ଼ିଦାତ୍ରୀ, ପାଳନକର୍ତ୍ତୀ - ଯିଏ ନଥିଲେ ମନୁଷ୍ୟର ସ୍ଥିତି ଓ ପ୍ରଗତି ଅସମ୍ଭବ । ମା'ଲକ୍ଷ୍ମୀ ହେଉଛନ୍ତି ସୃଷ୍ଟିର ପାଳନକର୍ତ୍ତୀ ଓ ପଡ଼ିଦାତ୍ରୀ ଠାକୁରାଣୀ । ପୃଥିବୀର ସର୍ବପ୍ରାଚୀନ ଋଗ୍‌ବେଦରେ ଲକ୍ଷ୍ମୀଙ୍କୁ ଶ୍ରୀସୂକ୍ତ ଓ ଲକ୍ଷ୍ମୀ ସୂକ୍ତରେ ଯେଉଁ ପ୍ରାର୍ଥନା କରାଯାଉଛି ତାହା ଦାରିଦ୍ର୍ୟ ଦୂର କରିବା ପାଇଁ ଅବ୍ୟର୍ଥ ଔଷଧ । ଉକ୍ତ ପ୍ରାର୍ଥନାଟି ଏହିପରି - 'ହେ ପଦ୍ମମୁଖୀ, ପଦ୍ମଗାତ୍ରୀ, ପଦ୍ମନୟନା, କମଳପ୍ରିୟା ଲକ୍ଷ୍ମୀ, ତୁମେ ବିଷ୍ଣୁ ପ୍ରାଣ ବଲ୍ଲଭା ଓ ବିଶ୍ୱର ସବୁଠୁ ପ୍ରିୟ ଦେବୀ, ତୁମର ଚରଣ-କମଳ ମୋ ଘରେ, ମୋ ଉପରେ ସବୁବେଳେ ବିରାଜମାନ କରୁ। ହେ ପଦ୍ମମୁଖୀ, ପଦ୍ମସମ୍ଭବା, କୋମଳାଂଗୀ ଦେବୀ, ମୁଁ ତୁମକୁ ଭଜନ କରୁଛି, ମୋ ଉପରେ ଦୟା ଦୃଷ୍ଟି ରଖିଥାଅ, ଯେମିତି ସବୁପ୍ରକାର ସୁଖ ସମୃଦ୍ଧି ମୋତେ ମିଳୁ । ଏହି ବେଦମନ୍ତ୍ର ପାଠ କଲେ ଧନସମ୍ପତ୍ତି, ତେଜ, ଆୟୁ ଓ ଆରୋଗ୍ୟ ଲାଭ ହୁଏ। ଶରୀରର ଶୋଭା ବୃଦ୍ଧି ହୁଏ, ଅନ୍ତଃକରଣ ଶୁଦ୍ଧ ହୁଏ । ଧନଧାନ୍ୟ, ଗୋ-ମହିଷାଦି, ପୁତ୍ର ପୁତ୍ରୀ ପ୍ରାପ୍ତ ହୁଏ ଓ ଆୟୁ ଶହେ ବର୍ଷ ହୁଏ । ମହାଲକ୍ଷ୍ମୀଙ୍କର ଏ ସମସ୍ତ ଜନ୍ମ ରହସ୍ୟ ଓ ଋଗ୍‌ବେଦୀୟ ମାହାତ୍ମ୍ୟ, ଆମ ଆରାଧ୍ୟ ସର୍ବଶ୍ରେଷ୍ଠ ଦେବତା ଶ୍ରୀଜଗନ୍ନାଥଙ୍କ ବଡ଼ଦେଉଳରେ ବିଶେଷ ଭାବରେ ପ୍ରତିଫଳିତ । ସିଂହଦ୍ୱାର ସମ୍ମୁଖରେ ଲକ୍ଷ୍ମୀ ବା ଶ୍ରୀଙ୍କର ସ୍ୱାଗତ ଭଙ୍ଗୀରେ ଉପବିଷ୍ଟ ମୂର୍ତ୍ତି - ଶ୍ରୀମନ୍ଦିର ନାମକରଣର ଔଚିତ୍ୟ ପ୍ରମାଣ କରେ । ପରଂବ୍ରହ୍ମ ଜଗନ୍ନାଥଙ୍କ ପଶ୍ଚାତଭାଗରେ ତାଙ୍କର ତ୍ରିଗୁଣ ଶକ୍ତି ହେଲେ ମହାକାଳୀ, ବିମଳା, ମହାସରସ୍ୱତୀ ଓ ମହାଲକ୍ଷ୍ମୀ।

ନୀଳାଦ୍ରି ବିଜେ ନୀତି ସହ ରସଗୋଲା ବା ରସଗୋଲାର ଗଭୀର ସଂପର୍କ । ଅଭିମାନିନୀ ପତ୍ନୀ ଲକ୍ଷ୍ମୀଙ୍କୁ ରସଗୋଲା ଉପହାର ଦିଅନ୍ତି ମହାପ୍ରଭୁ। ମହାପ୍ରଭୁଙ୍କୁ ମଧ ଭୋଗ ଲାଗେ ରସଗୋଲା । ଶ୍ରୀମନ୍ଦିରରେ କେବଳ ଏହି ଗୋଟିଏ ଦିନ ରସଗୋଲା ଭୋଗ ହୁଏ । ଏହାପରେ ମହାପ୍ରଭୁ ବିଜେ କରିଥାନ୍ତି ରତ୍ନ ସିଂହାସନକୁ । ଗୋଟିଏ ବର୍ଷ ପାଇଁ ରଥଯାତ୍ରାର ପରିସମାପ୍ତି ଘଟିଥାଏ ।

ପହଣ୍ଡି ପୂର୍ବରୁ ରତ୍ନସିଂହାସନ ତ୍ରିମୁଣ୍ଡିରେ ଚାନ୍ଦୁଆ ବନ୍ଧା ହୋଇଥାଏ। ଅଖଣ୍ଡବଇଠା ବସେ। ବଡ଼ ଠାକୁର ବଳଭଦ୍ର ଓ ସୁଭଦ୍ରା ପହଣ୍ଡି ହୋଇ ସିଂହାସନକୁ ଆସନ୍ତି। ଆସିଲାବେଳେ ପ୍ରତ୍ୟେକ ଠାକୁରଙ୍କୁ ଶୁଆଶାରୀ ଦେଉଳ ଠାରେ ପତିମହାପାତ୍ରେ ପ୍ରସାଦ ଲାଗି ଘସା ବିଡ଼ିଆ ମଣୋହି ଓ ବନ୍ଦାପନା କରନ୍ତି। ଜଗମୋହନ ଠାରେ ମଧ ସେହି ନୀତି ହୁଏ। ଶ୍ରୀଜଗନ୍ନାଥ ରଥରୁ ଚାରମାଳ ଉପରକୁ ଓହ୍ଲାଇଲେ ଲକ୍ଷ୍ମୀ ଠାକୁରାଣୀ ଦେବଦାସୀ ସହ ଭେଟ ମଣ୍ଡପ ଠାରେ ଖଟଶେଯ ମେକାପ ପକାଇଥିବା ଉମ୍ବରୁ ଉପରେ ବିଜେ କରିଥାନ୍ତି। ରଥରେ ଠାକୁରଙ୍କ ବନ୍ଦାପନା ହେଲେ ଭିତରକୁ ମହାପାତ୍ରେ ଏହାଙ୍କର ବନ୍ଦାପନା କରନ୍ତି। ଲକ୍ଷ୍ମୀ ଭଣ୍ଡାରଘରକୁ ବିଜେ କରନ୍ତି। ଏହାପରେ ଦେବଦାସୀ ଯାଇ ଶ୍ରୀଜଗନ୍ନାଥଙ୍କ ସିଂହଦ୍ୱାରକୁ ଆସିବା ପୂର୍ବରୁ ଦରଜା ବନ୍ଦ କରିଦେଇଥାନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ସିଂହଦ୍ୱାରକୁ ଆସିଲେ ତାହା ଫିଟାଇ ଦିଅନ୍ତି। ତା'ପରେ ମହାପ୍ରଭୁ ଭିତରକୁ ବିଜେ କରନ୍ତି।

ଏଠାରେ ଜଗନ୍ନାଥ ଓ ଲକ୍ଷ୍ମୀ କେବଳ ଉପାସ୍ୟ ଦେବଦେବୀ ନୁହଁନ୍ତି - ବରଂ ସେମାନେ ଆମ ସଂସ୍କୃତିରେ ଗୃହସ୍ଥ-ଗୃହିଣୀ, ଦାମ୍ପତ୍ୟକଳହ ନିପୁଣ ପତି-ପତ୍ନୀ। ମାନବିକ ଦୋଷଗୁଣର ଆରୋପ କରାଯାଇ ଉଭୟଙ୍କ ମଧ୍ୟରେ ରାଗ, ରୋଷ, ଅଭିମାନ ତଥା ପରସ୍ପର ପ୍ରତି ଆକ୍ଷେପ ଓ ପ୍ରତିଆକ୍ଷେପର ପରିପ୍ରକାଶ ଘଟିଛି। ଅତଏବ ଆମ ଲୋକ ସଂସ୍କୃତିର ପ୍ରତୀକ ମହାପ୍ରଭୁ ଜଗନ୍ନାଥ ଓ ତାହାଙ୍କ ପତ୍ନୀ କମଳିନୀ ଲକ୍ଷ୍ମୀ ଠାକୁରାଣୀ ମାନବବାଦ ଓ ମାନବିକ ମୂଲ୍ୟବୋଧର ପ୍ରତୀକ ଭାବରେ ଗୃହୀତ।


+ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ


## ଦୁର୍ବୋଧ କବିତା

**ନିରଞ୍ଜନ ସାହୁ**

ମୁଁ ବୁଝିପାରେନା
ଏ ଦୁର୍ବୋଧ କବିତା
ଲେଖାଯାଏ କ'ଣ ପାଇଁ ?

କ'ଣ ଥାଏ ତାହାର
ଅନ୍ତର୍ନିହିତ ସୌନ୍ଦର୍ଯ୍ୟ ?
ଆଙ୍ଗିକ ଓ ଆତ୍ମିକ ଦୃଷ୍ଟିରୁ
ସେ କ'ଣ ଏତେ
ଚମତ୍କାରିତା ହୋଇପାରେ ଯେ
କିଣି ନେଇଯାଏ ପାଠକଙ୍କ ମନ ?

ତାହେଲେ......
ପ୍ରାଚୀନ କବିମାନଙ୍କର ଲେଖା
ଏହି ଲେଖାମାନଙ୍କ ପାଖରେ
କ'ଣ ସମ୍ପୂର୍ଣ୍ଣ ନିଷ୍ପ୍ରଭ ?

ବର୍ତ୍ତମାନ ଲେଖାଯାଉଥିବା
ଛନ୍ଦୋବଦ୍ଧ କବିତା
କ'ଣ କବିତାରେ
ପରିଗଣିତ ନୁହେଁ ?

କବିତା ସୃଷ୍ଟିକୁ ନେଇ
ଏମିତି ନାନାଦି ପ୍ରଶ୍ନ
ମୋତେ ବିଚଳିତ କରେ
ଅନ୍ୟମାନଙ୍କୁ ପଚାରି
ମୁଁ ସନ୍ତୋଷଜନକ
ଉତ୍ତର ପାଏନା ।

ସତରେ.....
କବି ଯାହା କହିବାକୁ ଚାହାଁନ୍ତି
ଛନ୍ଦପାତ କରି
କ'ଣ କହିପାରିବେନି
ନା, ସେହି କବିମାନଙ୍କୁ
ଲେଖିଆସେନା ଛନ୍ଦୋବଦ୍ଧ କବିତା ?

କିଛି ବର୍ଷ ପରେ ଯଦି
ସେ ଉଦ୍ଭଟ କବିତାକୁ ନେଇ
ସମ୍ପୃକ୍ତ କବିଙ୍କୁ ପ୍ରଶ୍ନ କରାଯାଏ
ଏ କବିତାର ଅର୍ଥ କ'ଣ
ହୁଏତ ସିଏ ବି
ଉତ୍ତର ଦେଇପାରନ୍ତି
' ଏ କବିତାର କବି କିଏ ?
ତାଙ୍କୁ କ'ଣ କବିତା ଲେଖିଆସେନା ?'

ସତରେ.....
ଯେଉଁ କବିତା ସରଳ , ସାବଲୀଳ
ଯାହା ସାଧାରଣ ପାଠକ ବୁଝିପାରେ
ଯାହା ଛନ୍ଦୋବଦ୍ଧରେ ଲେଖା
ତାହା କାଳକାଳକୁ ରହିଯାଏ
ପାଠକଙ୍କ ହୃଦୟରେ ।

ନଚେତ
ଏ ଯେଉଁ ଆଧୁନିକ କବିତା
ତାହା ଲେଖାଯାଏ , ପ୍ରକାଶ ପାଏ
ମାତ୍ର କାଳଜୟୀ ହୋଇପାରେନା
ଏହା ଧ୍ରୁବ ସତ୍ୟ ।


+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ --- ୭୫୯୦୧୬
ମୋ:-- ୯୯୩୮୭୪୧୫୮୩





## କାହାକୁ ପାରୁନି କହି

**ହରେରାମ ପଣ୍ଡା**

ଫଗୁଣର ସଞ୍ଜ ନଇଁ ଗଲା ପରେ
ଫୁଲ ଦେଇଗଲା ଚିଠି ,
କେତେ ମିଠା ମିଠା ମହକ ତାହାର
ମନେ ରଖିଚି ସାଇତି ।

ମୁହଁରେ ହଳଦୀ, ପାଦରେ ଅଳତା
ଆଖିରେ କଜଳ ଗାର ,
ମୋ ମନକୁ ଥରେ ଛୁଇଁ ଗଲାପରେ
ତୁ ଆଉ ହବୁ କାହାର ?

କିଏ ଦେଖୁଥିଲା ତୋ
ଦେହରେ କେବେ
କୋଣାର୍କର ଚାରୁକଳା ,
ମୁଁ ଖାଲି ଦେଖୁଚି ଛାତି ତଳେ ତୋର
ଅବୁଝା ମନର ଜ୍ୱାଳା ।

କେବେ ଭଟ୍ଟା ପୁଣି କେବେ ତୁ ଜୁଆର
ମନ ତୋ ଅବୁଝା ନଈ ,
ବୁଝି ମୁଁ ବୁଝିନି ମନକୁ ତୋହର
କେତେ ଅବୁଝା ମୋ ପାଇଁ ।

କେଇଦିନ ଲାଗେ କେଇ ଯୁଗ ପରି
ପାଖରେ ନଥିଲେ ତୁହି ,
ନୀରବ ଝଡ଼ରେ ଥରେ ସିନା ଛାତି
କାହାକୁ ପାରୁନି କହି ।


+ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
କୁଆଁସ , ମେରଦା କାଟିଆଛକ ,
ଯାଜପୁର
ମୋ: ୯୪୩୮୦୬୫୧୯୫


## କବିତା

**ସରୋଜ ଦାସ**



ସେ ଦିନ ତୁମକୁ ଦେଖିବା ପରେ
ସତେ ଯେମିତି ମୁଁ ପାଇଗଲି
ମୋ ରାସ୍ତା,
ବଢ଼େଇଲି ଦୁଇ ହାତ ଛୁଇଁ ବାକୁ
ତୁମ ନୀରବତା ।

କିଛି ବାଟ ଚାଲିବା ଭିତରେ
ତୁମ ସାଥେ ହୋଇଗଲି ସାଥି
ସହିବାକୁ କଣ୍ଟାର ଆଘାତ
ଅଜାଣତେ ବସେଇଲି ମିତ ।

ଦେଖୁଥିଲି ସ୍ୱପ୍ନ ଟିଏ
ତୁମରି ରଙ୍ଗରେ, ତୁମ ଅଧରରେ
ଆଙ୍କିବାକୁ ପ୍ରେମର କବିତା
ଖୋଜୁଥିଲି ରଙ୍ଗତୂଳୀ
ପୁଲକିତ ନୟନ ଯୁଗଳେ,
କେଉଁ ଏକ ବସନ୍ତର କାଳେ ।

ସକାଳର ନରମ ସ୍ପର୍ଶରେ
ଚାହିଁଲି ମୁଁ ଦୂର ବାଟ, ଦୂର ଦିଗନ୍ତକୁ,
ସତେ ଅବା ଅୟୁତ ଅରୁଣର ଆଭା
ଭାଙ୍ଗିଦେଇ ମନକୁ ମୋହର
କରିଥିଲା ତୁମକୁ ନିଜର
ଖୋଜୁଥିଲା ସାତରଙ୍ଗୀ ସ୍ୱପ୍ନର ସୁମନ
ଦେବାପାଇଁ ଉପହାର
ତୁମ କୋମଳ ତନୁକୁ ।

ଏବେ କିନ୍ତୁ ଭାବନା ମୋହର
ନିରର୍ଥକ,
ନିମିଷକେ ହୋଇଗଲା ଶେଷ,
ରହିଗଲା କିଛି ଅବସୋସ ।

ଦେଖିଲି ନିଜକୁ ଯେବେ
ଶୂନ୍ୟତା ଭିତରେ
ନା ଥିଲା ପରାକ୍ରମ ନା ମୁଁ ସକ୍ଷମ
ମୁଁ ନୁହେଁ ଚିତ୍ରକର
କେମିତି ଆଙ୍କିବି ଚିତ୍ର ମୋ କବିତାର।

କିବା ଏକ ବସନ୍ତର ଶେଷ
ବୈଶାଖର ଝାଞ୍ଜି ପୁଣି ବିବର୍ଣ୍ଣ ଆକାଶ
ବାକି ଥିଲା ଫେରିବାର ପଥ
ଭିନ୍ନ ଏକ ଅଭୁଲା ମୁହୂର୍ତ୍ତ ।

ବିଶ୍ୱାସକୁ ବାଣ୍ଟି ଦେଲା ପରେ
କାନ୍ଦିବାର କିବା ପ୍ରୟୋଜନ,
ଶୁଖିଗଲା ପରେ ଦୁଇଟୋପା ଅଶ୍ରୁ
ପ୍ରେମ ଏକ ନିରୋଳା ସମ୍ପର୍କ,
ହୃଦୟକୁ ଜାଳିଦେଲା ପରେ
'କବିତା' ଏକ ଆସ୍ଫାଳନ ।


+ବାଲିଆପାଳ

# କବିତାମାଳା

## ଅଙ୍ଗାର
### ସୁଚରିତା ମହାନ୍ତି



କାହାକୁ କିଛି କହିବାର ସାମର୍ଥ୍ୟ
ନଥିଲା ତା' ନୁହେଁ
ସେ ନିରବତାକୁ ଅତି ଆପଣାର
ଭାବି ତା' ସହିତ
ବନ୍ଧୁତା କରି ନେଇଥିଲେ

ତାଙ୍କ ଆଖ ପାଖରେ ଥିବା
ମଣିଷ ଗୁଡ଼ିକ ନିଇତି ତାଙ୍କୁ
ଦିକି ଦିକି ଆଞ୍ଚରେ ସିଝିବାକୁ
ଛାଡ଼ି ଦେଇଥିଲେ

ସବୁକିଛି ବୁଝି ପାରୁଥିବା ମଣିଷ
କାହାକୁ ବୁଝେଇ ପାରନ୍ତିନି ବୋଲି
ସେ ଯଦି ଆଗରୁ ଜାଣିଥାନ୍ତେ
କେବେ ତ ଜଳି ନଥାନ୍ତେ
ଅଙ୍ଗାର ହେବାଯାଏ
ଜୀବନ ଜିଇଁ ଯିବାର କଳାଟା ଶିଖିଥିଲେ
ବୋଲି
ତାଙ୍କୁ ଅନବରତ ନିଆଁରେ ଜଳିଜଳି
ଚାଲିବାକୁ ପଡୁଥିଲା

ପତ୍ର ହେଉ କି ପଥର ହେଉ
ସବୁର ବୋଝ ଏକାଭଳି ଅନୁଭବ କରୁଥିବା
ମଣିଷକୁ କେବେ କେହି ପଚାରନ୍ତି କି
କ୍ଷତ ଓ କ୍ଷୋଭର ବର୍ଣ୍ଣମାଳା କେତେ ଭୟଙ୍କର

ବଣମଲ୍ଲୀ ପରି ଜୀବନଟା ଝରିଯାଏ
ମେଞ୍ଚାଏ ପାଉଁଶ ହୋଇ
ଭାରାକ୍ରାନ୍ତ ମନ ଯେତେବେଳେ
ଭିତରେ ଭିତରେ ଭାଙ୍ଗି ପଡ଼େ
ଝଲକେ ପବନ କ'ଣ ତାକୁ
ଦୋହଲେଇ ପାରେ
ଚିମୁଟେ ଶାନ୍ତି ଦେଇ

ସେ ଶେଷ ଯାଏ ରହିଯାଏ
କେବଳ ଉପେକ୍ଷାର ଏନ୍ତୁଡ଼ିଶାଳରେ

ଗାଁ ମୁଣ୍ଡ ମଶାଣି ଜୁଇରେ ହୁ ହୁ
ଜଳୁଥିବା ଦେହ
ଅଙ୍ଗାର ହେବାପରେ
ଆଉ କାହା ସହ କ'ଣ
ସାଲିସ କରିବାକୁ ଥାଏ ।

+ବାରିପଦା,ମୟୂରଭଞ୍ଜ
ମୋ: ୮୯୧୭୫୭୧୨୦୨

## ଶ୍ରାବଣ ଓଠରୁ ଝରୁଛି ମୁକ୍ତା
### ଶ୍ରୀ ଶରତ କୁମାର ଦାସ



ଶ୍ରାବଣ ଓଠରୁ ଝରୁଛି ମୁକ୍ତା
ହସରେ ପଦୁଅଁ ଫୁଟେ,
ଆଖି ହଳକରେ ଗୋଲାପୀ ସପନ
କଥାରୁ ତା ମଧୁ ଛୁଟେ ......।
ସଂଜ ନଇଁଗଲେ ମେଘ ଆଢୁଆଳେ
ଲୁଚୁକାଳି ଖେଳେ ଜହ୍ନ,
ପ୍ରେମର ମୂର୍ଚ୍ଛନା ତୋଳଇ ଝଙ୍କାର
ପୁଲକିତ ହୁଏ ମନ
କାହାର ନୂପୁର ଶୁଭେ ରୁଣୁଝୁଣୁ
ପରାଣକୁ ମୋର ଲୁଟେ
ଶ୍ରାବଣ ଓଠରୁ ଝରୁଛି ମୁକ୍ତା
ହସରେ ପଦୁଅଁ ଫୁଟେ ......।

ଅଳସୀ ରାତିଟା ଝୁମୁଥାଏ ଯାହା
ଶ୍ରାବଣ ପରଶ ପାଇ,
ପ୍ରଣୟର ସାତଦୀପ ଜଳି ଧୀରେ
ଆକାଶକୁ ଯାଏ ଛୁଇଁ
ଅଳତାର ଗାର ଦିଶଇ ସୁନ୍ଦର
ଭରସାର ନଈ ତୁଠେ
ଶ୍ରାବଣ ଓଠରୁ ଝରୁଚି ମୁକ୍ତା
ହସରେ ପଦୁଅଁ ଫୁଟେ......।

ଓଦା ଓଦା ମାଟି ଭିଜା ଭିଜା ସ୍ୱପ୍ନ
ଆଶାର ଜାଗର ଜାଳେ
କାହା ହାତ ଛୁଆଁ ଲାଗେ ନୂଆ ନୂଆ
ପ୍ରୀତିର ମଦିରା ଢାଳେ
ବିରହର ଯେତେ ବହଳ ଅନ୍ଧାର
ମୋ ମନ ଅଙ୍ଗନୁ ହଟେ
ଶ୍ରାବଣ ଓଠରୁ ଝରୁଛି ମୁକ୍ତା
ହସରେ ପଦୁଅଁ ଫୁଟେ..........।

+ଅଧାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡ଼ବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

## ଡିଆସିଲ୍
### ଡ. ଦୀପକ କୁମାର ମିଶ୍ର



ପୃଥିବୀରେ ଅନବରତ ଯେତେ ନିଆଁ ଜଳୁଚି
ଅନ୍ତତଃ ସବୁତକ ମୁଁ ଲଗେଇନି
ଅବଶ୍ୟ ଅଲିଆଗଦାରୁ
ଘର ପର୍ଯ୍ୟନ୍ତ ଡେଇଁଥିବା ନିଆଁର ଅପବାଦ
ସବୁଦିନେ ମୋ ମୁଣ୍ଡରେ ।

ବିଡ଼ିରେ ନିଆଁ ଲଗାଏ କି ବୋମାରେ
ଦୀପରେ କି ଦ୍ୱୀପରେ
କେଉଁଠି ନା କେଉଁଠି ତ
କାତର ହୃଦୟଟିଏ ଜଗି ବସିଥାଏ
ଜଳିପୋଡ଼ି ପାଉଁଶ ହେବାକୁ
ବରଫର ହେମାଳିଆ ଘରେ।

ପୋଡ଼ା ହୃଦୟର ବାସ୍ନାରେ
ଥାଏ ଆଉ କ'ଣ
କିଛି ଅଦୃଶ୍ୟ ସମାଧିର ଚିତ୍ର
କିଛି ଭାଙ୍ଗିଯାଇଥିବା ନବନିର୍ମିତ ସୌଧ
ସଦ୍ୟ ଜ୍ଞାନ ପାଇଥିବା ନାବାଳିକାଟିର
ସ୍ୱପ୍ନଟିଏ ପରି
ତତକ୍ଷଣାତ୍ ଫେରାର ହୋଇଯାଇ
କୁଳ, କୂଳ ଲଙ୍ଘିବାର
ଘୋର ନିନ୍ଦା ଆଉ ଦ୍ୱନ୍ଦ୍ୱ ।

ଯେଉଁଦିନୁ ନିଆଁ ଲାଗିଗଲା
ପାଖ ଅଗନାଗନି ବନରେ
ସେଦିନୁ କରାହେଇଛି ମତେ
ବାଛନ୍ଦ, ସ୍ୱଜାତି ଦ୍ରୋହ ଅପରାଧରେ।

ମତେ ରୋଷଶାଳରେ ରଖ କି
ଐଶାନ୍ୟ କୋଣରେ
ଚେଙ୍କିବା, ଖେଞ୍ଚିବା ହିଁ ମୋର କାମ
ପ୍ରାର୍ଥନାର ପ୍ରରୋଚନା
ମୁଁ କେଉଁ କେବେ ଥିଲି ନା ଆଜି ଅଛି ।

+ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

## ଚାହିଁଦେଲେ ତୋର
### ଜେନା ପ୍ରଦୀପ



ଚାହିଁଦେଲେ ତୋର ଚକାନୟନକୁ
ଚମକ ଖେଳେ ମୋ ଛାତିରେ
ଚକାଡୋଳା ତୁହି ସବୁଦିନ ପାଇଁ
ରୁହନ୍ତୁ କି ମୋର କତିରେ।

ମନ ମୋହନିଆଁ ମୋ ଜଗାକାଳିଆ
ଏଡିକି ସୁନ୍ଦର ଦିଶୁଛୁ
ନାଲି ଅଧରରେ ମନ୍ଦ ମନ୍ଦ ହେଇ
ଭକତଙ୍କୁ ଦେଖି ହସୁଛୁ
ଚିନ୍ତାମଣି ତୋତେ ଚିନ୍ତୁଥିଲେ ଚିତ୍ତେ
ରହେନାହିଁ ଯମଭୀତିରେ।

ତିନି ଭୁବନର ଏକା ଅଧୀଶ୍ୱର
ତୁ ନାଥ ବ୍ରହ୍ମାଣ୍ଡ ନାୟକ
ତୋ ଇଛାରେ ସବୁ ଘଟଇ ଜଗତେ
କୋଟି ଜୀବଙ୍କର ପାଳକ
ଦେଖିଦେଲେ ତୋତେ ନନ୍ଦିଘୋଷ ରଥେ
ମିଳଇ ପରମ ଗତିରେ।

+ଲକ୍ଷ୍ମୀପାଦ,
ପ୍ଲଟ ନଂ ୩ଇ ୧୦୧୮
ସେକ୍ଟର ୧୩,ସିଡିଏ,କଟକ
ମୋ - ୯୯୩୮୫୨୦୩୭୧

## ହେଉ ବରଷାର ଜୟ
### ନୀଳମଣି ଚାନ୍ଦ



କଦମ୍ବ ଛୁଇଁଲେ ହୋଇବିନି କୃଷ୍ଣ
ବରଷା ଝରେଇ ଦେଏ
ଦେଖି ମେଘମାଳା ଯକ୍ଷ ହେବିନି
ଆକାଶେ ଭସେଇ ନେଏ।

ଆସିଲେ ଭାଙ୍ଗିବ ବେଙ୍ଗବେଙ୍ଗୁଲୀର
କୁମ୍ଭକର୍ଣ୍ଣ ପରି ନିଦ
ମନେପଡିଯିବ 'କେଶୁର ମାଇଲା
ଗଜା' ଗୀତଟିର ପଦ ।

ତୁମେ ତ ବରଷା ଇନ୍ଦ୍ରଙ୍କ ପରଷା
ଭରଷା ଲଭିବ ଚାଷୀ
ମୋ କଥାକୁ ମାନି ଧରାରେ ଦି'ମାସ
ରୁହ ଏ ବରଷ ଆସି ।

+ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

## ବରଗଛ
### ଡ. ଭାରତୀ ହୋତା



ରହ ଆରେ କାଠୁରିଆ
ହାଣି ଦିଅନି ସେ ଗଛ, କାଟି ଦିଅନି ଓହଳ
କାଟି ଦିଅନି
ଆଗାମୀ ସୁନ୍ଦର ସବୁଜ ସକାଳକୁ
ବର୍ତ୍ତମାନର ସୁନେଲି ସ୍ୱପ୍ନରେ ।

ଆଜିର ଛୋଟ ଚାରା
ଆଗାମୀ କାଲିର ବିରାଟ ବଟଦ୍ରୁମ
ଆଜିର ଓହଳ, ଭବିଷ୍ୟତର ବେଦବ୍ୟାସ ।

ଏଇ ଓହଳ ଅଛି ବୋଲି ତ
ସଂସାରର ଗହଳ ଭିତରେ
ଚିତ୍ରିତ ପୃଥିବୀର ଶ୍ୱାସ ଜୀବିତ ଅଛି
ଶୀତଳ ଛାଇ ଅଛି
ତୁମେ ଅଛ, ମୁଁ ଅଛି ।

କାଟି ଦିଅନି ଗଛ, ହଜିଯିବ ଏଇ ଗାଁ
ଉଭେଇଯିବ ସମ୍ପର୍କର ନିବିଡ଼ ସବୁଜପଣିଆ
ଦୂରେଇଯିବ ନିରୀହ ପକ୍ଷୀଙ୍କ କାକଳି
ଲିଭିଯିବ ଆତ୍ମିୟତାର ବିବିଧତା ।

ଏଇ ଓହଳ ଭିତରୁ ଚିହ୍ନା ଗାଁଟିଏ
ହାତ ଠାରି ଡାକେ
ଯେମିତି ନୀଳ ଆକାଶ
ସ୍ୱାଗତ ଗୀତିକା ଗାଏ ପକ୍ଷୀସମୂହ ଦେଖି ।

ଏଇ ଓହଳରୁ ଓହ୍ଲାଇ ଆସେ ମେଘ
ରୁଣୁ ଝୁଣୁ ପାଉଁଜି ପିନ୍ଧି
ଗୋଟା ପଣେ ପୁରା ଗାଁକୁ ଭିଜାଏ
ବସୁମତୀ ସବୁଜ ଓଢ଼ଣୀରେ ଢାଙ୍କିହୁଏ
ସୃଷ୍ଟିର ସବୁଜ ସମ୍ଭାବନା ନେଇ,
କେବେ ପୁଣି ଶୀତ ସକାଳର
କାକର ଟୋପା ସହ
ମାଆ ସାଆନ୍ତାଣୀ ଓହ୍ଲାଇ ଆସନ୍ତି
ଭରି ଦିଅନ୍ତି ଅମାର ଘରେ ଘରେ ।

ଓହଳ କାଟନି, ତାକୁ ହେବାକୁ ଦିଅ
ବିରାଟ ବଟଦ୍ରୁମ
ସୃଷ୍ଟିର ଆଦି ପୁରୁଷ
ମୂକସାକ୍ଷୀ ଏଇ ଗାଁ ଇତିହାସର ॥

+ଖରିଆର ରୋଡ଼୍
ନୂଆପଡ଼ା

## ଗୋଟିଏ ଯୁଗର ସ୍ୱପ୍ନ
### ଶ୍ରୀମତୀ ସୁଲକ୍ଷଣୀ ସାହୁ



ବର୍ଷ-ବର୍ଷ ଧରି ନିଦ ସବାରୀରେ,
ବହଳ-ବହଳ ସ୍ୱପ୍ନ ଗୁନ୍ଥୁ- ଗୁନ୍ଥୁ
ତା'ଛୁଆଙ୍କ କାନ୍ଦଣାରେ, ତା' ଅଧାଗୁନ୍ଥା
ବିଜଡ଼ିତ ସପନ ସବୁ ଇତସ୍ତତ ହେଇଯାଏ,
ରାତିସାରା କଟେ
ଏଇମିତି କିଛି ବିଚଳିତତାର ଅର୍ଘ୍ୟରେ
ଆଉ ଶୂନ୍ୟ ଅନ୍ଧାରରେ
ମାତୃତ୍ୱର ସମର୍ପଣରେ ।

ସକାଳର ସ୍ନିଗ୍ଧ ବାସ୍ନାରେ
ପୁଣି ଈଶାନୀଙ୍କଠୁଁ ଉର୍ଜା ଗ୍ରହଣ କରି
କୁଢ଼ କୁଢ଼ ଜଞ୍ଜାଳର ବୋଝକୁ
ହସ ହସ ମୁହଁ ରେ ଆବୋରି,
ତମାମ ସାଇତା ସପନର
ପର ସବୁ କାଟି ଦେଇ
ସାରା ସଂସାରର ସପନକୁ
ଆଖିରେ ତା'ର ଦିଏ ଖେଞ୍ଚି ।

ନୀଳ ନୀଳ ଆଖିରେ
ନୀଳ ସାଗରର ଗଚ୍ଛିତ ମୋତି ସମ
ସପନ ସବୁ ରହିଯାଏ ଲୁକ୍କାୟିତ
ତା' ହୃଦୟ ତଳେ
କେଉଁ ଏକ ନିଷିଦ୍ଧ ଇଲାକାରେ,
ତା' ମନ ବି ସେଗୁଡିକୁ ଖୋଲି କାଢ଼ିବାକୁ
ହୋଇଯାଏ ବିଚେଷ୍ଟିତ,
କ'ଣ ଅନ୍ୟମାନଙ୍କୁ
ତା' ସପନ ସବୁର ଆଭାସ ମିଳେନି
ଅବା ଜାଣିଶୁଣି
ତା ମନକୁ ମାରିଦେବାକୁ ସମସ୍ତେ ପ୍ରରୋଚନା
ରଚିଦେଇଥାନ୍ତି ତା' ଅଜାଣତରେ ।

କେତେବେଳେ ସ୍ତ୍ରୀ, କେତେବେଳେ ବୋହୂ,
ପୁଣି କେତେବେଳେ ମାଆ,
ଆହୁରି କେତେକ'ଣ ବନ୍ଧନର ଶିକୁଳିରେ
ଘୋରିହୋଇ ବି ପୂଜା ଚନ୍ଦନ ସମ
ମହକାଇ ଥାଏ
ତା' ସଂସାର ରୂପୀ ସର୍ଜନାକୁ,
କେବଳ ଅନ୍ୟ ମାନଙ୍କପାଇଁ
କେତେବେଳେ ପ୍ରଶଂସା ପାଇବାକୁ
ବା କେତେବେଳେ ପ୍ରଶଂସିତ
ମୁହଁ ଦେଖିବାକୁ ।

ଏଇ ସମୟ ପ୍ରବାହରେ ଭୁଲିଯାଇଥାଏ
ତା' ପସନ୍ଦ, ନାପସନ୍ଦ ସବୁକିଛି:
ଶରତରେ ଚିକ୍‌ମିକ୍
ତୋଫା ଚାନ୍ଦିନିରେ ଭିଜିବା,
ସୁନୀଳ ଖୋଲା ଆକାଶତଳେ ରୁଣୁଝୁଣୁ ହୋଇ
ପହଁରିବା,
କି ମୌସୁମୀର ଆଗମନେ
ଓଦା ହୋଇ ମାଟିର ବାସ୍ନାରେ ମହକିବା,
ବା ରଙ୍ଗମୟ ବସନ୍ତର
ମଧୁପ ଗୁଞ୍ଜନେ ପୁଲକିତ ହେବା,
ନା ସାଙ୍ଗ ନା ସାଥୀ
ନା ମାନମତାଣିଆ କିଛି କାମ କିଛି ନାହିଁ,
ତା' ପାଇଁ ସବୁ ମନା
ତାର ସମସ୍ତ ସତ୍ତା
ଧୀରେ ଧୀରେ ଜଳି ପୋଡ଼ି ନଷ୍ଟ ହେଉଥିବା
ଜାଣିପାରେ ସେ,
କିନ୍ତୁ କିଛି କରିପାରିନଥାଏ ସେତେବେଳକୁ
ମାଟି ପରି ସହନଶିଳା ପାଲଟିଯାଇଥାଏ
ସେ ।

ଅଣ୍ଟାଭିଡ଼ି ବାହାରିପଡେ
ସମସ୍ତଙ୍କର ମହଣ-ମହଣ
ସପନ ସାଉଁଟିବାପାଇଁ,
କେତେଯେ ଭୂମିକାରେ ସଜେଇହୁଏ,
ପ୍ରତ୍ୟହ ଭାର ଭାରେ ବାଝ ଉଠେଇ
ଖୁସିର ଗଣ୍ଠିଲି ଖୋଲିବା ଚେଷ୍ଟାରେ
ଅହରହ ବ୍ୟସ୍ତ ଥାଏ
ତା' ଚାରିପାଖେ ନିଜ ଗଢା ସଂସାର ପାଇଁ ।

ଏମିତି ଯୁଗେ ଗଲାପରେ
ସ୍ୱପ୍ନିଳ ଆଖି ତାର ମଳିନ ଦେଖାଯାଏ,
ମୁଖ ଲାବଣ୍ୟ ନିସ୍ତେଜ ହେଇପଡେ,
କର୍ମଠ ଦେହ ହାତ ଶିଥିଳ ହୋଇଥାଏ,
ସେତେବେଳେ ଯାହାଙ୍କପାଇଁ
ସପନ ଦିନେ କିଣିଥିଲା
ନିଜ ସପନକୁ ଜାକିଯୁକି ଦେଇ,
ସେମାନେ ତାକୁ ଛାଡ଼ିଯାଇଥାନ୍ତି
ସେଇଭଳି କିଛି
ତା' ସମ ଦିଶୁଥିବା
ସପନ ଜକାଳିଙ୍କ ସହିତ ରହିବାପାଇଁ,
ଯେଉଁଠି ଆଉ ସପନ ନଥାଏ କି
କାହାପାଇଁ ସପନ ସାଉଟିବାକୁ ପଡେନି,
ମୁଠା ମୁଠା ବାଲି ରହିଯାଏ
ଖାଲି ତା' ହାତ ମୁଠାରେ
ବାକିତକ ଜୀବନକାଳ ପାଇଁ ।

ସହକାରୀ ଶିକ୍ଷୟିତ୍ରୀ,
ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ,
ଖରିଆର ରୋଡ,ନୂଆପଡ଼ା
(ମୋ) ୯୯୩୭୮୯୨୦୨୯

## ଭାବରେ ବନ୍ଧା
### ନିହାରିକା ପ୍ରଧାନ



ଜଗତ ଜୀବନ ଲୀଳମୟ ହରି
କେଉଁ ଲୀଳା ବଖାଣିବି
ମନ, ପ୍ରାଣ ସବୁ ଅଟଇ ତୁମରି
ଭକତି ପ୍ରେମରେ ଡୁବି
ଭାବୀ ଅଭାବୀର ସାଥିରେ ରହିଛ
ଛୋଟ ବଡ଼ ଭେଦ ନାହିଁ ?
ସଭିଏଁ ଆମେତ ତୁମରି ଆଦର୍ଶେ
ଚାଲିଅଛୁ କେତେ ପଥ ଡେଇଁ
କେତେ ଆଦରରେ
କେତେ ସରାଗରେ

ହୃଦେ ଭାବ ବିରାଜଇ
ସେହିପରା ଆମ ମନ ମନ୍ଦିରରେ
ବିକଶଇ ପଦ୍ମ ହୋଇ
ବିରାଜିତ ଭାବ ବିକଶିତ ପଦ୍ମ
ଦୁହେଁ ପରା ପାଖାପାଖି

ବାନ୍ଧିଦେବା ଯଦି ଭାବନା ରଜ୍ଜୁରେ
ପାରିବକି କେବେ ଖସି ।
ବିଭୂପାଦତଳେ ଏତିକି ମିନତୀ
ଭାବେ ବାନ୍ଧି ରଖିଥାଉ
ଅଭାବକୁ ଦୂର ଭାବକୁ ନିକଟ
ଏକଥାର ମାନ ରହୁ
ପ୍ରତି ପରାଣରେ ସ୍ନେହ ପ୍ରେମ ଶ୍ରଦ୍ଧା
ଅଙ୍କୁରିତ ହେଉଥାଉ
କରୁଣା ସାଗର ଭାବନାରେ ବନ୍ଧା
ଏଜଗତ ହସୁଥାଉ ....
ଏଜଗତ ହସୁଥାଉ ......

+ଶିକ୍ଷୟିତ୍ରୀ, ଜୟପୁର
ମୋ: ୭୯୭୮୮୩୨୫୪୫

## ଗୋଧୂଳିର ଜହ୍ନ
### ଶାଶ୍ୱତୀ ହୋତା



ବୈଶାଖର ତାତି ଭରା ରାତି
ତହିଁରେ ବହୁଥିବା ଝାଞ୍ଜି ପବନକୁ
ତୁମ କ୍ରୋଧ ମିଶା ବାକ୍ୟ
ଆହୁରି ଉତ୍ତପ୍ତ କରୁଥାଏ ...
ମେଞ୍ଚାଏ ସହାନୁଭୂତି ଓ କାଣିଚାଏ
ସମର୍ଥନ ପାଇଁ
ତୁମକୁ ଜଗି ବସିଥିବା ମୋର
ଦୁଇ ଅସହାୟ ଆଖି, ତୁମ ଗର୍ଜନ ଶୁଣି
ଆହୁରି ଅସହାୟ ହୋଇ ପଡୁଥାଏ ।

ତୁମେ ସାମ୍ନାରେ ଥାଇ ମଧ
ମୋ ଠୁ ଦୂରରେ
ବହୁତ୍ ଦୂରରେ ଥିବାର ମୋତେ
ଅନୁଭବ ହେଉଥାଏ....
ମୋ ଭିତରେ ତୁମେ
ପରସ୍ତ ପରସ୍ତ ଭରି ରହିଥାଅ
ହେଲେ ତୁମ ଭିତରେ ମୋ ଉପସ୍ଥିତି
ଗୋଧୂଳିର ଜହ୍ନ ଭଳି ଝାପସା
ଆଭାସ ହେଉଥାଏ।

ଅଦିନିଆ ବିଜୁଳି ଝଟକାରେ
ପକ୍ଷୀ ଦେହରୁ ପିଣ୍ଡ ଛାଡ଼ିଗଲା ପରି
କ୍ଷଣିକ ମଧରେ ମୋ ସବୁ ସ୍ୱପ୍ନ
ମୋ ଆଖି ସାମ୍ନାରେ ଭାଙ୍ଗି
ଚୂର୍ ଚୁର୍ ହୋଇ ଯାଉଥାଏ ...
ତୁମ ପ୍ରେମର ମଧୁର ସ୍ମୃତି, ପ୍ରତିଶୃତି ସବୁ
କେବଳ ଏକ
ମିଛ କାହାଣୀ ଭଳି ଲାଗୁଥାଏ ।

ଏତେ କଟୁତା ପରେବି ଆଜି କାହିଁକି,କାହିଁକି
ତୁମ ପ୍ରତାରଣାକୁ ମୁଁ , ମୋ ପ୍ରୀତି
ଆଢୁଆଳରେ
ଘୋଡ଼େଇ ରଖି ଥାଏ ....!
ଏତେ କୋହ ପରେବି ମୁଁ ନିଜକୁ କାହିଁକି
କେବଳ ତୁମର ବୋଲି କହିଚାଲୁଥାଏ ।

+ସଗୁନଭାଡ଼ି, ନୂଆପଡା

## ଅଧା ଲେଖା ଗପ
### ରଞ୍ଜିତ କୁମାର ବେହେରା

ଜୀବନ ଗପଟା ଆରମ୍ଭ ହୋଇଛି
ସରିବା ସମୟ ଆସି ଗଲାଣି
ସଠିକ୍ ଶବ୍ଦ ଖୋଜି ପାଇଲିନି
ଭଲ ବାକ୍ୟ ଗଢି ପାରିଲିନି ।

ଖାଲି କମା ଆଉ ଫୁଲଷ୍ଟପ୍
ଅଙ୍କା ବଙ୍କା ଧାଡି ଗଢିଲି
ନିଜେ ମଧ ଅର୍ଥ ବୁଝି ପାରୁନି
ଲକ୍ଷ୍ୟ ମଧ ଜାଣି ପାରୁନି

ଚଲାପଥଟା ଅଙ୍କା ବଙ୍କା
ଖାଲି ଖାଲ ଆଉ ଢିପ, କଷ୍ଟ କରି ଚାଲିଛି
ହେଲେ ସଫଳତାଠୁ ଦୂରରେ
ସବୁ ଇଶ୍ୱରଙ୍କ ଉପରେ ଛାଡିଛି ।

ଗୁରୁଜନଙ୍କଠୁ ଏବେ ଆଶ୍ୱାସନା ପାଏ
ନିଶ୍ଚେ ନିରାକାର ଉଦ୍ଧାର କରିବେ
ମଝିରେ ମଝିରେ ଝଡ ଭୂମିକମ୍ପ
ସାମ୍ନା କରିବାକୁ ପଡୁଛି
ଆଗ ଲୋକକୁ ଦେଖି ଦୁଃଖ ଲାଗୁଛି
ପଛକୁ ଦେଖି ମନକୁ ବୁଝଉଛି ।

କଳା ମେଘକୁ ଦେଖି ଭୟ କରୁଛି
ନିଦାଘ କଷ୍ଟ ଦେଉଛି
ଶ୍ରାବଣଟା ଅଶ୍ୱସ୍ତି ଆଣିଛି
ସଂସାରଟାରେ କେବେ ଜୁଆର
ପୁଣି କେବେ ପୁଣି ଭଟ୍ଟା
ପୂର୍ଣ୍ଣିମାଟା ଆନନ୍ଦ ଦିଏ
ଅମାବାସ୍ୟା ବି ଶାନ୍ତି ଆଣେ ।

ଉଠାଣି ଗଡ଼ାଣିର ଯାତ୍ରା
ଜୀବନ ଗପ ସରି ଆସିଲାଣି
ହେଲେ ଅଧା ଲେଖା ଗପ
ହେଲେ ଅଧା ଲେଖା ଗପ ।

+ମାଣିଖମ୍ବ, ବାଲେଶ୍ୱର
ମୋ: ୯୨୩୮୫୬୮୮୧୧

## ପ୍ରାରବ୍ଧ
### ଅନସୂୟା ପଣ୍ଡା



ସତେରେ କ'ଣ ପ୍ରାରବ୍ଧ ପୂର୍ବ ଜନ୍ମର ଫଳ
ନା ଏ ଜନ୍ମ ପାପର ପ୍ରତିରୋଧକ ?
ନ ଆସିବାର ଭଙ୍ଗୁର ପଣରେ
ଅନିଶ୍ଚିତ କଳ୍ପନାଟିଏ।

ପ୍ରଶ୍ନବାଚୀ ମୂହୁର୍ତ୍ତ ଯେଉଁଠି ପୂର୍ବଜନ୍ମ ଫଳର
ବୃଥା ଆଶା କିଏ ଅବା ଜାଣିଛି
ନିରୀହ ମନଟା ଅଣ୍ଡାଳି ବସୁଛି।

କୃଷ୍ଣ ରାମ ସେ ତ ଥିଲେ ପରଂବ୍ରହ୍ମ
ସୁବ୍ୟକ୍ତ ଜୀବ ଜଗତର ଆତ୍ମାରେ
ଆତ୍ମନାଦରେ ସ୍ପନ୍ଦନରେ
ଶୃଙ୍ଖଳିତ ଜୀବନଚର୍ଯ୍ୟାରେ
ସଂସ୍କାର ସମ୍ମତ ପରମ୍ପରାରେ
ବିଶ୍ୱାସ ରଖିଥିଲେ ଇହଜନ୍ମ କର୍ମଫଳରେ।

ଉଶୃଙ୍ଖଳ ମନର ବନ୍ଧ୍ୟାକରଣ ପାଇଁ
ପ୍ରାରବ୍ଧ ଏକ ଅମୋଘ ଅସ୍ତ୍ର ନିଶ୍ଚୟ
ଅଲଙ୍ଘ୍ୟ ନ ଲଙ୍ଘିବାର ନାମାବଳି
ଭୟ ପାଇଁ ଭକ୍ତିର ଉଛୁଳା ପଣ ଯେମିତି।

ପାପ ପୁଣ୍ୟର ଅଶରୀରୀମାନଙ୍କୁ
ପ୍ରାରବ୍ଧର ସୁନ୍ଦର ସୃଜନୀର ମନ୍ତୁରା ପାଣିରେ
କରୁଥିଲେ ମୃତାହତ ଜିଇଁବାରେ ବିଘାତ
ନିଜେ ନିଜର ଶତ୍ରୁ ନିଜେ ନିଜର ମିତ୍ର
ପ୍ରାରବ୍ଧ କେବଳ କାଳ୍ପନିକ କଥା।

+ବୁର୍ଲା, ସମ୍ବଲପୁର
ମେ: ୮୩୨୮୯୪୫୮୮୫

# ୨୮ନଂ ୱାର୍ଡରେ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ଏକାଧିକ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ ମାନସ କୁମାର ଦତ୍ତ




ବାଲେଶ୍ୱର, ୦୭/୦୭ (ନି.ପ୍ର): ପୂର୍ବ ପ୍ରତିଶୃତି ଅନୁଯାୟୀ ବାଲେଶ୍ୱର ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ ବିଧାୟକ ମାନସ କୁମାର ଦତ୍ତ ଅବିରତ ଉଦ୍ୟମ ଜାରି ରଖିଛନ୍ତି । ଏହି କ୍ରମରେ ବାଲେଶ୍ୱର ପୌରପାଳିକାର ୨୮ନଂ ୱାର୍ଡରେ ବିଭିନ୍ନ ଜନକଲ୍ୟାଣକାରୀ ଉନ୍ନତିମୂଳକ ପ୍ରକଳ୍ପର ଶିଳାନ୍ୟାସ ଦେଇଛନ୍ତି ବିଧାୟକ ଶ୍ରୀ ଦତ୍ତ । ଏହି କ୍ରମରେ ପ୍ରଥମେ ବାଲେଶ୍ୱର ପୌରପାଳିକା ପକ୍ଷରୁ ଏମଆରବି ଫଣ୍ଡ ଅନୁଦାନରେ ୧୮ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ଦରଜୀ ପୋଖରୀ ନିକଟ ଗୟା ପ୍ରସାଦ ଜେନାଙ୍କ ଘର ଠାରୁ ଖିଲାର ବାବୁଙ୍କ ଘର୬ପର୍ଯ୍ୟନ୍ତ ରାସ୍ତା, ନାଳ ଓ ସ୍ଲାବ ନିର୍ମାଣ କାର୍ଯ୍ୟର ଶୁଭ ଦିଆଯାଇଥିଲା । ସେହିପରି ସ୍ଥାନୀୟ ଗୋପାଳ ଗାଁର ବୃଦ୍ଧ ବିହାର ଠାରେ ସ୍ଥାନୀୟ ଅଂଚଳର ଜନସାଧାରଣଙ୍କ ଦାବି ଓ ଆଗ୍ରହକୁ ଦୃଷ୍ଟିରେ ରଖି ପୌରପାଳିକାର ଏମ ଆର ବି ଫଣ୍ଡ ଅନୁଦାନରୁ ୧୫ଲକ୍ଷ ୯୬ହଜାର ଟଙ୍କା ଖର୍ଚ୍ଚ ଅଟକଳରେ ଲାଲବବାହାଦୁର୍ ଶାସ୍ତ୍ରୀ ମାର୍ଗ ଠାରୁ ପମ୍ପ ହାଉସ ଦେଇ ସୁଧାଂଶୁ ପରିଡ଼ାଙ୍କ ଘର ପର୍ଯ୍ୟନ୍ତ ପେଭର ରାସ୍ତା ନିର୍ମାଣ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ବିଧାୟକ ଶ୍ରୀ ଦତ୍ତ ଶିଳାନ୍ୟାସ କରିଥିଲେ । ସମସ୍ତ ପ୍ରକଳ୍ପକୁ ଯୋଜନାବଦ୍ଧ ଭାବେ ଧାର୍ଯ୍ୟ ସମୟସୀମା ମଧ୍ୟରେ ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ । କାଉନସିଲର ଗୌରୀ ଦାଶଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲେଶ୍ୱର ପୌରଧାକ୍ଷା ସବିତା ସାହୁ ଯୋଗଦେଇ ପୌରପାଳିକା ପକ୍ଷରୁ ଜାରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୌର ଯନ୍ତ୍ରୀ ସୀମାଞ୍ଚଳ ମିଶ୍ର, ସାଂସଦଙ୍କ ପ୍ରତିନିଧି ଚିତ୍ତରଞ୍ଜନ ପଣ୍ଡା, ପୂର୍ବତନ କାଉନସିଲର ଜୟ ପ୍ରକାଶ ଦାଶ, ଉପେନ୍ଦ୍ର ଶତପଥୀ, ବରିଷ୍ଠ ନେତା ଗଙ୍ଗାଧର ରାଉତ,ସୀତାକାନ୍ତ ସ୍ୱାଇଁ,ରାଜେନ୍ଦ୍ର ଚାଟର୍ଜୀ,ପର୍ଶୁରାମ ମହାନ୍ତି,ଧୀରଜ ମହାନ୍ତି, ଅତୁଲଖଟୁଆ, ସସ୍ମିତା ଶୁକ୍ଳ ପ୍ରମୁଖଙ୍କ ସହ ସ୍ଥାନୀୟ ଅଂଚଳବାସୀ ଉପସ୍ଥିତ ରହି ଗ୍ରାମବାସୀଙ୍କ ଆଶା ଓ ଆକାଂକ୍ଷା ପୂରଣରେ ପ୍ରୟାସ ଓ ପଦକ୍ଷେପ ପାଇଁ ବିଧାୟକଙ୍କୁ କୃତଜ୍ଞତା ଜଣାଇଥିଲେ ।

## ଜିଲ୍ଲା ଯୋଗ ଗୁରୁ ସଂଘ ଗଠିତ : ଅରବିନ୍ଦ ସଭାପତି ଓ ପବିତ୍ର ସମ୍ପାଦକ ମନୋନୀତ

ନୂଆପଡ଼ା, ୦୭/୦୭ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡିଆଳ ସ୍ଥିତ ସଂସ୍କୃତି ଭବନ ଠାରେ ନୂଆପଡ଼ା ଜିଲ୍ଲା ଯୋଗ ଗୁରୁ ସଂଘ ଗଠିତ ହୋଇଯାଇଛି । ଯୋଗଗୁରୁ ଅରବିନ୍ଦ ବେହେରା ସଭାପତି ରୂପେ ମନୋନୀତ ହୋଇଥିବା ବେଳେ ପବିତ୍ର ଦଣ୍ଡସେନା ସମ୍ପାଦକ ରୂପେ ମନୋନୀତ ହୋଇଛନ୍ତି । ସେହିପରି ଉପସଭାପତି ରୂପେ ନିହାର ରଂଜନ ଯୋଷୀ, ଯୁଗ୍ମ ସମ୍ପାଦକ ଯଜ୍ଞସିନୀ ନାଏକ, କୋଷାଧକ୍ଷ ରୂପେ ଅନୁରାଗ ବାଗ ମନୋନୀତ ହୋଇଛନ୍ତି । ସମୁଦାୟ ୧୧ ଜଣିଆ କାର୍ଯ୍ୟକାରୀ ସଦସ୍ୟ ନୂଆପଡ଼ାରୁ କୈଳାସ ବାରିକ, ବୋଡ଼େନରୁ ହୃଦା ମାଝୀ ଓ ରିକେଶ କୁମାର ପତି, କୋମନାରୁ ରଶ୍ମି ରଂଜନ ପଣ୍ଡା ଓ ଭୋଲା ଶଙ୍କର ହଂସ, ସିନାପାଲିରୁ ଦ୍ରୋଣ ଜଗତ ଏବଂ ଖଡିଆଳରୁ ଡୋଲକୃଷ୍ଣ ବେହେରା ମନୋନୀତ ହୋଇଛନ୍ତି ।

# ସର୍ବାଙ୍ଗୀନ ବିକାଶରେ ଲୋକପ୍ରତିନିଧିଙ୍କ ଭୂମିକା ନେଇ ଓୟୁଜେର ବୈଠକ ଅନୁଷ୍ଠିତ



ବାଲେଶ୍ୱର, ୦୭/୦୭ (ନି.ପ୍ର): ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାର ସର୍ବାଙ୍ଗୀନ ବିକାଶ କ୍ଷେତ୍ରରେ ଲୋକପ୍ରତିନିଧିଙ୍କ ଉତ୍ତର ଦାୟିତ୍ୱ ଉପରେ ଏକ ବୈଠକ ଖଇରା ବ୍ଲକର ଡଗରପଡା ପଞ୍ଚାୟତ ରେ ଅନୁଷ୍ଠିତ ହୋଇଥିଲା । ୟୁନିଅନର ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି ବୈଠକରେ ଖଇରା ବ୍ଲକର ଅଧକ୍ଷ ଅଭିଲିପ୍ସା ସାହୁ ଯୋଗଦେଇଥିଲେ । ଖଇରା ବ୍ଲକର ବିଭିନ୍ନ ଅଂଚଳରେ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇ ସେ କହିଲେ ଯେ, ଜନସାଧାରଣଙ୍କ ସମସ୍ୟାକୁ ଅଗ୍ରାଧିକାର ଦେଇ କାର୍ଯ୍ୟ ହେଉଛି । ଶିକ୍ଷା,ସ୍ୱାସ୍ଥ୍ୟ, ଗମନାଗମନ ସମସ୍ୟା ଉପରେ ଆମେ ଅଧିକ ପ୍ରାଧାନ୍ୟ ଦେଉଛୁ । ସାମ୍ବାଦିକ ମାନେ କେଉଁଠି ଲୋକଙ୍କ ଅଧିକ ସମସ୍ୟା ଅଛି ଓ ତାର ଆବଶ୍ୟକତା ରହୁଛି ସେ ବିଷୟରେ ସମ୍ବାଦ ପତ୍ରରେ ଲେଖନ୍ତୁ ଓ ଆବଶ୍ୟକ ମାନେ କଲେ ବ୍ୟକ୍ତିଗତ ଭାବେ ଜଣାଇବାକୁ ସେ ଅନୁରୋଧ କରିଥିଲେ । ଯଦ୍ୱାରା ସମସ୍ୟା ଆଉ ସମସ୍ୟା ହୋଇ ରହିବ ନାହିଁ ବରଂ ସମସ୍ତଙ୍କ ସହଯୋଗରେ କାମଟି କରାଯାଇ ପାରିବ । ସବକା ସାଥ ସବକା ବିକାଶ ସବକା ପ୍ରୟାସ କୁ ନେଇ କାର୍ଯ୍ୟ ହେଉଛି ବୋଲି ସେ କହିଥିଲେ । ରାଜ୍ୟ ସରକାରଙ୍କ ଠାରୁ ବ୍ଲକ କୁ ଆସୁଥିବା ଆର୍ଥିକ ଅନୁଦାନ ଅର୍ଥ ,ବିଧାୟକ ଓ ସାଂସଦ ଙ୍କ ପାଣ୍ଠି ଅର୍ଥ କୁ ନେଇ ଆମେ କାମ କରୁଛୁ ବୋଲି ସେ ସୂଚନା ଦେଇଥିଲେ । ଏହି ବୈଠକରେ ୟୁନିଅନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନାମ ଚରଣ ପଣ୍ଡା, ଉପସଭାପତି ଉତ୍କଳବନ୍ଧୁ ପଣ୍ଡା, ବରିଷ୍ଠ ସଦସ୍ୟ କୈଳାଶ ଚନ୍ଦ୍ର ଦାସ, ତପୋଧନ ବାରିକ, ବଳରାମ ଲେଙ୍କା, ସଞ୍ଜୟ କୁମାର ବେହେରା ଙ୍କ ସମେତ ସ୍ଥାନୀୟ ସମିତି ସଦସ୍ୟ ବିଦ୍ୟାଧର ଦଳାଇ,ଓ ବିଶିଷ୍ଟ ବ୍ୟକ୍ତି ମାନେ ଉପସ୍ଥିତ ଥିଲେ ।

## କିଶୋର ନ୍ୟାୟ ଅଧିନିୟମ ସଂପର୍କିତ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, ୦୭/୦୭ (ନି.ପ୍ର): ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଦୋବଲ କାଞ୍ଚିଆପାଳସ୍ଥିତ ମହାପୁରୁଷ ଆଶ୍ରମ ପରିସରରେ କିଶୋର ନ୍ୟାୟ ଅଧିନିୟମ (ଯନ୍ ଏବଂ ସୁରକ୍ଷା) ଆଇନ ୨୦୨୫ ସଂପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କିଶୋର, କିଶୋରୀ ମାନେ କମ ବୟସରେ ସେମାନଙ୍କ ମାନସିକତା ସ୍ତରରେ ପରିପକ୍ୱତା ଆସିନଥାଏ ତେଣୁ ସେମାନେ ଆଗକୁ କଣ ହେବ ବା ସମାଜ ସେମାନଙ୍କୁ କେଉଁ ଦୃଷ୍ଟିରେ ଦେଖିବ ସେସବୁକୁ ବୁଝିବାର ଧୈର୍ଯ୍ୟ କିମ୍ବା ମାନସିକତା ସେହି କିଶୋର କିଶୋରୀମାନଙ୍କର ନଥାଏ । ତେଣୁ ସେମାନେ କରୁଥିବା ଅପରାଧକୁ କିଶୋର ନ୍ୟାୟ ଅଧିନିୟମ ମଣ୍ଡଳୀ ଜରିଆରେ ସେମାନଙ୍କ ଠାରୁ ସତ୍ୟଘଟଣାମାନ ବାହାରକୁ ଅଣାଯାଇଥାଏ । ତେଣୁ ଛାତ୍ରଛାତ୍ରୀମାନଙ୍କୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବୟସର ପରିପକ୍ୱତା ନହୋଇଥିବାରୁ କୌଣସି ଅନୈତିକ, ଅସାମାଜିକ ଭଳି ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ରୁହ ନାହିଁ ବୋଲି ଉପସ୍ଥିତ ବିଭିନ୍ନ ବର୍ଗର ଅତିଥିମାନେ ମତବ୍ୟକ୍ତ କରିବା ସଂଗେ ସଂଗେ ପିଲାମାନଙ୍କୁ ବୁଝାଇଥିଲେ ।

# କେନ୍ଦ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଶିକ୍ଷାର ବିକାଶ ନେଇ ସମୀକ୍ଷା ବୈଠକ

## ସ୍କୁଲ ଓ ଉଚ୍ଚ ଶିକ୍ଷାର ବିକାଶ ସହ ନବଜାତ ଶିଶୁ ଏବଂ ଛାତ୍ରଛାତ୍ରୀଙ୍କ ପୋଷଣକୁ ଦିଆଯିବ ଗୁରୁତ୍ୱ : ଧର୍ମେନ୍ଦ୍ର ପ୍ରଧାନ




କୋରାପୁଟ, ୦୭/୦୭ (ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଅବିଭକ୍ତ କୋରାପୁଟ ଜିଲ୍ଲା ଯଥା କୋରାପୁଟ, ରାୟଗଡ଼ା, ମାଲକାନଗିରି ଏବଂ ନବରଙ୍ଗପୁର ଜିଲ୍ଲାରେ ସ୍କୁଲ ଶିକ୍ଷା ଏବଂ ଉଚ୍ଚ ଶିକ୍ଷାର ବିକାଶ ସହ ଶିଶୁ ଓ ମହିଳାଙ୍କ କଲ୍ୟାଣ ଏବଂ ଅନ୍ୟାନ୍ୟ ପ୍ରାଥମିକତା ବିଷୟ ଗୁଡ଼ିକ ଉପରେ ସମୀକ୍ଷା କରିଛନ୍ତି । ବୈଠକରେ ଏହି ଆକାଂକ୍ଷୀ ଜିଲ୍ଲାଗୁଡ଼ିକରେ ସ୍କୁଲ ଶିକ୍ଷା ଏବଂ ଉଚ୍ଚ ଶିକ୍ଷାର ବିକାଶ, ନବଜାତ ଶିଶୁ ଜନ୍ମ ନେବା ପର ଠାରୁ ୧୮ ବର୍ଷ ପର୍ଯ୍ୟନ୍ତ ସେମାନଙ୍କୁ ପୁଷ୍ଟିକର ଖାଦ୍ୟ ସହ ଶାରିରୀକ ସ୍ୱାସ୍ଥ୍ୟକୁ ଦୃଷ୍ଟି ଦେବା, ମହିଳା ଓ ଶିଶୁ ବିକାଶ, ଦକ୍ଷତା ଏବଂ କ୍ରୀଡ଼ା ଭିତ୍ତିଭୂମିର ବିକାଶ ଆଦି ଆନୁସଙ୍ଗିକ ବିଷୟରେ ସମୀକ୍ଷା ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଳ୍ପନାରେ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହଯୋଗରେ ଓଡ଼ିଶାର ଏହି ଜିଲ୍ଲା ଗୁଡ଼ିକରେ ସ୍କୁଲ ଭିତ୍ତିଭୂମିର ବିକାଶ, ଖାଲିଥିବା ଶିକ୍ଷକ ପଦବୀ ପୂରଣ କରିବା, ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ସହ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ(ଡିଆଇଇଟି)ର ଉନ୍ନତିକରଣ, ସର୍ବବ୍ୟାପୀ ଓ ସର୍ବସମାବେଶୀ ଶିକ୍ଷାକୁ ପ୍ରାଥମିକତା ଦେବା ଉପରେ ଆଲୋଚନା ହୋଇଛି । ପ୍ରତ୍ୟେକ ପିଲାମାନଙ୍କୁ ସ୍କୁଲକୁ ଆଣିବା ଏବଂ ସେମାନଙ୍କୁ ମାତୃଭାଷାରେ ଶିକ୍ଷା ପ୍ରଦାନ କରିବା ଜାତୀୟ ଶିକ୍ଷା ନୀତିର ମୂଳ ଉଦ୍ଦେଶ୍ୟ । ସ୍କୁଲ ଶିକ୍ଷା କ୍ଷେତ୍ରରେ ଡ୍ରପଆଉଟ ହାର ହ୍ରାସ କରିବା ପାଇଁ 'ଆସ ସ୍କୁଲ ଯିବା' ଭଳି ଅଭିଯାନ ଆରମ୍ଭ କରିବା, ଶିକ୍ଷାରେ ପ୍ରଯୁକ୍ତିବିଦ୍ୟାକୁ ପ୍ରୋତ୍ସାହନ, ଛାତ୍ରଛାତ୍ରୀଙ୍କୁ ମାତୃଭାଷାରେ ଶିକ୍ଷା ପ୍ରଦାନ କରିବା ସହ ବୈଷୟିକ ଶିକ୍ଷାରେ ଜନଜାତି ପିଲାଙ୍କୁ ଯୋଡ଼ିବା ପାଇଁ ଯୋଜନା କରିବା ଦିଗରେ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ଭାରତ ସରକାର, ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନର ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ଶ୍ରୀ ପ୍ରଧାନ । ଏହାବ୍ୟତୀତ ଦିବ୍ୟାଙ୍ଗ ସହଯୋଗୀ ସ୍କୁଲ, କଲେଜ୍ ଓ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମିର ବିକାଶ ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଛି । ଶ୍ରୀ ପ୍ରଧାନ କହିଛନ୍ତି, ୨୦୩୬ରେ ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେ ବର୍ଷ ପୂରଣ କରିବ । ୨୦୪୭ରେ ଦେଶ ସ୍ୱତନ୍ତ୍ରତାର ଶହେ ବର୍ଷ ପୂରଣ କରିବ । ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର ମୂଳ ଚାବିକାଠି ହେଉଛି ଶିକ୍ଷା । ଏହି ଆକାଂକ୍ଷୀ ଜିଲ୍ଲା ଗୁଡ଼ିକୁ ବିକଶିତ କରିବା ପାଇଁ ହେଲେ ଶିକ୍ଷା ସହ ଜିଲ୍ଲାର ଆର୍ଥିକ ଓ ସାମଗ୍ରିକ ବିକାଶକୁ ଅଗ୍ରାଧିକାର ଦେବାକୁ ହେବ । କୋରାପୁଟ, ରାୟଗଡ଼ା, ମାଲକାନଗିରି ଏବଂ ନବରଙ୍ଗପୁରରେ ବହୁତ ସମ୍ଭାବନା ଅଛି । ଏହି ଜିଲ୍ଲାର ବିକାଶ କରିବାକୁ ହେଲେ ଆମକୁ ସର୍ବୋଚ୍ଚ ପ୍ରାଥମିକତା ଭିତ୍ତିରେ କାମ କରିବାକୁ ହେବ । ଏଠାରେ ଶିକ୍ଷା, ସ୍ୱାସ୍ଥ୍ୟ, ମୌଳିକ ସମସ୍ୟା ସହ ଶିକ୍ଷା ଭିତ୍ତିଭୂମିର ବିକାଶ ଉପରେ ଦୃଷ୍ଟି ଦେବାକୁ ପଡ଼ିବ । ଏ ଅଞ୍ଚଳକୁ ଆତ୍ମନିର୍ଭର ଓ ସ୍ୱାଭିମାନୀ କରାଇବା ପାଇଁ ପଡ଼ିବ, ତାର ମୂଳ ରାସ୍ତା ହେଉଛି ଶିକ୍ଷା ଏବଂ ଜ୍ଞାନ । ଜିଲ୍ଲାରେ ଥିବା ଚ୍ୟାଲେଞ୍ଜ ଗୁଡ଼ିକର ସମାଧାନ କରିବା ସହ ଏ ଦିଗରେ କାମ କରିବା ପାଇଁ ଡବଲ ଇଞ୍ଜିନ ସରକାର ବଦ୍ଧପରିକର ।

ଏହି ବୈଠକରେ ଓଡ଼ିଶା ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚ ଶିକ୍ଷା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜିଲ୍ଲାର ସାଂସଦ, ବିଧାୟକ, ଭାରତ ସରକାରଙ୍କ ସ୍କୁଲ ଓ ଉଚ୍ଚ ଶିକ୍ଷା ବିଭାଗର ଅଧିକାରୀ, ଓଡ଼ିଶାର ସ୍କୁଲ ଏବଂ ଗଣଶିକ୍ଷା ବିଭାଗର ଅଧିକାରୀ, ଜିଲ୍ଲାପାଳ, ମହିଳା ଓ ଶିଶୁ ଉନ୍ନୟନ, ସ୍ୱାସ୍ଥ୍ୟ, ଦକ୍ଷତା ବିଭାଗର ବରିଷ୍ଠ ଅଧିକାରୀ ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଯୋଗ ସଚେତନତା କାର୍ଯ୍ୟକ୍ରମ: ନିଜେ ଖୁସି ରହି ଅନ୍ୟକୁ ଖୁସି ବାଂଟିବା ଉଚିତ୍

ସମ୍ବଲପୁର, ୦୭/୦୭ (ନି.ପ୍ର): ସ୍ଥାନୀୟ ଜେଲଛକ ନିକଟସ୍ଥ କମିଶନର କଲୋନୀ ପଡିଆ ଠାରେ ଯୋଗ ପରିବାର, ସମ୍ବଲପୁର ପକ୍ଷରୁ ରବିବାର ଏକ ଯୋଗ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପାରାଦ୍ୱୀପ ଫସଫେଟ୍ ଲିମିଟେଡ଼ ସମ୍ବଲପୁର ମୁଖ୍ୟ ପରିଚାଳକ ସଂଜୀବ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଯୋଗ ପରିବାର ପକ୍ଷରୁ ପ୍ରତିଦିନ ଭୋର ସାଢେ ୫ ଟାରୁ କମିଶନର କଲୋନୀ ପଡିଆ ଠାରେ ନିଶୁଳ୍କ ଯୋଗ ଶିବର ଆୟୋଜନ କରିବା ସହ ଲୋକଙ୍କୁ ସୁସ୍ଥ ରଖିବା ସଚେତନା କାର୍ଯ୍ଯକ୍ରମ ମାନ ଆୟୋଜନ କରୁଥିବାରୁ ପରିବାର ସଦସ୍ୟଙ୍କୁ ସେ ପ୍ରଶଂସା କରିଥିଲେ । ଜୀବନରେ ନିଜେ ଖୁସି ରହି ଅନ୍ୟମାନଙ୍କୁ ଖୁସି ରଖିବାକୁ ଚେଷ୍ଟା କରିବାକୁ ଶ୍ରୀ ଦାଶ ପରାମର୍ଶ ଦେଇଥିଲେ । ନିଜେ ମଧ ଯୋଗ ଦ୍ୱାରା ଅନେକ ସୁଫଳ ପାଇ ପାରିଥିବା ନିଜ ଅନୁଭୂତିରୁ କହିଥିଲେ । ଯୋଗର ପ୍ରସାର ପାଇଁ ପ୍ରଶାସନ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଯୋଗ କରିବା ପାଇଁ ସ୍ୱତନତ୍ର ବ୍ୟବସ୍ଥା କରିବାକୁ ସେ ଅନୁରୋଧ କରିଥିଲେ । ଏହି ଅବସରରେ ଯୋଗ ଗୁରୁ ଟିକେଲାଲ ଭୋଇ ବର୍ଷା ସମୟରେ ଲୋକେ ସକାଳୁ ଚଳାବୁଲା ଏବଂ ଖେଳକୁଦ ବନ୍ଦ କରିଦେଉଥିବା ବେଳେ ଘରେ ଯୋଗାଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ । କମ ସ୍ଥାନରେ ଯେ କଣଣସି ପରିସ୍ଥିତିରେ ଯୋଗକୁ ଜୀବନର ଅଙ୍ଗ ଭାବେ ଅଭ୍ୟସ କରିବାକୁ ଯୋଗଗୁରୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ସଂଜୀବ ଦାଶ ଏବଂ ତାଙ୍କ ଧର୍ମପତ୍ନି ସରିତା ଦାଶଙ୍କୁ ଯୋଗ ପରିବାର ପକ୍ଷରୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ବରିଷ୍ଠ ସଦସ୍ୟ ହରିହର ମିଶ୍ର, ଅଶୋକ ସାହୁ,ବିଚିତ୍ରାନନ୍ଦ ଆଚାର୍ଯ୍ୟ ଏବଂ ସ୍ୱରୂପ ପାତ୍ର ଅଭିଭାଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ଯୋଗ ପରିବାର ସଦସ୍ୟ ସୁଧୀର ମିଶ୍ର ପରିଚାଳନା କରିଥିଲେ । ଶେଷରେ ବରିଷ୍ଠ ସଦସ୍ୟ ପ୍ରଦୀପ୍ତ କିଶୋର ସୁଶାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭଦ୍ରକ ଜିଲ୍ଲାସ୍ତରୀୟ ୭୬ତମ ବନ ମହୋତ୍ସବ ସପ୍ତାହ ପାଳିତ

ଭଦ୍ରକ, ୦୭/୦୭ (ନି.ପ୍ର): ଭଦ୍ରକ ଜିଲ୍ଲାରେ ଜିଲ୍ଲା ସ୍ତରରେ ୭୬ତମ ବନ ମହୋତ୍ସବ ସପ୍ତାହ ୨୦୨୫ ଅତ୍ୟନ୍ତ ଉତ୍ସାହର ସହିତ ପାଳିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ଓଲଙ୍ଗାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା । ଯେଉଁଠାରେ ବିଶିଷ୍ଟ ବ୍ୟକ୍ତିମାନେ ଭଦ୍ରକର ମାନ୍ୟବର ସାଂସଦ ଅଭିମନ୍ୟୁ ସେଠୀ, ବାସୁଦେବପୁର ବିଧାନସଭା ସଦସ୍ୟ (ବିଧାୟକ) ଅଶୋକ କୁମାର ଦାସ, ଭଦ୍ରକର କଲେକ୍ଟର ଏବଂ ଜିଲ୍ଲା ମାଜିଷ୍ଟ୍ରେଟ (ଡିଏମ୍) ଏବଂ ଭଦ୍ରକ ବନ୍ୟପ୍ରାଣୀ ଡିଭିଜନର ବିଭାଗୀୟ ବନ ଅଧିକାରୀ (ଡିଏଫ୍‌ଓ) ଏହି ଅବସରରେ ଉପସ୍ଥିତ ଥିଲେ । ଏହି ଉତ୍ସବର ଉଦ୍ଦେଶ୍ୟ ପରିବେଶ ସଚେତନତାକୁ ପ୍ରୋତ୍ସାହିତ କରିବା ଏବଂ ବନୀକରଣ ପ୍ରୟାସରେ ସାମୁଦାୟିକ ସମ୍ପୃକ୍ତିକୁ ଉତ୍ସାହିତ କରିବା ଥିଲା । ଏହି ଅବସରରେ, ସ୍କୁଲ ପରିସରରେ ୧୦୦ଟି ଚାରା ରୋପଣ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ପରିବେଶଗତ କାର୍ଯ୍ୟକଳାପ କରାଯାଇଥିଲା । ଏହି ପଦକ୍ଷେପ ଭବିଷ୍ୟତ ପିଢ଼ି ପାଇଁ ପ୍ରକୃତି ସଂରକ୍ଷଣ ଏବଂ ସବୁଜ ପରିବେଶକୁ ପ୍ରୋତ୍ସାହିତ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ସହିତ ଯୋଡା ଯାଇଥିଲା । ବିଦ୍ୟାଳୟ ସୀମା ବାହାରେ ପରିବେଶ ସଚେତନତା ବିସ୍ତାର କରିବା ପାଇଁ ଏହି କାର୍ଯ୍ୟକ୍ରମର ପ୍ରତିବଦ୍ଧତାର ଅଂଶ ସ୍ୱରୂପ, ଛାତ୍ର ଏବଂ ସ୍ଥାନୀୟ ସମ୍ପ୍ରଦାୟ ସଦସ୍ୟ ଉଭୟଙ୍କୁ ୧୫୦ ଟି ଅତିରିକ୍ତ ଚାରା ବଣ୍ଟନ କରାଯାଇଥିଲା । ଏହି ପ୍ରୟାସର ଉଦ୍ଦେଶ୍ୟ ଥିଲା ସେମାନଙ୍କୁ ଏକ ସ୍ଥାୟୀ ଏବଂ ସବୁଜ ଭବିଷ୍ୟତ ପାଇଁ ଚାଲିଥିବା ଅଭିଯାନରେ ଅଂଶଗ୍ରହଣ କରିବାକୁ ପ୍ରେରଣା ଦେବା । ବିଭିନ୍ନ ସ୍କୁଲ କର୍ମଚାରୀ, ଛାତ୍ର ଏବଂ ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତି ପରିବେଶଗତ ଚ୍ୟାଲେଞ୍ଜର ମୁକାବିଲାରେ ସାମୂହିକ ପ୍ରୟାସର ଗୁରୁତ୍ୱକୁ ଆହୁରି ଗୁରୁତ୍ୱାରୋପ କରିଥିଲା । ସାମଗ୍ରିକ ଭାବରେ, ଭଦ୍ରକ ଜିଲ୍ଲାରେ ୭୬ ତମ ବନ ମହୋତ୍ସବ ସପ୍ତାହ ପାଳନ ସଫଳତାର ସହିତ ବୃକ୍ଷର ଗୁରୁତ୍ୱ, ପରିବେଶଗତ ପରିଚାଳନା ଏବଂ ସାମୁଦାୟିକ ସମ୍ପୃକ୍ତି ଉପରେ ଆଲୋକପାତ କରିଥିଲା, ଯାହା ଅଂଶଗ୍ରହଣକାରୀ ଏବଂ ସ୍ଥାନୀୟ ସମ୍ପ୍ରଦାୟ ଉଭୟଙ୍କ ଉପରେ ଏକ ସ୍ଥାୟୀ ପ୍ରଭାବ ପକାଇଥିଲା ।

# ପାଲେଷ୍ଟାଇନର ଗାଜାଷ୍ଟ୍ରିପ ଉପରେ ଇସ୍ରାଏଲର ବର୍ବର ଆକ୍ରମଣ ବିରୁଦ୍ଧରେ ସିପିଆଇ(ଏମ) ପକ୍ଷରୁ ଭଦ୍ରକରେ ଡିଜିଟାଲ ପ୍ରତିବାଦ ଆନ୍ଦୋଳନ

ଭଦ୍ରକ, ୦୭/୦୭ (ନି.ପ୍ର): ଜର୍ମାନ ଦେଶରୁ ଅନୁପ୍ରବେଶକାରୀ ଭାବେ ପାଲେଷ୍ଟାଇନ ଦେଶରେ ଆସି ପ୍ରାୟ ୫୦ ବର୍ଷରୁ ଉର୍ଦ୍ଧ ବର୍ଷ ଜର୍ମାନ ଦେଶର ପଳାତକ ଗୋଷ୍ଠୀ ଆଶ୍ରୟ ନେଲା ପରେ ପାଲେଷ୍ଟାଇନ ଭୂଖଣ୍ଡ ଉପରେ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଇସ୍ରାଏଲ ଗଠନ କରିଥିଲେ । ବର୍ତ୍ତମାନ ପାଲେଷ୍ଟାଇନ ର ମୂଳ ଅଧିବାସୀ ଗାଜାବାସୀଙ୍କ ଉପରେ ଯୁକ୍ତରାଷ୍ଟ୍ର ଆମେରିକା ମଦତରେ ଇସ୍ରାଏଲ ବର୍ବର ସାମରିକ ଆକ୍ରମଣ କରି ଗାଜାଷ୍ଟ୍ରିପ୍ ର ପ୍ରାୟ ୫୫୦୦୦ ସାଧାରଣ ଜନତା, ଶିଶୁ ମାନଙ୍କୁ ହତ୍ୟା କରିସାରିଲାଣି । ଏପରିକି ବିଭିନ୍ନ ଦେଶରୁ ପାଲେଷ୍ଟାଇନର ଗାଜାଷ୍ଟ୍ରିପକୁ ଯାଉଥିବା ରିଲିଫ ସାମଗ୍ରୀକୁ ଗାଜାବାସୀଙ୍କ ପାଖରେ ଇସ୍ରାଏଲ ପହଞ୍ଚାଇବାକୁ ଦେଉନାହିଁ । ପ୍ରତ୍ୟେକ ଦିନ ପାଲେଷ୍ଟାଇନର ସାଧାରଣ ଜନତା ଭୋକରେ ମରୁଛନ୍ତି । ଏପରିକି ଗାଜାଷ୍ଟ୍ରିପ୍ ଉପରେ ଇସ୍ରାଏଲ ର ଆକ୍ରମଣ ବଂଦ କରିବା ପାଇଁ ଜାତିସଂଘର ସୁପାରିଶ କୁ ଇସ୍ରାଏଲ ମାନୁନାହିଁ । ଏହି ମାନବିକଅଧିକାର କ୍ଷୁର୍ଣ୍ଣ ପ୍ରସଙ୍ଗରେ କିଛି ସମାଜବାଦୀ ଦେଶକୁ ଛାଡିଲା ପରେ ବିଶ୍ୱର ପୁଞ୍ଜିବାଦୀ ଦେଶ ଗୁଡିକ ନିରବ ରହୁଛନ୍ତି । ଏପରିକି ଇସ୍ରାଏଲ ବିରୁଦ୍ଧରେ ଭାରତ ସରକାର ମଧ କୌଣସି ପ୍ରତିବାଦ କରୁନାହିଁ । ଗାଜାଷ୍ଟ୍ରିପ୍ ଉପରେ ଇସ୍ରାଏଲ ର ଏହି ବର୍ବର ଆକ୍ରମଣକୁ ବିରୋଧ କରି ଗାଜାବାସୀଙ୍କ ଦୁଃଖ ପ୍ରତି ସଂହତି ଜଣାଇ ସିପିଆଇ(ଏମ) କେନ୍ଦ୍ର କମିଟି ପକ୍ଷରୁ ସିପିଆଇ(ଏମ) ସାଧାରଣ ସଂପାଦକ ତଥା ପୂର୍ବତନ ରାଜ୍ୟସଭା ସାଂସଦ ଏମ୍ ଏ ବେବି ଏକ ବିଶ୍ୱବ୍ୟାପି ଡିଜିଟାଲ ପ୍ରତିବାଦ ଆନ୍ଦୋଳନ ଡାକରା ଦେଇଥିଲେ । ଜୁଲାଇ,୬ ରୁ ଜୁଲାଇ,୧୩ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ରାତି ୯:୦୦ ଘଟିକା ଠାରୁ ୯:୩୦ ପର୍ଯ୍ୟନ୍ତ ବିଶ୍ୱବାସୀ ସେମାନଙ୍କ ମୋବାଇଲ୍ ଫୋନ୍ ବଂଦ ରଖିବା, ଫେସବୁକ, ହ୍ୱାଟସପ, ଟ୍ୱିଟର, ଇନଷ୍ଟାଗାମ ଆଦି ବଂଦ ରଖିବା ସହ ସମସ୍ତ ଡିଜିଟାଲ ଯନ୍ତ୍ର ବଂଦ ରଖିବାକୁ ବିଶ୍ୱର ବିଭିନ୍ନ ଦେଶର ମୁଖ୍ୟ ମାନଙ୍କ ପାଖକୁ ସିପିଆଇ(ଏମ) ପକ୍ଷରୁ ଚିଠି କରାଯାଇ ଏହି ଆନ୍ଦୋଳନକୁ ଭାରତରେ ସଫଳ କରିବା ପାଇଁ ଭାରତବାସୀଙ୍କୁ ନିବେଦନ କରାଯାଇଥିଲା । ସିପିଆଇ(ଏମ) କେନ୍ଦ୍ର କମିଟି ର ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କୁ ସମର୍ଥନ କରି ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ଏହି ବିଶ୍ୱବ୍ୟାପି ଡିଜିଟାଲ ପ୍ରତିବାଦ ଆନ୍ଦୋଳନରେ ସାମିଲ ହେବାକୁ ଭଦ୍ରକ ଜିଲ୍ଲା ବାସୀଙ୍କୁ ନିବେଦନ କରାଯାଇଥିଲା । ସିପିଆଇ(ଏମ) ଦଳର ଭଦ୍ରକ ଜିଲ୍ଲାର ସମସ୍ତ ଶାଖା ସଂପାଦକଙ୍କ ତଥ୍ୟ ଅନୁଯାୟୀ ପ୍ରାୟ ୫୦୦ ମୋବାଇଲଧାରୀ ଏହି ଆନ୍ଦୋଳନରେ ସାମିଲ ହୋଇ ଅଧଘଣ୍ଟା ଲେଖାଏଁ ସେମାନେ ନିଜ ନିଜର ମୋବାଇଲ୍ ବଂଦ ରଖିଥିଲେ । ଇସ୍ରାଏଲ ଉପରେ ଆନ୍ତର୍ଜାତିକ ଚାପ ପ୍ରୟୋଗ ପାଇଁ ଆସନ୍ତା ଜୁଲାଇ,୧୩ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ରାତି ୯:୦୦ ରୁ ୯:୩୦ ପର୍ଯ୍ୟନ୍ତ ଜିଲ୍ଲାର ଆହୁରି ଅଧିକ ମୋବାଇଲ୍ ଧାରୀ ସେମାନଙ୍କ ମୋବାଇଲ୍ ଫୋନ୍ ବଂଦ ରଖିବାକୁ ସିପିଆଇ(ଏମ) ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲା ସଂପାଦକ ଦିବ୍ୟସିଂହ ନାୟକ, ସିପିଆଇ(ଏମ) ଜିଲ୍ଲା ଡିଜିଟାଲ ୱିଙ୍ଗ ର ସଂଯୋଜକ ବିକାଶ ନାଥ, ଯୁଗ୍ମ ସଂଯୋଜକ ବିଷ୍ଣୁ ଚରଣ ଦାଶ, ଗିରିଧାରୀ ନାଥ, ପ୍ରତାପ ସେଠୀ ପ୍ରମୁଖ ଗଣମାଧମକୁ ସୂଚନା ଦେଇଛନ୍ତି ।

# ସମସ୍ୟାଘେରରେ ସମାଡ଼ପଦର ବିଦ୍ୟାଳୟ

ନୂଆପଡ଼ା, ୦୭/୦୭ (ନି.ପ୍ର): ଶିକ୍ଷା ମଣିଷକୁ ଆଗେଇ.ନେବାରେ ସହଯୋଗ କରିଥାଏ । ତେଣୁ ସରକାର ଶିକ୍ଷାର ବିକାଶ ପାଇଁ ଅନେକ ଯୋଜନା କରୁଛନ୍ତି । ଶିକ୍ଷା ଅଧିକାର ଆଇନ ଅନୁସାରେ ପ୍ରାଥମିକ ଶିକ୍ଷା ପାଇବା ଶିଶୁର ଏକ ମୌଳିକ ଅଧିକାର । କିନ୍ତୁ, ପ୍ରଶାସନିକ ଉଦାସୀନତା ଯୋଗୁଁ ଶିଶୁ ମାନଙ୍କ ନିମନ୍ତେ ରହିଥିବା ବ୍ୟବସ୍ଥା ଭୁଷୁଡି ପଡିଛି । କାରଣ ଶ୍ରେଣୀ ଗୃହର ଅଭାବରେ ପିଲା ମାନେ ଠିକ ଭାବରେ ପଢି ପାରୁ ନାହାନ୍ତି । ଗାଁରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ଛାତ୍ରଛାତ୍ରୀ ଠିକ ଭାବରେ ଶିକ୍ଷା ପାଇପାରୁ ନାହାନ୍ତି । ଖଡ଼ିଆଳ ବ୍ଲକ ରାନିମୁଣ୍ଡା ଗ୍ରାମପଂଚାୟତର ସମାଡ଼ପଦର ଗାଁ । ଜଙ୍ଗଲ ଭିତରେ ଥିବା ଏହି ଗାଁ ସ୍କୁଲରେ ପାଂଚଟି କୋଠରୀ ଥିବା ବେଳେ ଚାରିଟି କୋଠରୀର ଛାତ ଜରାଜୀର୍ଣ ହେବା ସହ ପାଣି ଝରୁଛି । ସେଥିପାଇଁ ବର୍ଷା ଦିନରେ ଗୋଟିଏ କୋଠରୀରେ ସବୁ ଛାତ୍ରଛାତ୍ରୀ ପାଠ ପଢ଼ନ୍ତି । ଅନ୍ୟ ଦିନ ଦୁଇଟି କୋଠରୀ ଓ ବାରଣ୍ଡାରେ ପାଠ ପଢ଼ାଯାଏ । ଏଥିରୁ ଅନୁମାନ କରାଯାଏ, ଏଠାରେ କେମିତି ଚାଲିଛି ଶିକ୍ଷାଦାନ । ଖାଲି ଶ୍ରେଣୀଗୃହ ନୁହଁ, ବିଦ୍ୟାଳୟରେ ପାଣି ସମସ୍ୟା ରହିଥିବା ବେଳେ ପାଚେରୀ ନଥିବାରୁ ଅସୁବିଧା ହେଉଛି । କାରଣ ସମାଡ଼ପଦର ଗାଁ ଏକ ଜଙ୍ଗଲ ଭିତରଗାଁ, ଏହି ଗାଁରେ ହିଂସ୍ରଜନ୍ତୁଙ୍କ ଭୟ ରହିଥାଏ ।

# ପାଟଣା ପ୍ରେସ କ୍ଲବ୍ ପକ୍ଷରୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

କେନ୍ଦୁଝର, ୦୭/୦୭ (ନି.ପ୍ର): ସାରା ବିଶ୍ୱରେ ଜଙ୍ଗଲ ଦ୍ରୁତ ଅବକ୍ଷୟ ସହିତ କଳ କାରଖାନା, ଗାଡ଼ି, ମୋଟର ର ଧୂଳି ଓ ଧୂଆଁ ଯୋଗୁ ପରିବେଶ ପ୍ରଦୂଷିତ ପ୍ରକୃତି ଶନ୍ତୁଳ ହରାଉଛି । ଯଦ୍ୱାରାକି ପ୍ରାକୃତିକ ବିପର୍ଯ୍ୟୟ ଘଟି ବହୁ ଧନଜୀବନ ନଷ୍ଟ ହେଉଛି । ପାଟଣା ବନବିଭାଗ ଜୁଲାଇ ୧ ତାରିଖ ରୁ ୭ତାରିଖ ପର୍ଯ୍ୟନ୍ତ ବନ ମହୋତ୍ସବ ପାଳନ କରୁଥିବା ଅବସରରେ ରବିବାର ଦିନ ପାଟଣା ବନାଞ୍ଚଳ ଅଧିନସ୍ଥ ଅବସରରେ ପାଟଣା ପ୍ରେସ କ୍ଲବ୍ ତରଫରୁ ପାଟଣା ତହସିଲ କାର୍ଯ୍ୟାଳୟ ପରିସରରେ ଓ ପ୍ରେସ କ୍ଲବ୍ ପ୍ରାଙ୍ଗଣରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରେସ କ୍ଲବ ସଭାପତି କିଶୋର ଚନ୍ଦ୍ର ମହାନ୍ତ ଓ ସମ୍ପାଦକ ବିଜୟରନ୍ ପତି, ଉପଦେଷ୍ଟା ନୃସିଂହ ନାଥ ସିଂହ, ଅଭିମନ୍ୟୁ ରାଉତ,ବିଜୟ କୁମାର ମହାନ୍ତ, ପ୍ରମୁଖଙ୍କ ଉପସ୍ଥିତ ରେ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଏବଂ ତହସିଲଦାର ଅଶ୍ୱିନୀ କୁମାର ନାଏକ,ପାଟଣା ଥାନାଧିକାରୀ ମାନସ କୁମାର ମହାକୁଳ ,ପାଟଣା ବନାଞ୍ଚଳ ଅଧିକାରୀ ବନ ବିହାରୀ ସର୍ଦ୍ଦାର, ବନପାଳ ନିରଞ୍ଜନ ସେଠୀ,ପାଟଣା ବ୍ଲକ ଅଧକ୍ଷା ବୀଣାପାଣି ନାଏକ ଓ ସ୍ଥାନୀୟ ସରପଞ୍ଚ ବିନତି ବାନରା ସଂମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଥିଲେ । ପାଟଣା ପ୍ରେସ କ୍ଲବ୍ ର ସମସ୍ତ ସାମ୍ବାଦିକ ମାନେ ଯୋଗ ଦେଇ ସହଯୋଗ କରିଥିଲେ ।

# ବାଲିଆପାଳ ସରସ୍ୱତୀ ଶିଶୁ ମନ୍ଦିରରେ କମ୍ପ୍ୟୁଟର ଲ୍ୟାବ ଉଦ୍‌ଘାଟନ

ବାଲିଆପାଳ ୦୭/୦୭(ଆପ୍ର): ଦିନକୁ ଦିନ କମ୍ପ୍ୟୁଟର ଶିକ୍ଷାର ଆବଶ୍ୟକତା ବଢ଼ିବାରେ ଲାଗିଛି । ପ୍ରତ୍ୟେକ ଚାକିରୀ କ୍ଷେତ୍ରରେ କମ୍ପ୍ୟୁଟର ଚଳାଇବା ଦକ୍ଷତା ନିତ୍ୟାନ୍ତ ଆବଶ୍ୟକ ମଧ ହୋଇପଡିଛି । ତେଣୁ ପ୍ରାଥମିକ ସ୍ତରରୁ ପିଲାଙ୍କୁ କମ୍ପ୍ୟୁଟର ଶିକ୍ଷା ପ୍ରଦାନ ଉପରେ ଅଧିକାଂଶ ଶିକ୍ଷନୁଷ୍ଠାନ ଏବେ ଗୁରୁତ୍ୱ ଦେଉଛନ୍ତି । ଆଜି ବାଲିଆପାଳ ହନୁମାନ ମନ୍ଦିର ନିକଟସ୍ଥ ସରସ୍ୱତୀ ଶିଶୁ ମନ୍ଦିର ପରିସର ରେ ଏକ କମ୍ପ୍ୟୁଟର ଲ୍ୟାବ ଉଦ୍ଘାଟନ ହୋଇଯାଇଛି ।



ସରସ୍ୱତୀ ଶିଶୁ ମନ୍ଦିର ର ସମ୍ପାଦକ ଡ଼ଃ ଦେବବ୍ରତ ଦଣ୍ଡପାଟ, ସଭାପତି ଶ୍ରୀଯୁକ୍ତ ପଞ୍ଚାନନ ପଣ୍ଡା, ବିଦ୍ୟାଳୟ ର ପ୍ରଧାନ ଆଚାର୍ଯ୍ୟା ଶ୍ରୀମତୀ ସନ୍ଧ୍ୟାରାଣୀ ଜେନାଙ୍କ ସହ ମୁଖ୍ୟ ଅତିଥି ଭାବେ ଶ୍ରୀଯୁକ୍ତ ଜଗନ୍ନାଥ ବାରିକ ଓ ଶ୍ରୀମତୀ କଳ୍ପନା ନାୟକ ଯୋଗ ଦେଇ ପିଲାଙ୍କୁ କମ୍ପ୍ୟୁଟର ଶିକ୍ଷା ବିଷୟରେ ଦିଗଦର୍ଶନ ଦେଇଥିଲେ । ଉଦ୍ଘାଟନି ଉତ୍ସବରେ ବିଦ୍ୟାଳୟ ର ସମସ୍ତ ଗୁରୁଜୀ ଗୁରୁମା, ସମସ୍ତ ସଦସ୍ୟ ଓ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ ।

# ବାହୁଡ଼ା ଯାତ୍ରାରେ ନିମ୍ବଚାରା ରୋପଣ ଉପରେ ସଚେତନତା କାର୍ଯ୍ୟକ୍ରମ




ବାରିପଦା, ୦୭/୭ (ନି.ପ୍ର): ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଶ୍ରୀ ଜୀଉଙ୍କ ବାହୁଡ଼ା ଯାତ୍ରାରେ ଗ୍ଲୋବାଲ ନିମ ପ୍ଲାଣ୍ଟେସନ ଆନୁକୂଲ୍ୟରେ ଏକ ନିମ୍ବଚାରା ରୋପଣ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ଏହି ଅବସରରେ ସଂସ୍ଥାର ସଦସ୍ୟ ଓ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରମାନଙ୍କୁ ନେଇ ଏକ ଶୋଭାଯାତ୍ରା ଅମ୍ବିକା ମନ୍ଦିର ନିକଟରୁ ବାହାରି ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଯାଇ ଫେରିଆସିଥିଲା ଓ ଏହି ରେଲିକୁ ମାନ୍ୟବର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବା ସହ କିଛି ବାଟ ପର୍ଯ୍ୟନ୍ତ ରେଲିରେ ଯୋଗ ଦେଇ ଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ କାନ୍ଦରା ସୋରେନ ଯୋଗ ଦେଇ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ ଓ ଛାତ୍ରମାନଙ୍କ ସହିତ ସଦସ୍ୟମାନେ ନିମ୍ବଗଛର ଉପକାରିତା ଉପରେ ବିଭିନ୍ନ ସ୍ଲୋଗାନ ଦେଇ ବଡଦାଣ୍ଡରେ ଥିବା ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଓ ଏହି ରେଲିରେ ସଂସ୍ଥାର ପ୍ରତିଷ୍ଠାତା ବିଦ୍ୟାଧର ସାହୁ, ବରିଷ୍ଠ ସଦସ୍ୟ ଅଜିତ କବାଟ, ପ୍ରିତମ ସିଂହ, ଶିକ୍ଷକ ସୋମନାଥ ସିଂହ, ସମାଜସେବୀ ଡଃ ନିରୋଜ କୁମାର ପୋଥାଳ, ସଦସ୍ୟ ମାନସ ବାଗ, ଅମର ବେହେରା, ନିର୍ମଳ ଗିରି, ବୀରକିଶୋର କୁଅଁର, ଭାସ୍ୱତୀ ପଣ୍ଡା, ବିଜୟଲକ୍ଷ୍ମୀ ନାୟକ, ସୁମିତ୍ରା କୁଅଁରବାବୁ, ରାଜଲକ୍ଷ୍ମୀ ମିଶ୍ର, ସୌଦାମିନୀ ସାହୁ, ପୂର୍ଣ୍ଣଚନ୍ଦ୍ର ଦାସ, ଅରବିନ୍ଦ ମୁଖି ଙ୍କ ସମେତ ପୂର୍ଣ୍ଣଚନ୍ଦ୍ରପୁର ସ୍କୁଲର ପ୍ରଧାନ ଶିକ୍ଷକ ସୌମ୍ୟ ଦାଶ, ୱାର୍ଡେନ ସରୋଜ କୁମାର ସାବତ ତଥା ବାଲେଶ୍ୱରରୁ ଅତିଥି ଭାବେ ଯୋଗ ଦେଇଥିବା ରାଜେନ୍ଦ୍ର କୁମାର ରାଉତ ଓ ରଂଜିତା ରାଉତ ଯୋଗ ଦେଇଥିଲେ ।

# କୃଷ୍ଣଚନ୍ଦ୍ରପୁର ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ ପାଳିତ

ବେତନଟୀ ୭/୭(ନି.ପ୍ର) : ବେତନଟୀ ଥାନା ଅଧୀନ କୃଷ୍ଣଚନ୍ଦ୍ରପୁର ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଅଧକ୍ଷା ଡ଼ଃ ମନ୍ଦାକିନୀ ସାହୁଙ୍କ ଅଧକ୍ଷତା ଏବଂ ଯୁବ ରେଡ଼କ୍ରସ ସହାୟତା ରେ ଉଚ୍ଚ ବିଦ୍ୟାଳୟ ପରିସରରେ ୭୬ ତମ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି ଓ ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ଫୁଲ, ଫଳ ତଥା ପରିବେଶ ଉପାଦେୟ ବୃକ୍ଷମାନ ରୋପଣ କରାଯାଇଛି ଓ ଏହି କାର୍ଯ୍ୟକ୍ରମରେ ଯୁବ ରେଡ଼କ୍ରସ କାଉଁସିଲର ପଦାର୍ଥ




ବିଜ୍ଞାନର ଅଧାପକ ଭବେନ୍ଦ୍ର କୁମାର ଦେ, ଇଂରାଜୀ ଅଧାପକ ସେଖାବତ ଅଲ୍ଲୀ ତଥା ବିଦ୍ୟାଳୟର ଅନ୍ୟ ଅଧାପକ, କର୍ମଚାରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ଓ ଏଥିରେ ଅଧକ୍ଷା ଛାତ୍ରଛାତ୍ରୀ ମାନଙ୍କୁ ବୃକ୍ଷର ଉପକାରିତା ଓ ଆବଶ୍ୟକତା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ ଏଥିସହ ' ପ୍ଲାଣ୍ଟ ଏ ଟ୍ରି, ଗ୍ରୋ ଏ ଲାଇଫ / ପ୍ଲାଣ୍ଟ ଏ ଟ୍ରି, ସେଭ ଆର୍ଥ ସ୍ଲୋଗାନ ଦେଇଥିଲେ ।

# ଉଦଳାରେ ନୂତନ ପେନସନଭୁକ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସଂଘର ସମ୍ବର୍ଦ୍ଧନା ପର୍ବ

ଉଦଳା , ୦୭/୭ (ନି.ପ୍ର): ବିଗତ ୨୦୨୪ ଜୁନ ରୁ ୨୦୨୫ ମଧ୍ୟରେ ଅବସର ଗ୍ରହଣ କରିଥିବା ସମସ୍ତ ବର୍ଗର ଶିକ୍ଷକ ଶିକ୍ଷୟିତ୍ରିଙ୍କୁ ସ୍ଥାନୀୟ ସନ୍ଧାନଗୃହ ପରିସରରେ ଚଳିତ ଜୁଲାଇ ୬ ତାରିଖ ରବିବାର ଦିନ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଏନ୍.ପି.ଏସ୍., ଏକ୍ସକ୍ୟାଡ଼ର ଟିଚର ଆସୋସିଏସନ, ଏମ୍.ଏଲ.ଇ. ଆସୋସିଏସନ ପ୍ରଭୃତି ସମସ୍ତ ବର୍ଗର ଶିକ୍ଷକ ଶିକ୍ଷୟିତ୍ରି ମାନେ ଏକାଠି ହୋଇ ଶିକ୍ଷକ ସଂଘକୁ ସୁଦୃଢ଼ କରିବାକୁ ହେଲେ ଆମକୁ କିପ୍ରକାର ରଣନୀତି ଆପଣେଇବାକୁ ପଡ଼ିବ ସେ ବିଷୟରେ ନିଜ ନିଜର ମତ ଉପସ୍ଥାପନ କରିଥିଲେ ।



ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସମ୍ବର୍ଦ୍ଧନା ପର୍ବକୁ ଉଦ୍‌ଘାଟନ କରିବା ସହ ଶିକ୍ଷକ ସଂଘର ଗୃହ ନିର୍ମାଣ ପାଇଁ ୧୦ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଥିଲେ । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ସବୁ ଜୁଗରେ ଗୁରୁଙ୍କୁ କିପରି ଉଚ୍ଚ ଆସନ ଦିଆଯାଇଛି ବିସ୍ତୃତ ବର୍ଣ୍ଣନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୀନତି ମଂଜରି ପଣ୍ଡା, ସମନ୍ୱିତ ସଂଘର ସଭାପତି ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟ, ଜିଲ୍ଲା ସଂଘର ସଭାପତି ହରେକୃଷ୍ଣ ବାରିକ ପ୍ରମୁଖ ବଂଚାସୀନ ଅତିଥି ଭାବରେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ସଂଘର ଉଦଳା ସଭାପତି ବିରେନ୍ଦ୍ର ନାଥ ମଢ଼େଇ ମଂଚ ପରିଚାଳନା ଦାୟିତ୍ୱ ତୁଲାଇଥିବା ବେଳେ ସଂପାଦକ ଲାଲ ମୋହନ ମାର୍ଣ୍ଡି ବିବରଣି ପାଠ କରିଥିଲେ । ଏହାପରେ ଅବସର ଗ୍ରହଣ କରିଥିବା ୪୧ ଜଣ ଶିକ୍ଷକ ଶିକ୍ଷୟିତ୍ରିଙ୍କୁ ମାନପତ୍ର, ଉତରୀୟ, ପୁଷ୍ପଗୁଚ୍ଛ ସହିତ ଗୋଟିଏ ଗୋଟିଏ ଚାରା ଗଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଆଦ୍ୟାସା ଦାସ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଦୈତାରି ବିନ୍ଧାଣି କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ମୀନାକ୍ଷି ମିଶ୍ର, ଅସୀମା ଅରୁନ୍ଧତି, ବୈଶାଖୀ ସାହୁ, ପ୍ରଜ୍ଞାପାରମିତା ଦାସବାବୁ, ଅଜୟ ପଣ୍ଡା, ଶାନ୍ତନୁ ଦାସ, ଆଲୋକ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ ।

## ସିଭିଲ୍ ସୋସାଇଟି ପକ୍ଷରୁ ପ୍ରସ୍ତାବିତ ଗଣଧାରଣା ସ୍ଥଗିତ

ବାଲେଶ୍ୱର , ୦୭/୭ (ନି.ପ୍ର): ପ୍ରତିକୂଳ ପାଣିପାଗ ଓ ବାଲେଶ୍ୱର ଜିଲ୍ଲାରେ ବନ୍ୟାର ଆଶଙ୍କାକୁ ବିଚାରକୁ ନେଇ ଆସନ୍ତାକାଲି ଆଠ ତାରିଖ ମଙ୍ଗଳବାର ଦିନ ଗଣଧାରଣାକୁ ସ୍ଥଗିତ ରଖିବାକୁ ସିଭିଲ ସୋସାଇଟିର ଜରୁରୀ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧକ୍ଷତାରେ ସୋମବାର ଦିନ ସଂଧାରେ ଅନୁଷ୍ଠିତ ଏହି ନିଷ୍ପତ୍ତିକୁ ସୋସାଇଟିର ସମସ୍ତ ସଦସ୍ୟ ଓ ଜନସାଧାରଣ ସହୃଦୟତାର ସହ ଗ୍ରହଣ କରିବାକୁ ଓ ଜିଲ୍ଲାର ସ୍ୱାସ୍ଥ୍ୟ ସମସ୍ୟା ସମାଧାନ ପାଇଁ ଆଗାମୀ ଆନ୍ଦୋଳନରେ ସହଯୋଗ ପାଇଁ ବୈଠକରେ ନିବେଦନ କରାଯାଇଛି । ଏହି ବୈଠକରେ ସୋସାଇଟିର ସଂପାଦକ ତଥା ଆଇନଜୀବି ମନୋଜ ନାୟକ, ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ସାହୁଙ୍କ ସମେତ ଅରୁଣ ଜେନା, ଜତିନ୍ ପାତ୍ର, ଶ୍ୟାମ ସୁନ୍ଦର ଜେନା, ପୂର୍ଣ୍ଣଚନ୍ଦ୍ର ପାତ୍ର ଓ ଭରତ ଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସୁରୁଖୁରରେ ସରିଲା ଶ୍ରୀଗୁଣ୍ଡିଚା ଯାତ୍ରା: ଲକ୍ଷାଧିକଭକ୍ତଙ୍କ ମେଳରେ ବାହୁଡିଲେ ମହାବାହୁ

ନୀଳଗିରି, ୦୭/୭ (ନି.ପ୍ର):, ୦୭/୭ (ନି.ପ୍ର): ଚଳିତବର୍ଷର ଶ୍ରୀଗୁଣ୍ଡିଚା ଯାତ୍ରା ସମ୍ପନ୍ନ ହୋଇଛି। ଅପରାହ୍ନ ପ୍ରାୟ ୩.୩୦ମିନିଟ ସମୟରେ ରଥାରୁଢ଼ ଚତୁର୍ଦ୍ଧାମୂର୍ତ୍ତୀଙ୍କ ରଥକୁ ଶଙ୍କରାଖୁଣ୍ଟା ନିକଟରୁ ହଜାର ହଜାର ଭକ୍ତଙ୍କ ସମାଗମରେ ହରିବୋଲ, ଘଣ୍ଟ ଘଣ୍ଟା, ତୂରୀଭେରୀରେ ରଥକୁ ଶ୍ରୀମନ୍ଦିର ସମ୍ମୁଖକୁ ଟାଣି ନିଆଯାଇଥିଲା। ନବଦିନାତ୍ମକ ଏହି ଯାତ୍ରାରେ ମହାପ୍ରଭୁ ଶ୍ରୀମନ୍ଦିର ପରିତ୍ୟାଗ କରି ଭକ୍ତଙ୍କୁ ଦର୍ଶନ ଦେବାପାଇଁ ବଡଦାଣ୍ଡକୁ ଓହ୍ଲାଇ ଆସିଥାନ୍ତି। ନଅଦିନ ପାଇଁ ଶ୍ରୀମନ୍ଦିରକୁ ଶ୍ରୀହୀନ କରି ଜନ୍ମବେଦିକୁ ଲୀଳାଖେଳା କରିବାକୁ ଯାଇଥିବା ବେଳେ ବାହୁଡ଼ାଯାତ୍ରାରେ ବାହୁଡ଼ି ଆସନ୍ତି। ମହାବାହୁଙ୍କ ଏହି ମାନବୀୟ ଲୀଳାର ଅନ୍ତିମ ପର୍ଯ୍ୟାୟରେ ନୀଳଗିରି ବଡଦାଣ୍ଡ ଲୋକାରଣ୍ୟ ହୋଇପଡ଼ିଥିଲା। ସନ୍ଧ୍ୟାରେ



ଲକ୍ଷ୍ମୀନାରାୟଣ ଭେଟ ପରେ ବନ୍ଦାପନା, ଅଧରପଣା ନୀତି ସମାପନ ସହିତ ଶ୍ରୀମନ୍ଦିରରୁ ଆଜ୍ଞାମାଳ ଆସିବାପରେ ଗରୁଡ଼ଶାସନ ନୀତି, ଦକ୍ଷିଣାୟନ ବନ୍ଦାପନା ସମାପନ ପରେ ମହାପ୍ରଭୁଙ୍କ ନୀଳାଦ୍ରିବିଜେ ନୀତି କରାଯାଇଥିଲା। ମାତ୍ର ବାଟରେ ମହାଲକ୍ଷ୍ମୀଙ୍କ ମାନଭଞ୍ଜନ କରାଯାଇ ରସଗୋଲା ଭୋଗ ଲାଗି ପରେ ଶ୍ରୀ ବିଗ୍ରହଙ୍କୁ ରତ୍ନସିଂହାସନ ବିଜେ କରାଯାଇଥିଲା।ଏହି ଅନ୍ତିମ ଦିବସରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାଜପ୍ରସାଦ, ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ଚିତ୍ତରଞ୍ଜନ ଷଡ଼ଙ୍ଗୀ, ଉପଜିଲ୍ଲାପାଳ ଡ଼ଃ ମଧୁସ୍ମିତା ସାମନ୍ତରାୟ, ବିଡ଼ିଓ ବିକ୍ରମ କେଶରୀ ପରିଡ଼ା,ତହସିଲଦାର ସୋନମ୍ ଦାସ, ଏନଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରମୋଦ ମଲ୍ଲିକ, ଆଇଆଇସି ଗୋବର୍ଦ୍ଧନ ନାୟକ ଉପସ୍ଥିତ ରହି ରଥ ପରିଚାଳନାରେ ସହଯୋଗ କରିଥିଲେ। ସ୍ଥାନୀୟ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ରଥର ଦିଗ ନିର୍ଣ୍ଣୟର ଭାର ସମ୍ଭାଳିଥିବା ବେଳେ ବିଡ଼ିଓ ବିକ୍ରମ କେଶରୀ ପରିଡ଼ା ଧ୍ୱଜାଧରି ମଜିଷ୍ଟ୍ରେଟ ଦାୟିତ୍ୱ ସମ୍ଭାଳିଥିଲେ। ଅଧାପକ ପ୍ରଦୀପ୍ତ ମିଶ୍ର ଧାରା ବିବରଣୀ ପ୍ରଦାନ କରିଥିଲେ। ବଡଦାଣ୍ଡ ସମେତ ମୁଖ୍ୟରାସ୍ତା ଗୁଡିକରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ ରହି ସୁରକ୍ଷା ବ୍ୟବସ୍ଥାକୁ ସମ୍ଭାଳିଥିଲେ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକାରୀଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ

ଭଦ୍ରକ , ୦୭/୭ (ନି.ପ୍ର): ଭଦ୍ରକ ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ଗୃହ ଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକାରୀଙ୍କ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲାପାଳ ଶ୍ରୀ ଦିଲିପ ରାଉତରାଏ ଙ୍କ ସହିତ ଆରକ୍ଷୀ ଅଧିକାରୀ ଶ୍ରୀ ମନୋଜ ରାଉତ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରବି ନାରାୟଣ ସାହୁ, ମୂଖ୍ୟ ଚିକିତ୍ସା ଅଧିକାରୀ ଡ ସୁଧିରଞ୍ଜନ ନାୟକ, ଉପ ଜିଲ୍ଲାପାଳ ଶ୍ରୀ ସୌରଭ ଚକ୍ରେଭର୍ତ୍ତି,ଡେପୁଟି କଲେକ୍ଟର ଶ୍ରୀ ଜ୍ଞାନ ରଂଜନ ସାହୁ , ଗୋଷ୍ଠି ଉନ୍ନୟନ ଅଧିକାରୀ ଶ୍ରୀ ରଶ୍ମି ରଂଜନ ମଲ୍ଲିକ ତହସିଲଦାର, ଅନ୍ୟ ବିଭାଗର ଅଧିକାରୀ ମାନେ ଯୋଗଦେଇଥିଲେ। ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଦାଖଲ ହୋଇଥିବା ଅଭିଯୋଗ ପତ୍ରକୁ ସମାଧାନ ପାଇଁ ପଦକ୍ଷେପ ନେଇଥିଲେ। ଆଜିର ଜନଶୁଣାଣୀ ଶିବିରରେ ମୋଟ ୧୬୨ ଆବେଦନ ପତ୍ର ଦାଖଲ ହୋଇଥିଲା। ସେଥିରୁ ୧୩୩ ଟି ବ୍ୟକ୍ତିଗତ ଥିଲାବେଳେ , ୧୮ଟି ସାମୁହିକ ଥିଲା। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ରୁ ୨ ଜଣଙ୍କୁ ୨୦୦୦୦ ଟଙ୍କା ଓ ରେଡକ୍ରସ ରୁ ୯ ଜଣଙ୍କୁ ୫୦୦୦୦ ଟଙ୍କା ମୋଟ ୭୦୦୦୦ଟଙ୍କା ପ୍ରଦାନ କରାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ରଥାରୁଢ଼ ଶ୍ରୀଜିଉଙ୍କୁ ...

ଘୋଷଯାତ୍ରାର ୧୨ ଦିନର ଏହି ଲୀଳାଖେଳ ଶେଷ ପରେ ଶ୍ରୀଜିଉମାନେ ମଙ୍ଗଳବାର ସନ୍ଧ୍ୟାରେ ନୀଳାଦ୍ରି ବିଜେ କରିବେ। ରଥାରୂଢ଼ ଚତୁର୍ଦ୍ଧା ବିଗ୍ରହ ରଥ ଉପରୁ ପୁଣି ଗୋଟି ପହଣ୍ଡିରେ ଶ୍ରୀମନ୍ଦିର ରତ୍ନ ସିଂହାସନକୁ ବିଜେ କରିବେ। ଏତେ ଦିନ ଧରି ମାନ କରି ରହିଥିବା ମା' ଲକ୍ଷ୍ମୀ ସାଆନ୍ତାଣୀଙ୍କୁ ରସଗୋଲା ଦେଇ ମାନଭଞ୍ଜନ କରିବେ ବ୍ରହ୍ମାଣ୍ଡଠାକୁର। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଆଜି ରାତିରେ ଅଧରପଣା ନୀତି ଶେଷ ପରେ ଆସନ୍ତାକାଲିର ନୀତି ଆରମ୍ଭ ହେବ। ଶ୍ରୀମନ୍ଦିର ପ୍ରଶାସନ ଏଥିପାଇଁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରିଛି। ମହାପ୍ରଭୁଙ୍କ ଅଧର ସ୍ପର୍ଶ ପଣା ହାଣ୍ଡି ଭୋଗ ହେବା ପରେ ଭଙ୍ଗାଯିବାର ପରମ୍ପରା ଅନନ୍ୟ। ଜନଶ୍ରୁତି ଅନୁଯାୟୀ ରଥ ଉପରେ ଠାକୁରମାନଙ୍କ ଉଦ୍ଦେଶ୍ୟରେ ଅଧରପଣା ଭୋଗ ହୋଇ ରଥର ପାର୍ଶ୍ୱ ଦେବଦେବୀ ଓ ଅନ୍ୟ ଚଣ୍ଡୀ ଚାମୁଣ୍ଡାଙ୍କ ପାଇଁ ଅଧର ହାଣ୍ଡି ଭଙ୍ଗା ଯାଇଥାଏ। ଡ. ସୁରେନ୍ଦ୍ର ମିଶ୍ରଙ୍କ ମତାନୁଯାୟୀ ଅଶରୀରୀ ତଥା ପତିତମାନଙ୍କ ଉଦ୍ଧାର ଉଦ୍ଦେଶ୍ୟରେ ଏହି ଅଧର ହାଣ୍ଡି ଭଙ୍ଗା ପରମ୍ପରା ପ୍ରଚଳିତ। ସେମାନଙ୍କ ପାଇଁ ସମର୍ପଣର ପ୍ରଥା ନାହିଁ। ତେଣୁ ପଣା ସେମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଏ। ଯଦିଓ ବହୁ ଭକ୍ତ ମହାପ୍ରଭୁଙ୍କ ଅଧର ଛୁଇଁଥିବା ଏହି ପଣାକୁ ପ୍ରସାଦ ରୂପେ ପାଇଥାଆନ୍ତି, କିନ୍ତୁ ଅନେକ ସେବକ ତଥା ସ୍ଥାନୀୟ ଜନସାଧାରଣ ଅଧର ପଣା ସେବନ କରନ୍ତି ନାହିଁ।

### ପ୍ରକାଶ ପାଇଲା ଯୁକ୍ତ ଦୁଇ ...

ପ୍ରଥମ ପର୍ଯ୍ୟାୟରେ ମନୋନୀତ ଛାତ୍ରଛାତ୍ରୀମାନେ ନାଁ ଲେଖାଇପାରିବ। ଦୁଇଟି ପର୍ଯ୍ୟାୟ ନାମଲେଖା ପରେ ଖୁବ୍ ଶୀଘ୍ର ପାଠପଢ଼ା ଆରମ୍ଭ କରିବାକୁ ପୂର୍ବରୁ ବିଭାଗ ନିଷ୍ପତି ନେଇଥିଲା। ସେଇ ଆଧାରରେ ଜୁଲାଇ ୨୪ରୁ ହେବ ପାଠ ପଢା। ଯୁକ୍ତ ୩ରୁ ଯୁକ୍ତ୨ କ୍ୟାମ୍ପସ ଅଲଗା ହେବା ନେଇ ଏବେ ବି ନିଷ୍ପତି ହୋଇପାରିନାହିଁ। ଗଣଶିକ୍ଷା ବିଭାଗ ଉଚ୍ଚଶିକ୍ଷା ବିଭାଗ ସହ କଥା ହୋଇ କ୍ୟାମ୍ପସ ଅଲଗା କରିବା ପାଇଁ ବ୍ୟବସ୍ଥା ଜାରି ରଖିଛି। ଶୀଘ୍ର ସମାଧାନ କରି ପଦକ୍ଷେପ ନିଆଯିବ ବୋଲି ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି।

### ପୁଣି ବିଜେପିର ମଙ୍ଗୁଆଳ...

ଶେଷରେ ସମସ୍ତଙ୍କ ଉପସ୍ଥିତିରେ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିଲେ ମନମୋହନ । ରାଷ୍ଟ୍ରୀୟ ପରିଷଦ ସଦସ୍ୟ ପାଇଁ ୩୨ଜଣ ନାମାଙ୍କନ କରିଛନ୍ତି । କାଲି ୧୦ଟାରୁ ୧୧ଟା ମଧ୍ୟରେ ନାମାଙ୍କନ ପତ୍ର ଯାଞ୍ଚ କରାଯିବ । ତା'ପରେ ଆସନ୍ତାକାଲି ବିଧିବଦ୍ଧ ଭାବେ ସଭାପତିଙ୍କ ନାଁ ଘୋଷଣା ହେବ । ମନମୋହନଙ୍କ ଉପରେ ଦଳ ପୁଣି ଥରେ ଭରସା କରିବା ପଛରେ ଅନେକ କାରଣ ରହିଥିବା କୁହାଯାଉଛି । ବିଶେଷକରି ମନମୋହନ ୨୦୨୪ ନିର୍ବାଚନରେ ଦଳର ଉତ୍ତମ ପ୍ରଦର୍ଶନ । ନୂଆ ଓ ପୁରୁଣା ନେତାଙ୍କ ନେଇ ଆଗକୁ ବଢ଼ିବାର କୌଶଳ । ରାଜ୍ୟ ସଭାପତି ଭାବେ ମନମୋହନଙ୍କ ୮ବର୍ଷର ଅଭିଜ୍ଞତା ।ତୃଣମୂଳସ୍ତରର ଟାଣୁଆ ଓ ଦକ୍ଷ ସଂଗଠକ ହୋଇଥିବାରୁ ତାଙ୍କ ନେତୃତ୍ୱରେ ଓଡ଼ିଶାରେ ବିଜେପି ଆହୁରି ଆଗକୁ ବଢ଼ିବ ଆଶା ରଖିଛି ଦଳ । ତେବେ ପଞ୍ଚାୟତ ନିର୍ବାଚନରେ ଭଲ ପ୍ରଦର୍ଶନ କରିବା । ଦଳର ସବୁ ନେତାଙ୍କୁ ସନ୍ତୁଷ୍ଟ କରି ରଖିବା । ବିଭିନ୍ନ ନିଗମ ଓ ଆୟୋଗର ଅଧ୍ୟକ୍ଷ ଚୟନ କରିବା । ମନମୋହନଙ୍କ ପାଇଁ ଚ୍ୟାଲେଞ୍ଜ ହେବ ।

### ସରିଲା ଶ୍ରୀମନ୍ଦିର ...

ମୁଖ୍ୟ ପ୍ରଶାସକ ଆହୁରି କହିଛନ୍ତି, ପ୍ରାୟ ୩୩୩ ଘଣ୍ଟା କାମ ହୋଇଛି। ଭିତରେ ୯ଟି ବକ୍ସ ବିମ୍ ଓ ବାହାରେ ୬ଟି ବକ୍ସ ବିମ୍ ଲାଗିଛି। ୫୨୦ଟି ପଥର ବଦଳାଯାଇଛି। ଭିତର କବାଟ ମରାମତି ହୋଇଛି। ବାହାର ଗେଟକୁ ଷ୍ଟେନଲେସ୍ ଷ୍ଟିଲ୍ କରାଯାଇଛି। ଗେଟ୍ ସିଲ୍ କରାଯାଇ ୬ ଚାବି ପକାଯାଇଛି। ଭିତରେ ଯେଉଁ ଗେଟ୍ ଅଛି ତାହା ଠିକ୍ ଅଛି। ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଶେଷ ପରେ ଏଏସଆଇ ଶ୍ରୀମନ୍ଦିର ପ୍ରଶାସନକୁ ଚାବି ହସ୍ତାନ୍ତର କରିଛି। ଚାବି ଗୁଡ଼ିକ ଭଣ୍ଡାର ମେକାପ, ଗଜପତିଙ୍କ ପ୍ରତିନିଧି, ଭଣ୍ଡାର ମେକାପଙ୍କ ପାଖରେ ରଖାଯାଇଛି। ପ୍ରାୟ ଦୁଇ ଶହ କିମ୍ବା ତିନି ଶହ ବର୍ଷ ପାଇଁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ କରାଯାଇଛି। ରତ୍ନଭଣ୍ଡାରର ଅଳଙ୍କାର ଗୁଡ଼ିକ ମୂଳ ଭଣ୍ଡାରକୁ ଆଣିବା ପାଇଁ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନିଆଯିବ ତଥା ଗଣତି ହେବ ବୋଲି ସୂଚନା ଦେଇଛନ୍ତି ମୁଖ୍ୟ ପ୍ରଶାସକ।

### ଲାଞ୍ଚ ନେଇ ଭିଜିଲାନ୍ସ ...

୫୪,୦୦୦ ଟଙ୍କା ପ୍ରଦାନ କରିବାକୁ ଅନୁରୋଧ କରିଆସୁଥିଲେ। କିନ୍ତୁ ଡକ୍ଟର ସୋରେନ ଉକ୍ତ ରାଶି ପ୍ରଦାନ କରିବା ପାଇଁ ୫୦୦୦ ଟଙ୍କା ଲାଞ୍ଚ ଦାବି କରୁଥିଲେ। ଅଭିଯୋଗକାରୀ ଏନେଇ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଏହା ପରେ ଭିଜିଲାନ୍ସ ଅଧିକାରୀମାନେ ଆଜି ଅଭିଯୋଗକାରୀଙ୍କଠାରୁ ୫,୦୦୦ ଟଙ୍କା ଲାଞ୍ଚ ନେଉଥିବା ସମୟରେ ସେମାନଙ୍କୁ ଧରିଥିଲେ।

# ଶିକ୍ଷା ବିଭାଗର ଅଜବ ନୀତି : ପଟ୍ଟା ନାହିଁ ତ ପାଠ ନାହିଁ

## ଜମି ପଟ୍ଟା ଦେଖାଇ ନପାରି ଦୁଧିଆନାଳ ଅଂଚଳର ପିଲାଏ ଛାଡୁଛନ୍ତି ପାଠ

ଉଦଳା , ୦୭/୭ (ନି.ପ୍ର): ଯେ ହେଉଛି ଉଦଳା ବ୍ଲକର ରାଢ଼ୋ ପଂଚାୟତ ମଧ୍ୟରେ ଥିବା ମଉଦା ଗ୍ରାମର ଦୁଧିଆନାଳ ଅଂଚଳର ଦୃଶ୍ୟ । ଏହି ଅଂଚଳରେ ବସବାସ କରୁଥିବା ଲୋକଙ୍କ ମଧ୍ୟରୁ ଅଧିକାଂଶ ଭୂମିହୀନ ଅଟନ୍ତି । ଫଳରେ ଏଠାକାର ପିଲାମାନେ ପାଠ ପଢ଼ିବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ଦିର୍ଘ ବର୍ଷ ଧରି ଏପରି ସମସ୍ୟା ଏଠାରେ ଲାଗି ରହିବା ଫଳରେ ଏହାର ଉତ୍କଟ ରୂପ ଏବେ ଦେଖିବାକୁ ମିଳିଲାଣି । ଗ୍ରାମବାସୀଙ୍କ କହିବାନୁସାରେ ପିଲାମାନେ ନିକଟରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଅଷ୍ଟମ ଶ୍ରେଣୀ ପାସ କରିବା ପରେ ରାଢ଼ୋ ସ୍ଥିତ ଉଚ୍ଚ ବିଦ୍ୟାଳୟକୁ ନବମ ଶ୍ରେଣୀରେ ନାମ ଲେଖାଇବାକୁ ଯାଇଥାନ୍ତି । କିନ୍ତୁ ଏହି ବିଦ୍ୟାଳୟର କର୍ତ୍ତୃପକ୍ଷ ଜମିପଟ୍ଟା ନଥିଲେ ନାମ ଲେଖାଯାଇପାରିବ ନାହିଁ ବୋଲି ମନାକରି ଫେରାଇ ଦିଅନ୍ତି ।



ଫଳରେ ଅନ୍ୟ କୌଣସି ଉପାୟ ନପାଇ ପିଲାଏ ପାଠ ପଢ଼ାରେ ଡ଼ୋରିବାନ୍ଧି ଦେବାକୁ ବାଧ ହେଉଥିବାର ଗ୍ରାମବାସୀ ଜଣାଇଛନ୍ତି। ଏହିପରି ବିଗତ ୫ ବର୍ଷ ମଧ୍ୟରେ କେବଳ ଦୁଧିଆନାଳ ଅଂଚଳରୁ ପ୍ରାୟ ୨୫ରୁ ଉର୍ଦ୍ଧ ପିଲା ପାଠପଢ଼ାରେ ଡ଼ୋରି ବାନ୍ଧିଥିବାର କଥା ଶୁଣିବାକୁ ମିଳୁଛି । ଏହିଭଳି ପାଠ ପଢ଼ା ଛାଡୁଥିବା ଝିଅ ପିଲା ମାନଙ୍କୁ ଟିକିଏ ବଡ଼ ହେଲେ ଆମେ ବାହା କରିଦେବାକୁ ବାଧ ହୋଇଥାଉ ବୋଲି ଗ୍ରାମବାସି କହିଛନ୍ତି । ଏଠାକାର ବାସିନ୍ଦା ଅନୁସୂଚୀତ ଜାତି(ଏସ୍.ସି.) ବର୍ଗର ଅଟନ୍ତି । କିନ୍ତୁ ଜମି ପଟ୍ଟା ନଥିବା କାରଣରୁ ଜାତି ପ୍ରମାଣପତ୍ର ପାଇପାରୁ ନାହାଁନ୍ତି । ଫଳରେ ଅନୁସୂଚୀତ ଜାତି (ଏସ୍.ସି) ବର୍ଗର ଲୋକଙ୍କ ପାଇଁ ଥିବା ସରକାରୀ ସୁବିଧା ସୁଯୋଗ ପାଇବାରୁ ଏଠାକାର ବାସିନ୍ଦା ବଂଚିତ ଥିବାର ଗ୍ରାମବାସୀ ଜଣାଇଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଜିଲ୍ଲାରେ କାର୍ଯ୍ୟରତ ଏକ ଲୋକ ସଂଗଠନ ତରଫରୁ ଦାବି ହେଉଛି ।

# ଜଗାଇ କଲେଜରେ ବୃକ୍ଷରୋପଣ




ଲଙ୍ଗଳେଶ୍ୱର, ୦୭/୭ (ନି.ପ୍ର): ବାଲିଆପାଳ ବ୍ଲକ ଜଗାଇ ସ୍ଥିତ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟରେ ଜାତୀୟ ସେବାଯୋଜନା, ଇକୋ କ୍ଲବ ଓ ରେଡ ରିବନ କ୍ଲବର ମିଳିତ ଆନୁକୂଲ୍ୟରେ ସୋମବାର ବନମହୋତ୍ସବ ସପ୍ତାହ ପାଳନ ଅବସରରେ ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯୁକ୍ତ ତିନି ଜାତୀୟ ସେବାଯୋଜନାର ପରିଚାଳିକା ଅଧାପିକା ସୁପ୍ରସିନୀ ବେହେରା, ଯୁକ୍ତ ଦୁଇ ଜାତୀୟ ସେବାଯୋଜନାର ପରିଚାଳକ ଅଧାପକ ଆଶିଷ କୁମାର ଓଝା ଓ ରେଡ ରିବନ କ୍ଲବର ପରିଚାଳକ ଅଧାପକ ସୁଶାନ୍ତ କୁମାର ରାଜ, ଭାରପ୍ରାପ୍ତ ଅଧକ୍ଷ ଇତିହାସ ବିଭାଗ ମୁଖ୍ୟ ପ୍ରଭାଂଶୁ କୁମାର ସିଙ୍ଗ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜାତୀୟ ସେବା ଯୋଜନାର ପରିଚାଳକ ଅଧାପକ ପ୍ରଭାତ କୁମାର ଜେନା ବୃକ୍ଷରୋପଣ ଆରମ୍ଭ କରିଥିଲେ, ମହାବିଦ୍ୟାଳୟର ଅଧାପକ, ଅଧାପିକା ଓ ଅଣଶିକ୍ଷକ କର୍ମଚାରୀ ଯୋଗ ଦେଇ ପ୍ରକୃତିର ଭାରସାମ୍ୟ ନିମନ୍ତେ ବୃକ୍ଷରୋପଣର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ କରିଥିଲେ ।

ମଙ୍ଗଳବାର, ଜୁଲାଇ ୦୮, ୨୦୨୫

ଧ୍ୱନି ପ୍ରତିଧ୍ୱନି

# ବାସୁଦେବପୁର ବନ ବିଭାଗ ପକ୍ଷରୁ ବନ ମହୋତ୍ସବ ଉଦ୍‌ଯାପିତ

ବାସୁଦେବପୁର, ୦୭/୭ (ନି.ପ୍ର): ବାସୁଦେବପୁର ବନ୍ୟ ପ୍ରାଣୀ ବନାଞ୍ଚଳ ଓ ଭଦ୍ରକ ବନ୍ୟ ପ୍ରାଣୀ ବନଖଣ୍ଡ ପକ୍ଷରୁ ଏଡତାଳ ଭାସ୍କର ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ଉଦଯାପିତ ହୋଇଯାଇଛି। ଏହି ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ପ୍ରତାପ ନାୟକ,ଭାରତୀୟ ଜନତା ପାର୍ଟିର ନେତା ଅଶୋକ ସାହୁ, ଏଡତାଳ ସରପଞ୍ଚ ଜୟଶ୍ରୀ ପଲାଇ, ବାସୁଦେବପୁର ଥାନା ଅଧିକାରୀ ଲୋପାମୁଦ୍ରା ନାୟକ, ବାସୁଦେବପୁର ଫରେଷ୍ଟ ରେଞ୍ଜର ଅତୁଲ୍ୟ ମହାନ୍ତି, ଭାସ୍କର ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିନ୍ତାମଣି ବାରିକ, ସ୍କୁଲ୍ ପରିଚାଳନା କମିଟି ସଭାପତି ମନୋରଂଜନ ନାୟକ, ସମାଜସେବୀ ଦୁଷ୍ମନ୍ତ ମଲ୍ଲିକ, ଫରେଷ୍ଟର ବିମଳା ମଲ୍ଲିକ, ଫରେଷ୍ଟ ଗାର୍ଡ ବିୟତ୍ ପ୍ରଜ୍ଞା ନାୟକ, ସ୍କୁଲ୍ ପରିଚାଳନା କମିଟି ସଦସ୍ୟ ବାବୁରାମ ମଲ୍ଲିକ ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ ଓ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରିଥିଲେ। ଏହି ଦିବସରେ ଭାସ୍କର ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ସୁଶାନ୍ତ ଭୋଇ, ସୁପ୍ରଭାତ ସେନାପତି, ଦିଲ୍ଲୀପ କୁମାର ବାରିକ, ସ୍ମୃତି ରେଖା ସାହୁ, ସୁଜାତା ରାଣୀ ଘଡାଇ ଓ ଖେଳ ଶିକ୍ଷକ ପ୍ରଦୀପ ବେହେରା ପ୍ରମୁଖ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ। ସମସ୍ତେ ସ୍ଲୋଗାନ ଦେଇଥିଲେ ମାଆ ପାଇଁ ଗଛଟିଏ ଓ ଗୋଟିଏ ଗଛ ଗୋଟିଏ ଜୀବନ। ଏହି ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସୁନ୍ଦର ପୃଥିବୀରେ ଗଛ ରହିଲେ ବର୍ଷା ହେବ ଓ ଜୀବ ଜନ୍ତୁ ପଶୁ ପକ୍ଷୀ ସମସ୍ତେ ବଞ୍ଚିବେ। ବିଶ୍ୱର ପରିବେଶ ସୁରକ୍ଷା ପାଇଁ ଓ ବାୟୁ ମଣ୍ଡଳର ଶୁଦ୍ଧତା ପାଇଁ ନିହାତି ସମସ୍ତେ ଗଛ ଲଗାଇବା ଆବଶ୍ୟକ ବୋଲି ଅତିଥି ବନ୍ଧୁ ମତ ପ୍ରକାଶ କରିଥିଲେ।



# ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲେଶ୍ୱର, ୦୭/୭ (ନି.ପ୍ର): ସ୍ଥାନୀୟ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ରାଜ ପ୍ରସାଦଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ୧୩୫ ଜଣ ଅଭିଯୋଗକାରୀ ନିଜ ନିଜ ନାମ ପଞ୍ଜିକରଣ କରି ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଗୁଡିକ ମଧ୍ୟରୁ ୧୦୯ ଗୋଟି ବ୍ୟକ୍ତିଗତ, ୧୪ ଗୋଟି ସାମୁହିକ, ୧୦ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ଓ ୨ ଗୋଟି ରେଡ କ୍ରସ ସହାୟତା ନିମନ୍ତେ ଦରଖାସ୍ତ ପ୍ରଦାନ କରିଥିଲେ। ତନ୍ମଧ୍ୟରୁ ୨୬ ଗୋଟି ଦରଖାସ୍ତର ଆଶୁ ସମାଧାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ ସିଂ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ, ଅତିରିକ୍ତ ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ଡ଼. ମଧୁସ୍ମିତା ସାମନ୍ତରାୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ଼. ପ୍ରଭାତ କୁମାର ବେହେରା, ଉପ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ନିବେଦିତା ସୋରେନ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।

# ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ବାଲେଶ୍ୱର ଶାଖାର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ

ଜଳେଶ୍ୱର, ୦୭/୭ (ନି.ପ୍ର): ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ବାଲେଶ୍ୱର ଶାଖାର କାର୍ଯ୍ୟକାରିଣୀ ବୈଠକ ଜଳେଶ୍ୱର ନୂଆ ବଜାର ସ୍ଥିତ ଭଞ୍ଜ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି।ଉକ୍ତ ବୈଠକରେ ବାଲେଶ୍ୱର ଜିଲ୍ଲାର ସଭାପତି ଶ୍ରୀ ସୁବ୍ରତ ସିଂ,ସମ୍ପାଦକ ଶ୍ରୀ ଅନୁପମ ଦାସ,ଉପସଭାପତି ଶ୍ରୀ ରାଜେଶ କୁମାର ଦେ, ଯୁଗ୍ମ ସମ୍ପାଦକ ଶ୍ରୀ ପ୍ରମୋଦ ରାମ,କୋଷାଦ୍ଧକ୍ୟ ଶ୍ରୀ ଶରତ କୁମାର ବେହେରା,ରାଜ୍ୟ ଯୁଗ୍ମ ସମ୍ପାଦକ ଶ୍ରୀ ଶୁଭଜିତ ମଡୁଆଳ, କେନ୍ଦ୍ରୀୟ ଜୋନ ସମ୍ପାଦକ ଶ୍ରୀ ଦିଲ୍ଲୀପ କୁମାର ଚାନ୍ଦ ଯୋଗ ଦେଇଥିଲେ। ଏହି ବୈଠକ ରେ ସଂଘ ର ବିଭିନ୍ନ ଦାବି ଯଥା କ୍ୟାଡର୍ ରିଷ୍ଟ୍ରକଚର, ଏଆରଆଇଙ୍କ ମୂଳ ଶିକ୍ଷାଗତ ଯୋଗ୍ୟତା ସ୍ନାତକ କରିବା, ଖାଲିଥିବା ପଦବୀ ଏବଂ ଗ୍ରୁପ୍ ଡି ପଦବୀ ପୂର୍ଣ୍ଣ କରିବା,ପ୍ରତି ପଞ୍ଚାୟତରେ ଆର ଆଇ ଅଫିସ ଖୋଲିବା,ଅଣ ରାଜସ୍ୱ କାର୍ଯ୍ୟକୁ କାର୍ଯ୍ୟ ସୂଚୀ ରୁ ବାହାର କରିବା, କଲମ -୨ ସଂଶୋଧନ ନିମନ୍ତେ ରାଜସ୍ୱ ସାଥୀ ଆଉଟସୋର୍ସିଂ ମାଧ୍ୟମରେ ନିଯୁକ୍ତି କରିବା ଇତ୍ୟାଦି ଦାବି ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସଂପର୍କରେ ଆଲୋଚନା କରାଯାଇଥିଲା। ସରକାର ସଂଘର ବିଭିନ୍ନ ନ୍ୟାର୍ଯ୍ୟ ଦାବି ଗୁଡ଼ିକ ପୂରଣ କରୁ ନ ଥିବାରୁ ସରକାରଙ୍କ ନିକଟରେ ପୁନର୍ବାର ଦାବି ଉପସ୍ଥାପନ କରାଯିବା ନିମନ୍ତେ ସ୍ଥିର କରାଗଲା।ଅବିଳମ୍ବେ ସମସ୍ତ ଦାବି ପୂରଣ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବାର ନିଷ୍ପତ୍ତି ସର୍ବସମ୍ମତି କ୍ରମେ ନିଆଗଲା। ଏହି କାର୍ଯ୍ୟକାରିଣୀ ବୈଠକକୁ ଜିଲ୍ଲା ର ଦୂର ଦୁରାନ୍ତରୁ ସଭ୍ୟ ମାନେ ଆସି ସାଫଲ୍ୟ ମଣ୍ଡିତ କରିଥିବାରୁ ଜଳେଶ୍ୱର ତହସିଲ ଶାଖାର ସଭାପତି ଶ୍ରୀ ଗୋପାଳ ମାଝୀ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

# ସାପ କାମୁଡାରେ ଆଖିବୁଜିଲେ ଚାଷୀ



ଖଇରା,୭।୭, ୦୭/୭ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ନନ୍ଦୁର ପଞ୍ଚାୟତ ଅଧୀନ ସୁଙ୍ଗୁଡା ଗ୍ରାମର ଚାଷୀ ରବିନ୍ଦ୍ର ରାଉତ ସାପ କାମୁଡାରେ ପ୍ରାଣ ହରାଇଛନ୍ତି । ସୋମବାର ପୂର୍ବାହ୍ନରେ ସେ ଜମିରେ କାମ କରୁଥିବା ବେଳେ ସାପ କାମୁଡା ଯୋଗୁଁ ଯନ୍ତ୍ରଣା ଅନୁଭବ କରିଥିଲେ । ଘରକୁ ଆସି ଏକଥା ଜଣାଇବା ପରେ ପରେ ତାଙ୍କୁ ବାନ୍ତି ହୋଇଥିଲା । ପରିବାର ଲୋକ ଓ ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଣାଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ । ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଯୁବନେତା ବୈକୁଣ୍ଠ ସାମଲ ଦାବି କରିଛନ୍ତି ।

# ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗର ଶୁଣାଣି ଅନୁଷ୍ଠିତ

ଖୋର୍ଦ୍ଧା , ୦୭/୭ (ନି.ପ୍ର): ଜିଲ୍ଲା ପ୍ରଶାସନ ଏବଂ ପୁଲିସ ପ୍ରଶାସନ ପକ୍ଷରୁ ଜିଲ୍ଲା ସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣକ୍ଷଣି ଶିବିର ଆଜି ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ଜ୍ୟୋତି ଶଙ୍କର ସାହୁ , ଉପ ଜିଲ୍ଲାପାଳ ଶ୍ରୀ କିଶୋର କୁମାର ପଣ୍ଡା , ଡେପୁଟି କଲେକ୍ଟର , ଜରୁରୀ, ଶ୍ରୀତପା ମିଶ୍ର, ସହକାରୀ ଜିଲ୍ଲାପାଳ, ଅଭିଯୋଗ, ଭୁବନେଶ୍ୱରୀ କଅଁର ଯୋଗଦେଇଥିଲେ । ଆଜିର ଅଭିଯୋଗ ଶିବିରକୁ ମୋଟ ୬୭ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୬୨ ଗୋଟି ଅଭିଯୋଗ ବ୍ୟକ୍ତିଗତ ଏବଂ ୦୫ ଗୋଟି ଅଭିଯୋଗ ଗ୍ରାମୀଣ ସମସ୍ୟା ଜନିତ ଥିଲା । ସମସ୍ତ ଅଭିଯୋଗ ଗୁଡ଼ିକୁ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କ ସହ ଆଲୋଚନା କରାଯାଇ ସେଗୁଡ଼ିକୁ ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଶ୍ରୀ ଜ୍ୟୋତି ଶଙ୍କର ସାହୁ ନିର୍ଦ୍ଦେଶ ଦେଇଥିଲେ । ଜରୁରୀ ସ୍ୱାସ୍ଥ୍ୟ ସେବା ଜନିତ ୦୩ ଜଣ ଅଭିଯୋଗ କାରୀଙ୍କ ଦରଖାସ୍ତକୁ ବିଚାର କରାଯାଇ ୫ହଜାର ଟଙ୍କା ଲେଖାଏଁ ପ୍ରମୋଦ କୁମାର ମାର୍ଥା, ବେଗୁନିଆ, ରସିଦା ବିବି, କେରଙ୍ଗ, ଖୋର୍ଦ୍ଧାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଏବଂ ବାସୁଦେବ ପାତାଳ ସିଂହ, ବେଗୁନିଆଙ୍କୁ ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ଚିକିତ୍ସା ନିମନ୍ତେ ଯୋଗାଇ ଦିଆଯାଇଥିଲା । ଜନଶୁଣାଣି ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ , ଅଧିକ୍ଷଣ ଯନ୍ତ୍ରୀ, ପୂର୍ତ୍ତ, ଖୋର୍ଦ୍ଧା, ଇଂ ଶିବ ଲାଲ ସାହୁ, ଅଧିକ୍ଷଣ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଇଁ ରଶ୍ମିତା ଦାସ,ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ,ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ରବି ନାରାୟଣ ସେନାପତି,ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଦିଲ୍ଲୀପ କୁମାର ହିଆଲ , ନିର୍ବାହୀ ଅଧିକାରୀ, ଖୋର୍ଦ୍ଧା ପୌର ପରିଷଦ ରିଜ୍ୱାନା କାଜ୍ୱାବ, ମଣ୍ଡଳ ଉନ୍ନୟନ ଅଧିକାରୀ, ଖୋର୍ଦ୍ଧା, ଶ୍ରୀମତୀ କ୍ଷୀରାବ୍ଧି ତନୟା ସାହୁ, ଜିଲ୍ଲା ପଂଚାୟତ ଅଧିକାରୀ ଶ୍ରୀ ଶ୍ୟାମଳେନ୍ଦୁ ନାୟକ , ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ, ସୁଗୁଡା ମୁର୍ମୁ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ସୋନାମିକା ରାୟ , ଜିଲ୍ଲା ମଙ୍ଗଳ ଅଧିକାରୀ ଡ. ଗିତାଂସୁ ଦାଶ ଙ୍କ ସମେତ ବି ଡି ଓ ଏବଂ ତହସିଲଦାର ଓ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଲାଇନ ଡିପାର୍ଟମେଣ୍ଟ ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀ ମାନେ ଯୋଗ ଦେଇଥିଲେ।



# ଦେଶୀ ମଦ ଜବତ : ୩ ଜଣ ଗିରଫ

ବେତନଟୀ , ୦୭/୭ (ନି.ପ୍ର): ବେତନଟୀ ଥାନା ଅଧୀନ ବେତନଟୀ ଅବକାରୀ ବିଭାଗ ଖବର ପାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩୫ ଲିଟର ଦେଶୀ ଜବତ କରିଛି। ଏହା ସହିତ ୩ଜଣଙ୍କୁ ଗିରଫ କରିଛି ଅବକାରୀ ବିଭାଗ। ଗିରଫ ଅଭିଯୁକ୍ତ ମାନେ ହେଲେ ବେତନଟୀ ଥାନା ଅନ୍ତର୍ଗତ ଆମ୍ବଯୋଡା ଗ୍ରାମର ନିର୍ମଳ ଦେହୁରୀ , ପୁରିନ୍ଦା ଗ୍ରାମର ବସନ୍ତ ବାରିକ ଓ ବୈଶିଙ୍ଗା ଥାନା ଅଧୀନ ବିରଳା ଗ୍ରାମର ମିନା ଦେହୁରୀ। ଘଟଣା ରୁ ପ୍ରକାଶ ବେଆଇନ ମଦ କାରବାର ହେଉଥିବା ନେଇ ଅବକାରୀ ବିଭାଗକୁ ବିଶ୍ୱସ୍ତସୂତ୍ରରୁ ଖବର ପାଇ ବେତନଟୀ ଅବକାରୀ ଅଧିକାରୀ ପ୍ରକାଶ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ବେତନଟୀ ଅବକାରୀ ଟିମ ଉକ୍ତ ଅଞ୍ଚଳରେ ଚଢ଼ାଉ କରି ଦେଶୀ ମଦ ଜବତ କରିଛି। ଏନେଇ ଅବକାରୀ ବିଭାଗ ପକ୍ଷରୁ ପୃଥକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ଗିରଫ ୩ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଘରେ କେହିନଥିବା ସୁଯୋଗନେଇ କଳାକନା ବୁଲାଇଲେ ଦୃର୍ବୃତ୍ତ

ନୀଳଗିରି, ୦୭/୭ (ନି.ପ୍ର): ଘରେ କେହିନଥିବା ସୁଯୋଗନେଇ ଦୁଇମହଲା ଘରୁ କଳାକନା ବୁଲାଇଲେ ଦୃର୍ବୃତ୍ତ। ନୀଳଗିରି ଥାନା ଅଧିନସ୍ଥ ଜଡ଼ିଦା ପଞ୍ଚାୟତ ରାଧାମାଧବ ଜୀଉ ହାଇସ୍କୁଲ ପାର୍ଶ୍ୱରେଥିବା ସରସ୍ୱତୀ ପାତ୍ରଙ୍କ ଘରୁ ଗତକାଲି ସନ୍ଧ୍ୟାରେ ଚୋରି ହୋଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ପୋଡାଶୁଳ ଗ୍ରାମର ପରମାନନ୍ଦ ପାତ୍ରଙ୍କ ସ୍ତ୍ରୀ ସରସ୍ୱତୀ ଗତକାଲି ସନ୍ଧ୍ୟାରେ ମେଡିକାଲ କାର୍ଯ୍ୟରେ ବାଲେଶ୍ୱର ଯାଇଥିଲେ। ବାଲେଶ୍ୱରରୁ ରାତିପ୍ରାୟ ୯ ଘଟିକା ସମୟରେ ଘରେ ପହଞ୍ଚି ଦେଖିଲା ବେଳକୁ ଘରର ମୁଖ୍ୟଦ୍ୱାର ଖୋଲା ହୋଇରହିଛି ଏବଂ ଘରର ମୁଖ୍ୟଦ୍ୱାରକୁ ଲୁହା ସାବୁଳ ଦ୍ୱାରା ତଡ଼ାହୋଇଛି । ଭିତରକୁ ଯାଇ ଦେଖିଲାବେଳକୁ ସମସ୍ତ ଘର ଭିତରେ ଥିବା ଆଲମାରୀ ଭଙ୍ଗା ହୋଇଛି। ଆଲମାରୀରେ ଥିବା ନଗଦ ୩ଲକ୍ଷଟଙ୍କା ଏବଂ ୫୦ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟ୍ ହୋଇଥିବାଜାଣି ତୁରନ୍ତ ନୀଳଗିରି ପୋଲିସକୁ ଖବର ଦେଇଥିଲେ। ଖବରପାଇ ନୀଳଗିରି ପୋଲିସ ,ସାଇଣ୍ଟିଫିକଟିମ, ସନ୍ଧାନୀ କୁକୁର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି ।ଏନେଇ ପରମାନନ୍ଦ ପାତ୍ର ନୀଳଗିରି ଥାନାରେ ଅଭିଯୋଗ ଅନୁଯାୟୀଏକ ମାମଲା ରୁଜୁହୋଇଛି।



# ସାହାସିକତା ଓ ସେବାର ବଳିଷ୍ଠ ଉଦାହରଣ ସୃଷ୍ଟି କଲା ଆଦାନୀ ଗ୍ରୁପ ଓ ଲାଇଫ୍ ଗାର୍ଡ଼ଙ୍କ ମିଳିତ ପ୍ରଚେଷ୍ଟା



ପୁରୀ, ୦୭/୭ (ନି.ପ୍ର): ଚଳିତ ରଥଯାତ୍ରାରେ ପୁରୀରେ ୧୦ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥିବା ବେଳେ ବେଳାଭୂମିରେ ଦେଖିବାକୁ ମିଳିଥିଲା ଅନନ୍ୟ ସେବା । ଆଦାନୀ ଗ୍ରୁପ ଅଧକ୍ଷ ଗୌତମ ଆଦାନୀଙ୍କ ବିଶ୍ୱାସ 'ସେବା ହିଁ ସାଧନା ହୈ' ଦ୍ୱାରା ଅନୁପ୍ରାଣିତ ହୋଇ ପୁରୀ ବେଳାଭୂମିରେ ଜୀବନ ରକ୍ଷାକାରୀ ଲାଇଫ୍ ଗାର୍ଡ଼ଙ୍କ ସେବା ଥିଲା ଅନନ୍ୟ । ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଭିଡ଼ ଭିତରେ ଏହି ନୋଳିଆ ମତ୍ସ୍ୟଜୀବୀ ସମ୍ପ୍ରଦାୟ ପିଢି ପରେ ପଢେ ଧରି ପାରମ୍ପରିକ ଜୀବନରକ୍ଷକ ଭାବେ ସେବା କରି ଆସୁଛନ୍ତି । ରଥଯାତ୍ରା ସମୟରେ ଆଦାନୀ ଗ୍ରୁପ ଦ୍ୱାରା ନୋଳିଆ ସମ୍ପ୍ରଦାୟକୁ ପ୍ରଦାନ କରାଯାଇଥିବା ଉଦ୍ଧାର ସାମଗ୍ରୀ ବ୍ୟବହାର କରି ଲାଇଫ୍ଗାର୍ଡ଼ମାନେ ୧୦ ଦିନରେ ୧୫୬ ଜଣଙ୍କ ଜୀବନ ରକ୍ଷା କରଛନ୍ତି । କରୁଣା ଓ କର୍ପୋରେଟ ଦାୟିତ୍ୱର ଏହି ମିଳିତ ସମାଗମ ଓଡ଼ିଶାର ପବିତ୍ର ପୁରୀ ବେଳାଭୂମିର ସୁରକ୍ଷା କରିଛି । ଲାଇଫ୍ଗାର୍ଡ଼ମାନଙ୍କର ଅସାଧାରଣ ସେବାକୁ ପ୍ରଂଶସା କରି ଆଦାନୀ ଗ୍ରୁପ ପକ୍ଷରୁ ଏକ ସମୟୋଚିତ ଏବଂ ଅର୍ଥପୂର୍ଣ୍ଣ ପଦକ୍ଷେପ ନିଆଯାଇଛି । ରଥଯାତ୍ରା ସମୟରେ ବିଭିନ୍ନ ସେବା ଅଧିନରେ ଲାଇଫ୍ଗାର୍ଡ଼ମାନଙ୍କୁ ଲାଇଫ୍ ଜ୍ୟାକେଟ, ଟର୍ଚ୍ଚ, ଉଦ୍ଧାର ରଶି ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଉପକରଣ ପ୍ରଦାନ କରାଯାଇଥିଲା ଯଦ୍ୱାରା ସେମାନେ ସୁରକ୍ଷିତ ଓ ଆତ୍ମବିଶ୍ୱାସର ସହ ନିଜର ଦାୟିତ୍ୱ ସମ୍ପାଦନ କରିଛନ୍ତି । ପୁରୀ ବିଚ୍ ଲାଇଫ୍ଗାର୍ଡ ଫେଡେରେସନ ଅଧୀନରେ କାର୍ଯ୍ୟ କରୁଥିବା ୪୫୦ ରୁ ଉଦ୍ଧ୍ୱର୍ ନୋଳିଆ ସମ୍ପ୍ରଦାୟର ତାଲିମପ୍ରାପ୍ତ ସଦସ୍ୟ ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସକାଳ ରୁ ସନ୍ଧ୍ୟା ପର୍ଯ୍ୟନ୍ତ ପାଟ୍ରୋଲିଂ କରୁଥିଲେ । ସମାନ୍ତରାଳ ଭାବେ ଆଦାନୀ ଗ୍ରୁପ ପୌରପାଳିକା ସଫେଇ କର୍ମଚାରୀଙ୍କୁ ମଧ୍ୟ ଫ୍ଲୋରୋସେଣ୍ଟ ଜ୍ୟାକେଟ ଓ ଗ୍ଲୋଭ୍ସ ଆଦି ଆବଶ୍ୟକୀୟ ସହାୟତା ପ୍ରଦାନ କରିଛି । ଏହି ମିଳିତ ସହଭାଗିତାରେ ଯତ୍ନପୂର୍ଣ୍ଣ ସେବା ମନୋଭାବ ଜନକଲ୍ୟାଣ ଏକ ନୂତନ ପରିଭାଷା ସୃଷ୍ଟି କରିଛି ।

# ଗଡିଆରେ ପଡ଼ି ଶିଶୁ ପୁତ୍ର ମୃତ

ଜଳେଶ୍ୱର, ୦୭/୭ (ନି.ପ୍ର): ଜଳେଶ୍ୱର ବ୍ଲକ୍ ରାଇବଣିଆ ଥାନା ଅର୍ନ୍ତଗତ ଶ୍ୟାମ ନଗର ପଂଚାୟତର ଘଡଘଡ଼ା ଗ୍ରାମର ବସନ୍ତ ହାଂସଦାଙ୍କ ଶିଶୁପୁତ୍ର ସାଗୁନ ହାଂସଦା(୫) ଆଜି ଦିନ ୩ ଘଟିକା ସମୟ ତାଙ୍କ ଘର ଖେଳୁଥିବା ବେଳେ ଘର ପଛ ଗଡିଆରେ ପଡି ଯାଇଥିଲେ ଏବଂ ବୁଡିଯାଇଥିଲେ।ଏବଂ କିଛି ସମୟ ଘର ଲୋକ ବହୁ ଖୋଜା ଖୋଜି ପରେ ଘର ପାଖ ଗଡ଼ିଆରେ ଭାସୁ ଥିବାର ଦେଖିବା ପାଇଁ ପାଇଥିଲେ ଏବଂ ପରିବାର ଲୋକ ଉଦ୍ଧାର କରି ତାଙ୍କୁ ହାତୀଗଡ଼ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲ।ଏ ନେଇ ପଂଚାୟତର ସରପଂଚ ଗିରିଜା ଶଙ୍କର ସାସମଲ ହାତୀଗଡ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଶୋକ ବ୍ୟକ୍ତ କରିଥିଲେ।

# ବରୁଣଗଡ଼ିଆ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବସ୍ତା ବିଧାୟିକା ସୁବାସିନୀ

ବସ୍ତା, ୦୭/୭ (ନି.ପ୍ର): ବସ୍ତା ବ୍ଲକ ବରୁଣଗଡ଼ିଆ ପଞ୍ଚାୟତରେ ନିର୍ବାଚନ ସମୟରେ ଦେଇଥିବା ପ୍ରତିଶୃତିଧାୟିକା ସୁବାସିନୀ ଜେନା ୨୦୨୪-୨୫ ଆର୍ଥିକ ବର୍ଷ ବିଧାୟିକ ପାଣ୍ଠିରୁ ୫ଲକ୍ଷ ୪୦ହଜାର ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି। ପଞ୍ଚାୟତର ବଡ଼ଗଡ଼ିଆ ଗ୍ରାମର ନିଳାମ୍ବର ବେହେରାଙ୍କ ଘର ଆଗ ଠାରୁ ପକ୍କାଘାଟ ପର୍ଯ୍ୟନ୍ତ ଗାର୍ଡୱାଲ୍ ନିର୍ମାଣ ନିମନ୍ତେ ୨ଲକ୍ଷ ୪୦ହଜାର ଓ ଚୋରପଦା ଗ୍ରାମର ଅନନ୍ତ ଜେନାଙ୍କ ବିଲ ସୀମା ଠାରୁ ଶ୍ରୀନିବାସ ପରିଡ଼ାଙ୍କ ଘର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ଓ କଲଭାଟ ନିର୍ମାଣ ନିମନ୍ତେ ୨ଲକ୍ଷ ଏବଂ କିଆପଣସି ଗ୍ରାମର ଯଦୁନାଥ ବେହେରାଙ୍କ ଘର ଠାରୁ ଭଗିରଥପୁର ନୂତନ ପ୍ରାଥମିକ ବିଦ୍ୟାଳୟ ଭାୟା କେଦାରନାଥ ବେହେରା ଘର ପର୍ଯ୍ୟନ୍ତ ରାସ୍ତାର ଉନ୍ନତି କରଣ ନିମନ୍ତେ ୧ଲକ୍ଷ ଆର୍ଥିକ ଅନୁଦାନ ପ୍ରଦାନ କରିଥିଲେ । ସେହିପରି ସଦାନନ୍ଦପୁର ଓ ମାଙ୍କଡଗଡ଼ିଆ ଗ୍ରାମରେ ବସ୍ତା ପଞ୍ଚାୟତ ସମିତି ଦ୍ୱାରା ହେବାକୁଥିବା ଦୁଇଗୋଟି ପ୍ରକଳ୍ପର ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବରୁଣଗଡ଼ିଆ ପଞ୍ଚାୟତ ସଭାପତି ପଞ୍ଚାନନ ଦାସଙ୍କ ତତ୍ତ୍ୱାବଧାନରେ ବିଧାୟିକା ସୁବାସିନୀ ଜେନା ଉପସ୍ଥିତ ରହି ସମସ୍ତ ପ୍ରକଳ୍ପ ଗୁଡିକର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ବୁଗୁଡ଼ି, ସମିତି ସଭ୍ୟ ରମାକାନ୍ତ ସେଠୀ, ବରିଷ୍ଠ ବିଜେଡ଼ି ନେତା ଲକ୍ଷ୍ମୀଧର ଦାସ,ପ୍ରଦୀପ ବିଶ୍ୱାଳ, ମହାଦେବ ଦାସ, ବ୍ଲକ ମହିଳା ବିଜେଡ଼ି ସଭାପତି ଲିପିକା ରାଉଳ, ବରୁଣଗଡ଼ିଆ ପଞ୍ଚାୟତର ବିଜେଡ଼ି ନେତା ସବୋଧ କିଶୋର ରାଉଳ,ଗୋପାଳ ଜେନା, ନାଏବ ସରପଞ୍ଚଙ୍କ ପ୍ରତିନିଧି ଅରୁଣ କୁମାର ବେହେରା, ବିଦ୍ୟାଧର ବେହେରା, ପରେଶ ଚନ୍ଦ୍ର ବେହେରା, ହେମନ୍ତ ଜେନା, ପ୍ରଭାତ ବେହେରା, ମଧୁସୂଦନ ନାୟକ, ରତନ ସାମଲ, ସ୍ୱାଗତିକା ସାହାଣୀ, ଚୈତନ୍ୟ ବେହେରା, ମୃତ୍ୟୁଞ୍ଜୟ ବେହେରା ଓ ଯୁବ ସଭାପତି ଜୟନ୍ତ ବେହେରାଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# ଧର୍ମପ୍ରାଣା ମହିଳା ଗାୟତ୍ରୀ ମିଶ୍ରଙ୍କ ଦେହାନ୍ତ



ବାଲେଶ୍ୱର , ୦୭/୭ (ନି.ପ୍ର): ଏକମାତ୍ର ପୁତ୍ର ପ୍ରଦୀପ ମିଶ୍ର ଗାଁ ଶ୍ମଶାନରେ ମୁଖାଗ୍ନି ଦେଇଥିଲା ବେଳେ ପୁତ୍ରବଧୂ, ଦୁଇ ଝିଅ ,ଜ୍ୱାଇଁ, ନାତି ନାତୁଣୀ, ପୁତୁରା, ତଥା ମିଶ୍ର ପରିବାରର ବହୁ ସଦସ୍ୟ ଏବଂ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲା ବେଳେ ବିଶିଷ୍ଟ ଲେଖକ ଡକ୍ଟର କାଳୀପଦ ପଣ୍ଡା ନିଜ ବଡମାଉସୀଙ୍କ ଦେହାନ୍ତ ଖବର ପାଇ କମର୍ଦ୍ଦା ବାସଭବନକୁ ଆସି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଅନ୍ତିମ ଦାହକର୍ମରେ ଯୋଗ ଦେଇଥିଲେ। ଗତ କିଛି ମାସଧରି ଗାୟତ୍ରୀ ଦେବୀ ଅସୁସ୍ଥ ଥାଇ ବାଲେଶ୍ୱର ଠାରେ ପୁଅ ନିକଟରେ ରହି ଚିକିତ୍ସିତ ହେଉଥିଲେ। ଗତକାଲି ବଡ଼ ଏକାଦଶୀ ତିଥି ସୁନବେଶ ମହାପ୍ରଭୁଙ୍କ ଚାଲିଥିବା ସମୟରେ ସନ୍ଧ୍ୟା ୬ଟା ରେ ତାଙ୍କର ମୃତ୍ୟୁ ଘଟିଥିଲା। ପୂର୍ବରୁ ତାଙ୍କ ସ୍ୱାମୀ ଖଗେଶ୍ୱର ମିଶ୍ର ମୃତ୍ୟୁବରଣ କରିଥିଲା ବେଳେ ଏକମାତ୍ର ନାତିର ଆକସ୍ମିକ ସଡକ ଦୁର୍ଘଟଣା ଜନିତ ମୃତ୍ୟୁ ଏବଂ ବଡଝିଅର କ୍ୟାନସରରେ ମୃତ୍ୟୁ ପରେ ଭାଙ୍ଗି ପଡିଥିଲେ ।

# ପୁରାତନ ବିଦ୍ୟାର୍ଥୀ ପରିଷଦ ତରଫରୁ ୫୦ତମ ବିଦ୍ୟାଳୟ ପ୍ରତିଷ୍ଠା ଦିବସ ଓ ବନମହୋତ୍ସବ ପାଳିତ

ବାଲେଶ୍ୱର, ୦୭/୭ (ନି.ପ୍ର): ବାଲେଶ୍ୱର, ସଦର ବ୍ଲକ,ଗେଙ୍ଗୁଟି ଗ୍ରାମପଞ୍ଚାୟତର ଅଗ୍ରଣୀ ସାମାଜିକ ସଂଗଠନ ପୁରାତନ ବିଦ୍ୟାର୍ଥୀ ପରିଷଦ, ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ, ସାଉଁ ତରଫରୁ ବିଦ୍ୟାଳୟ ପରିସରରେ ପୁରାତନ ବିଦ୍ୟାର୍ଥୀ ପରିଷଦ ତରଫରୁ ବିଦ୍ୟାଳୟ ଇତିହାସରେ ପ୍ରଥମଥର ପାଇଁ ବିଦ୍ୟାଳୟ ପ୍ରତିଷ୍ଠା ଦିବସ ଓ ବନମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି।ଏହି ଅବସରରେ ସଙ୍ଗଠନର ସଭାପତି ଜଳଧର ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲ୍ଲା ବନଖଣ୍ଡ ଅଧିକାରୀ ଶ୍ରୀଯୁକ୍ତ ଅଭୟ କୁମାର ଦଳାଇ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରତିଷ୍ଠାତା ହରେନ୍ଦ୍ର ନାଥ ଦାସ ପ୍ରଧାନ ଶିକ୍ଷକ ଦ୍ରୋଣାଚାର୍ଯ୍ୟ ପଟ୍ଟାୟତ , ଉପଦେଷ୍ଟା ବନଲତା ଦାସ,ସବ୍ୟସାଚୀ ପ୍ରଧାନ ସମାଜସେବୀ ସତ୍ୟନାରାୟଣ ଆଚାର୍ଯ୍ୟ ପ୍ରମୁଖ ଯୋଗଦାନ କରିଥିଲେ। ସଂପାଦକ ସୁଧାକର ସେଠୀ ପ୍ରାକ କଥନ ରଖିଥିଲେ । ସହ ସମ୍ପାଦିକା ସାବିତ୍ରୀ ରାଣୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ପରିଷଦର ଯୁବ ସଭ୍ୟ ପ୍ରଶାନ୍ତ ସାମଲ ଧନ୍ୟବାଦ ପ୍ରଦାନ କରିଥିଲେ। ପରିଷଦ ତରଫରୁ ଯତୀନ ମହାନ୍ତି,ମନ୍ମଥ କୁମାର ବାରିକ,ଜନ୍ମେଜୟ ଜେନା,ନବ କୁମାର ନାୟକ କଥା ରଖିଥିଲେ। ଏହି ଅବସରରେ ଓକିଲ ସଂଘର ସଭାପତି ଶ୍ରୀଯୁକ୍ତ କେଶବ କୁମାର ଆଚାର୍ଯ୍ୟଙ୍କୁ ପ୍ରତିଭାଶାଳୀ ବ୍ୟକ୍ତିତ୍ୱ ସମ୍ମାନ -୨୦୨୫ ପ୍ରଦାନ କରାଯାଇଥିବା ବେଳେ ସତ୍ୟବ୍ରତ ସ ଙ୍କୁ ବୃକ୍ଷ ବନ୍ଧୁ ସମ୍ମାନରେ,ମ୍ୟାଟ୍ରିକ ପରୀକ୍ଷାରେ ବିଦ୍ୟାଳୟ ସ୍ତରରେ ସର୍ବାଧିକ ନମ୍ବର ରଖିଥିବା ପ୍ରଥମ ତିନି ଜଣଙ୍କୁ ବିଦ୍ୟାର୍ଥୀ ଗୌରବ ସମ୍ମାନ-୨୦୨୫ ସମ୍ମାନରେ ଆଦ୍ୟାଶା ବେହେରା, ଧାରାଶ୍ରୀ ପଣ୍ଡା,ନିର୍ମଳା ନାୟକ, ପ୍ରତିଷ୍ଠା ଦିବସ ଉପଲକ୍ଷେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ଅଭିପ୍ସା ସାମଲ ପ୍ରଥମ, ଦ୍ୱିତୀୟ ରୀତିଶା ପରିଡା, ତୃତୀୟ ଅଞ୍ଜଳୀ ଆଚାର୍ଯ୍ୟ, ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ଶତାବ୍ଦୀ ମହାପାତ୍ର, ଦ୍ୱିତୀୟ ଜ୍ୟୋତିଶ୍ରୀ ନାୟକ ତୃତୀୟ ମୃତ୍ୟୁଞ୍ଜୟ ମହାପାତ୍ର ଶାନ୍ତ୍ୱନା ମୂଳକ ପୁରସ୍କାର ରୁପେ ମାନ୍ୟତା ପାତ୍ର ,ପଙ୍କଜିନି ବାରିକଙ୍କୁ ପ୍ରଦାନ କରାଯାଇଥିଲା । ବୟୋଜ୍ୟେଷ୍ଠ ଉପଦେଷ୍ଟା ପିତାମ୍ବର ମହାପାତ୍ର ଏବଂ ହେମେନ୍ଦ୍ର ବୁଗୁଡେଇ ବୈଦିକ ରୀତିରେ ପୂଜାବିଧି ଏବଂ ରୋପଣମ୍ କାର୍ଯ୍ୟକ୍ରମରେ ୨୦୦ରୁ ଉର୍ଦ୍ଧ୍ୱ ବୃକ୍ଷ ବଣ୍ଟନରେ ଅଗ୍ରୀମ ଭୂମିକା ଗ୍ରହଣ କରିଥିଲେ । ବିଦ୍ୟାଳୟ ପରିସରରେ ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ଶ୍ରୀ ହରେନ୍ଦ୍ର ନାଥ ଦାସଙ୍କ ଦ୍ୱାରା ବୃକ୍ଷରୋପଣ ହୋଇଥିଲା। ସହଯୋଗ କରିଥିଲେ ଶୁଭ୍ରାଂଶୁ ରାଉତ,ଅନୀଲ ରଞ୍ଜନ ଜେନା, ନିହାର ସାମଲ,ରଶ୍ମିରଞ୍ଜନ ଜେନା, ଲକି ସାମଲ,ଜୟଶ୍ରୀ ରାଉତ, ଜୟନ୍ତ ଆଚାର୍ଯ୍ୟ, ଡମ୍ବରୁଧର ପାତ୍ର ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida